• Vol.- 46, Issue No. 22
• Wednesday, 22 April 2026
• ବୁଧବାର, ୨୨ ଏପ୍ରିଲ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com



# ସୁନ୍ଦରଗଡ଼ ସାହସୀ ଏବଂ କ୍ରୀଡ଼ା ପ୍ରେମୀଙ୍କ ଭୂମି: ରାଷ୍ଟ୍ରପତି

★ ପ୍ରତ୍ୟେକ ବର୍ଗର ବିକାଶ ଦ୍ୱାରା ହିଁ ଦେଶର ବିକାଶ ସମ୍ଭବ

★ ରାଉରକେଲା ସ୍ୱପ୍ନ, ଶୃଙ୍ଖଳା, ବିବିଧତା ଏବଂ ବୈଭବରେ ପରିପୂର୍ଣ୍ଣ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୧।୪: ଦିନିକିଆ ରାଉରକେଲା ଗସ୍ତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ବାୟୁସେନାର ହେଲିକପ୍ଟରରେ ରାଉରକେଲା ବିମାନ ବନ୍ଦରରେ ୧୧ଟା ୧୦ରେ ପହଞ୍ଚିଥିଲେ। ବିମାନ ବନ୍ଦରରୁ ସିଧାସଳଖ ସେକ୍ଟର-୧୩ ପଡ଼ିଆରେ ଆୟୋଜିତ ସମାବେଶ ସ୍ଥଳକୁ ଯାଇଥିଲେ । ପରେ ଆଇସିସିସି ବିଲଡିଂ, ସାଇନ୍ସ ପାର୍କ ଆଣ୍ଡ ପ୍ଲାନେଟାରିୟମ୍, କୋଏଲ ରିକ୍ରିଏସନ୍ ପାର୍କର ଉଦ୍‌ଘାଟନ କରିଛନ୍ତି । ମଧ୍ୟାହ୍ନ ୧୨ଟା ୪୦ରେ ସଭାସ୍ଥଳରୁ ବାହାରି ୧୨ଟା ୫୫ରେ ରାଉରକେଲା ଓ୍ୱାନ୍ ପରିସରକୁ ଆସି ଟ୍ରାଇବାଲ ମ୍ୟୁଜିୟମ୍ (ଜନଜାତି ସଂଗ୍ରହାଳୟ) ଉଦଘାଟନ କରିଛନ୍ତି । ଆୟୋଜିତ ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁନ୍ଦରଗଡ଼ର ଭୂରି ଭୂରି ପ୍ରଶଂସା କରିଛନ୍ତି। ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ, ଲୋକ ସଂସ୍କୃତି ଏବଂ ଐତିହ୍ୟକୁ ଆକର୍ଷଣର କେନ୍ଦ୍ରବିନ୍ଦୁ ବୋଲି କହିଛନ୍ତି। ଏହାର ଘନ ଜଙ୍ଗଲ, ପର୍ବତ, ଜଳପ୍ରପାତ ଏବଂ ନଦୀର ଆକର୍ଷଣ ନିଆରା। ସୁନ୍ଦରଗଡ଼ର କଳା ଏବଂ ସଂସ୍କୃତି ଓଡ଼ିଶାର ସାଂସ୍କୃତିକ ପ୍ରାଚୁର୍ଯ୍ୟକୁ ଆହୁରି ସମୃଦ୍ଧ କରିଛି । ସେ ଗୁରୁତ୍ୱାରୋପ କରିଥିଲେ ଯେ, ସୁନ୍ଦରଗଡ଼ ମଧ ସାହସୀ ବ୍ୟକ୍ତି ଏବଂ କ୍ରୀଡା ପ୍ରେମୀଙ୍କ ଭୂମି । ରାଷ୍ଟ୍ରପତି କହିଥିଲେ ଯେ ଓଡ଼ିଶା ସମେତ ଭାରତର ବିଭିନ୍ନ ଅଞ୍ଚଳର ଲୋକମାନେ ନିଯୁକ୍ତି ଏବଂ ଜୀବିକା ପାଇଁ ରାଉରକେଲାରେ ବାସ କରନ୍ତି । ସମାଜର ପ୍ରତ୍ୟେକ ବର୍ଗର ବିକାଶ ଦ୍ୱାରା ହିଁ ଦେଶର ବିକାଶ ସମ୍ଭବ । ଏହି ଚିନ୍ତାଧାରା ସହିତ, କେନ୍ଦ୍ର ଏବଂ ରାଜ୍ୟ ସରକାର ଆଦିବାସୀ କଲ୍ୟାଣ ପାଇଁ ବିଭିନ୍ନ ଯୋଜନାରେ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି । ଏହା ସୁନ୍ଦରଗଡ଼ ଭଳି ଆଦିବାସୀ ବହୁଳ ଜିଲ୍ଲା ଗୁଡ଼ିକରେ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛି, ଯେତେବେଳେ ଆଦିବାସୀ ସମ୍ପ୍ରଦାୟର ସଦସ୍ୟମାନଙ୍କର ଆର୍ଥିକ ଉନ୍ନତିକୁ ପ୍ରାଥମିକତା ଦେଉଛି। ସେହିଭଳି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଜୟ ଜଗନ୍ନାଥ ! ଆଜି ଏକ ଐତିହାସିକ ଦିନ । ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଗର୍ବ ଓ ଆନନ୍ଦର ଦିନ । ଭାରତର ପ୍ରଥମ ନାଗରିକ, ଆମ ମାଟିର ଗୌରବ ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମହୋଦୟା ଆଜି ଇସ୍ପାତ ସହର ରାଉରକେଲାରେ ଆମ ଗହଣରେ ଉପସ୍ଥିତ ଅଛନ୍ତି । ଆଧୁନିକ ଶିଳ୍ପ ବିପ୍ଳବର ପ୍ରାଣକେନ୍ଦ୍ର ସାଜିଥିବା ଇସ୍ପାତ ନଗରୀ ପାଇଁ ଅନେକ ଗୁଡିଏ ବିକାଶ ମୂଳକ ପ୍ରକଳ୍ପ ରାଷ୍ଟ୍ରପତିଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି। ଓଡିଶାର ମିନି ଇଣ୍ଡିଆ କୁହାଯାଉଥିବା ଏହି ରାଉରକେଲା ସହରକୁ ମୁଁ ରାଷ୍ଟ୍ରପତି ମହୋଦୟାଙ୍କୁ ଓଡ଼ିଶାବାସୀଙ୍କ ତରଫରୁ ସ୍ୱାଗତ କରୁଛି ଏବଂ ମୋର ହୃଦୟରୁ କୃତଜ୍ଞତା ଜଣାଉଛି । ରାଉରକେଲା କେବଳ ଏକ ଶିଳ୍ପ ସମୃଦ୍ଧ ସହର ନୁହେଁ । ଏହା ସ୍ୱପ୍ନ, ଶୃଙ୍ଖଳା, ବିବିଧତା ଏବଂ ବୈଭବରେ ପରିପୂର୍ଣ୍ଣ ସହର । ରାଉରକେଲା ସାରା ଦେଶରେ ସୁନାମ ଅର୍ଜନ କରିଛି । ଏହି ସହର ରାଷ୍ଟ୍ର ନିର୍ମାଣରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏହା ଲକ୍ଷ ଲକ୍ଷ ଲୋକଙ୍କୁ ନିଯୁକ୍ତି, ସୁଯୋଗ ଏବଂ ପରିଚୟ ଦେଇଛି । ଏହା ସହିତ, ରାଉରକେଲା ତା'ର ପ୍ରାକୃତିକ ସୌନ୍ଦର୍ଯ୍ୟ, ସମୃଦ୍ଧ ଆଦିବାସୀ ସଂସ୍କୃତି ଏବଂ ବିଶେଷ କରି ହକି ପାଇଁ ସ୍ୱତନ୍ତ୍ରତା ଅର୍ଜନ କରିଛି । ଆଜି ରାଷ୍ଟ୍ରପତି ମହୋଦୟାଙ୍କ କରକମଳରେ ପ୍ରାୟ ୪୮ କୋଟି ଟଙ୍କା ବ୍ୟୟରେ ଆଇସିସିସି ଉଦ୍‌ଘାଟିତ ହୋଇଛି ।

## ଢେଙ୍କାନାଳ ସହ କେନ୍ଦୁଝରରେ ହେବ ଷ୍ଟିଲ୍ ପ୍ଲାଣ୍ଟ

ଭୁବନେଶ୍ୱର,୨୧।୪: ଢେଙ୍କାନାଳ ସହ କେନ୍ଦୁଝରରେ ବି ହେବ ଷ୍ଟିଲ ପ୍ଲାଣ୍ଟ। ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ସୂଚନା ଦେଇଛନ୍ତି। ଢେଙ୍କାନାଳ ଜିଲ୍ଲାରେ ହେବାକୁ ଯାଉଛି ବାର୍ଷିକ ୬ ନିୟୁତ ଟନ ଉତ୍ପାଦନ କ୍ଷମତାଯୁକ୍ତ ଏକ ନୂଆ ସମନ୍ୱିତ ଷ୍ଟିଲ୍ ପ୍ଲାଣ୍ଟ । ଦକ୍ଷିଣ କୋରିଆର ପୋସ୍କୋ ଏବଂ ଭାରତର ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ମିଳିତ ହୋଇ ଏହାକୁ ନିର୍ମାଣ କରିବେ । ଏଥିପାଇଁ ଉଭୟ କମ୍ପାନିଙ୍କ ମଧ୍ୟରେ ସୋମବାର ଏକ ଯୌଥ ଉଦ୍ୟୋଗ ବୁଝାମଣା ସ୍ୱାକ୍ଷର ହୋଇଛି। ଏହି ପ୍ରକଳ୍ପ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲର ପୂର୍ଣ୍ଣ ମାଲିକାନାଯୁକ୍ତ ସହାୟକ କମ୍ପାନି ସାଫ୍ରନ ରିସୋର୍ସେସ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା କାର୍ଯ୍ୟକାରୀ ହେବ । ଢେଙ୍କାନାଳରେ ୧୦୦ ଏକର ଜମି ଅଛି। ଆହୁରି ଆବ୍ୟଶକ ପଡିପାରେ। ଆବ୍ୟଶକ ପଡିଲେ ଜମି ରାଜ୍ୟ ସରକାର ଯୋଗାଇ ଦେବେ। ଏହା ସହ ଅନୁମତି ଓ ରାଜିନାମା ସ୍ୱାକ୍ଷର ଠିକ ସମୟରେ ଉପଲବ୍ଧ କରାଯିବା ନେଇ ଅତିରିକ୍ତ ମୁଖ୍ୟ ସଚିବ ସୂଚନା ଦେଇଛନ୍ତି।



## ବାଣ କାରଖାନାରେ ବିସ୍ଫୋରଣ: ୧୩ ମୃତ



ତ୍ରିସୁର,୨୧।୪: ମଙ୍ଗଳବାର କେରଳର ତ୍ରିସୁର ଜିଲ୍ଲାର ମୁଣ୍ଡଥିକକୋଡୁ ଅଞ୍ଚଳରେ ଏକ ବାଣ ତିଆରି ୟୁନିଟରେ ଭୟଙ୍କର ବିସ୍ଫୋରଣ ଘଟିଛି । ଏହି ଦୁର୍ଘଟଣାରେ ୧୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି। ସହରରେ ଆୟୋଜିତ ବାର୍ଷିକ ହିନ୍ଦୁ ମନ୍ଦିର ମହୋତ୍ସବ ତ୍ରିସୁର ପୁରମ୍ ପାଇଁ ପ୍ରସ୍ତୁତି ଚାଲିଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳକୁ ପହଞ୍ଚିଥିବା ଜଣେ ରାଜ୍ୟ ସରକାରୀ ଅଧିକାରୀ କହିଛନ୍ତି ଯେ ବିସ୍ଫୋରଣ ସମୟରେ ୟୁନିଟରେ ପ୍ରାୟ ୪୦ଜଣ କାମ କରୁଥିଲେ । କାରଣ ଆୟୋଜକମାନେ ଶ୍ରମିକମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଆଣିଥିଲେ। ପ୍ରାରମ୍ଭିକ ଭାବରେ ମୃତ୍ୟୁ ସଂଖ୍ୟା ୮ ଥିଲା କିନ୍ତୁ, ଯାହାକି ପରେ ବଢିକି ୧୩ରେ ପହଁଞ୍ଚିଛି। ଅଧିକାରୀ କହିଛନ୍ତି, ଆମେ ସୂଚନା ପାଇଛୁ ଯେ ସାତ ଜଣ ଜୀବନ ବଞ୍ଚାଇ ପଳାଇବାରେ ସଫଳ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ ବିସ୍ଫୋରଣ ଏକ ବାଣ ତିଆରି ୟୁନିଟରେ ଘଟିଥିଲା ଯେଉଁଠାରେ ତ୍ରିସୁର ପୁରମର ତିରୁଭମ୍ବାଡି ଗୋଷ୍ଠୀ ପାଇଁ ଆତସବାଜି ନମୁନା ପ୍ରସ୍ତୁତ କରାଯାଉଥିଲା। ସୂତ୍ର ଅନୁସାରେ, ସେହି ସ୍ଥାନରେ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଗଚ୍ଛିତ ଥିଲା, ଯାହା ନିଆଁ ଲାଗି ଏକ ବଡ଼ ବିସ୍ଫୋରଣର କାରଣ ପାଲଟିଥିଲ। ଆହତଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଆହତଙ୍କୁ ସବୁ ପ୍ରକାର ଚିକିତ୍ସା ସହାୟତା ପ୍ରଦାନ କରାଯାଉ। ଉଦ୍ଧାର କାର୍ଯ୍ୟରେ ତତ୍ପରତା ଦେଖାଇବାକୁ ମଧ କହିଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ବିସ୍ଫୋରଣ ମଧ୍ୟାହ୍ନ ପ୍ରାୟ ୩ଟା ୩୦ ମିନିଟରେ ଘଟିଥିଲା। ବାଣ ପାଇଁ ବହୁ ଅସ୍ଥାୟୀ ସେଡ୍ ତିଆରି କରାଯାଇଥିଲା, ଯାହାକି ଧାନ ବିଲ୍ ଭିତରେ ବି ଥିଲା। ବିସ୍ଫୋରଣ ଏତେ ଜୋରଦାର ଥିଲା ଯେ, ସେଠାରେ ବହୁ କିଲୋମିଟର ପର୍ଯ୍ୟନ୍ତ ଏହାର ଶବ୍ଦ ଶୁଣିବାକୁ ମିଳିଥିଲା। ତ୍ରିସୁର ଜିଲ୍ଲାପାଳ କହିଛନ୍ତି, ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହା ପଛର କାରଣ କ'ଣ ତାହା ଏଯାଏଁ ଜଣାପଡିନି। ତଦନ୍ତ ପରେ ବିସ୍ତୃତ ବିବରଣୀ ମିଳିପାରିବ। ଅପରପକ୍ଷେ ମୃତାହତ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ ଶୋକବ୍ୟକ୍ତ କରିଛନ୍ତି। ଏହାସହ ମୃତକଙ୍କ ପରିବାରକୁ ସମବେଦନା ଜ୍ଞାପନ କରିବା ସହ ଆହତଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତ। ମୃତକଙ୍କ ପାଇଁ ଦୁଇଲକ୍ଷ ଟଙ୍କା ଓ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ। ସୋସିଆଲ ମିଡିଆ 'ଏକ୍ସ'ରେ ଏହି ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ।

## ଟ୍ରାନ୍ସଜେଣ୍ଡର କଲ୍ୟାଣ ବୋର୍ଡ ଗଠନ କଲେ ରାଜ୍ୟ ସରକାର

ଭୁବନେଶ୍ୱର,୨୧।୩: ରାଜ୍ୟ ସରକାର ଟ୍ରାନ୍ସଜେଣ୍ଡର କଲ୍ୟାଣ ବୋର୍ଡ ଗଠନ କରିଛନ୍ତି। ଏହି ବୋର୍ଡର ଅଧ୍ୟକ୍ଷ ରହିବେ ମୁଖ୍ୟ ଶାସନ ସଚିବ । ରାଜ୍ୟ ସାମାଜିକ ସଶକ୍ତିକରଣ ଓ ଭିନ୍ନକ୍ଷମ ବିଭାଗର ସଚିବ ଏହାର ଉପାଧ୍ୟକ୍ଷ ରହିବେ। ଏହି ବିଭାଗର ନିର୍ଦ୍ଦେଶକ ସଦସ୍ୟ ସଚିବ ରହିଛନ୍ତି। ସେହିପରି ବୋର୍ଡର ସଦସ୍ୟ ଭାବେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ, ବିଭାଗର ଅତିରିକ୍ତ ସଚିବ ସଦସ୍ୟ ରହିବେ। ସେହିଭଳି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ ବିଭାଗ, ପଞ୍ଚାୟତ ରାଜ୍ ଓ ପାନୀୟ ଜଳ, ଗୃହ ନିର୍ମାଣ ଏବଂ



ନଗର ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଉଚ୍ଚ ଶିକ୍ଷା, ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗରୁ ସଦସ୍ୟ ଭାବେ ରହିବେ। ଏଥି ସହିତ ସଦସ୍ୟ ଭାବେ ରାଜ୍ୟର ପ୍ରଥମ ଟ୍ରାନ୍ସଜେଣ୍ଡର ଡକ୍ଟରେଟ୍ ପାଇଥିବା ଦୀପ୍ତି ମହାପାତ୍ର ଏବଂ ଟ୍ରାନ୍ସଜେଣ୍ଡର ଅଧିକାର କର୍ମୀ ସୌମ୍ୟ ଦାସ ରହିଛନ୍ତି। ଭୁବନେଶ୍ୱରସ୍ଥିତ ଟ୍ରାନ୍ସଜେଣ୍ଡର ସୁରକ୍ଷା ଟ୍ରଷ୍ଟ ଏବଂ ବାଲୁଗାଁ ସ୍ଥିତ ଚେତନା ସଂଗଠନର ଜଣେ ଲେଖାଏଁ ପ୍ରତିନିଧି ସଦସ୍ୟ ଭାବେ ରହିବେ। ଏମାନଙ୍କ ବ୍ୟତିତ ବଲାଙ୍ଗୀର, ଅନୁଗୋଳ ଏବଂ ଖୋର୍ଦ୍ଧାର ଜିଲାପାଳମାନେ ପର୍ଯ୍ୟାୟକ୍ରମେ ସଦସ୍ୟ ଭାବେ ସ୍ଥାନ ପାଇବେ। ସୂଚନା ଯୋଗ୍ୟ ଯେ, ୨୦୨୫ ମସିହା ମେ' ୧୫ ତାରିଖରେ ମଧ କଲ୍ୟାଣ ବୋର୍ଡ ଗଠନ କରାଯାଇଥିଲା। ଏହାର କାର୍ଯ୍ୟକାଳ ତିନି ବର୍ଷ ରହିବ ବୋଲି କୁହାଯାଇଥିଲା। ବୋର୍ଡର ଅଧ୍ୟକ୍ଷ ଥିଲେ ବିଭାଗୀୟ ମନ୍ତ୍ରୀ। କିନ୍ତୁ ମାତ୍ର ଗୋଟିଏ ବର୍ଷ ଭିତରେ ବୋର୍ଡର ପୁର୍ନଗଠନ କରାଯାଇଛି।

## ସହରାଞ୍ଚଳରେ ସୁବିଧାରେ ଫ୍ଲାଟ ଯୋଗାଇ ଦେବେ ସରକାର



ଭୁବନେଶ୍ୱର,୨୧।୪: ସହରାଞ୍ଚଳରେ ସୁବିଧାରେ ଫ୍ଲାଟ ଯୋଗାଇ ଦେବେ ସରକାର । ମହାରାଷ୍ଟ୍ର ଢାଞ୍ଚାରେ ପିପିପି ମୋଡ଼ରେ ହେବ ପ୍ରକଳ୍ପ । ଏନେଇ ନୂଆ ମୋଡାଲିଟି ପ୍ରସ୍ତୁତ କରୁଛି ନଗର ଉନ୍ନୟନ ଏବଂ ରାଜସ୍ୱ ବିଭାଗ । ମହାରାଷ୍ଟ୍ର ମଡେଲରେ ପିପିପି ମୋଡ଼ରେ ଫ୍ଲାଟ ବନେଇକି ଦେବେ ସରକାର । ଅନ୍ୟ ରାଜ୍ୟ ମଡେଲ ବାବଦରେ ବି ଅଧ୍ୟୟନ କରାଯାଉଛି ।

## ଜଳୁଛି ପଶ୍ଚିମ ଓଡ଼ିଶା



ଭୁବନେଶ୍ୱର,୨୧।୪: ରାଜ୍ୟରେ ପ୍ରବଳ ଖରା ସହ ଜଳୁଛି ପଶ୍ଚିମରୁ ଉପକୂଳ। ୨୫ ଯାଏ ତାତିରୁ ତ୍ରାହି ନଥିବା ବେଳେ ଡରାଇଛି କାଳବୈଶାଖୀ । ଆସନ୍ତା ୨୪ ଘଣ୍ଟାରେ ଉପକୂଳ ଓଡ଼ିଶାର ୧୧ ଜିଲ୍ଲାରେ ପ୍ରବଳ ଖରା ଗରମ ଓ ଗୁଳୁଗୁଳିକୁ ନେଇ ଉଷ୍ମ ଓ ଆଦ୍ର ସ୍ଥିତିକୁ ନେଇ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଗଂଜାମ, ଗଜପତି, ନୟାଗଡ, ଖୋର୍ଦ୍ଧା, କଟକ, ପୁରୀ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ପାଇଁ ସତର୍କତା ଜାରି କରାଯାଇଛି। ସେହିପରି ରାଜ୍ୟରେ କାଳବୈଶାଖୀର ପ୍ରଭାବ ୫ ଦିନ ଯାଏ ଥିବା ବେଳେ ଝାରସୁଗୁଡା ବରଗଡ଼ ସମ୍ବଲପୁର ଦେଓଗଡ ଓ ସମ୍ବଲପୁରକୁ ବାଦ ଦେଇ ଅବଶିଷ୍ଟ ୨୫ ଜିଲ୍ଲାକୁ ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନାକୁ ନେଇ ୟେଲୋ ବର୍ଣ୍ଣିଙ୍ଗ ଜାରି ହୋଇଛି ।

## ଖରା ଛୁଟିରେ ହ୍ୱାଟ୍ସଆପ୍‌ରେ ପାଠ ପଢ଼ିବେ ସ୍କୁଲ ଛାତ୍ରଛାତ୍ରୀ

ଭୁବନେଶ୍ୱର,୨୧।୪: ଏଥର ଖରା ଛୁଟିରେ ପିଲାମାନେ ହ୍ୱାଟ୍ସଆପ୍ ମାଧ୍ୟମରେ ପାଠ ପଢ଼ିବେ। ପିଲାଙ୍କୁ ହ୍ୱାଟ୍ସଆପରେ ଦିଆଯିବ ସମର ଲର୍ଣ୍ଣିଂ। ଏନେଇ ମଙ୍ଗଳବାର ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ବା ଓସେପା ତରଫରୁ ଜାରି ହୋଇଛି ମାର୍ଗଦର୍ଶିକା। ଏହି ସମର ଲର୍ଣ୍ଣିଂ ବ୍ୟବସ୍ଥା ଅନୁସାରେ, ଅଭିଭାବକଙ୍କ ହ୍ୱାଟ୍ସଆପ୍ ଜରିଆରେ ପିଲାଙ୍କୁ ଆସାଇନମେଣ୍ଟ ଦିଆଯିବ। ସମର ଲର୍ଣ୍ଣିଂ କାର୍ଯ୍ୟକ୍ରମ ଅଧୀନରେ ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ବ୍ୟବସ୍ଥା ପାଠପଢ଼ା ବ୍ୟବସ୍ଥା କରାଯାଇଛି। ଏନେଇ ରାଜ୍ୟର ସବୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି କରିଛି ଓସେପା। ଆସନ୍ତା ୨୫ ତାରିଖ ସୁଦ୍ଧା ହ୍ୱାଟ୍ସଆପ୍ ଗ୍ରୁପ୍ କରିବାକୁ ଚିଠିରେ ଉଲ୍ଲେଖ ରହିଛି।

## ଦୁର୍ନୀତିମୁକ୍ତ ହେବ ଓକାକ୍: ମନ୍ତ୍ରୀ

ଭୁବନେଶ୍ୱର,୨୧।୪: ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଦ୍ୱାରା ଅଣା ଯାଇଥିବା ଆଭାସୀ କ୍ଲାସରୁମ ପ୍ରକଳ୍ପ ଟେଣ୍ଡର ଦୁର୍ନୀତି ଘଟଣାର ଅଭିଯୋଗ ଉପରେ ସ୍ପଷ୍ଟୀକରଣ ରଖିବା ସହ ଓଡିଶା କମ୍ପୁଟର ଆପ୍ଲିକେସନ ସେଣ୍ଟର (ଓକାକ)କୁ ଆକ୍ସନ ଟେକେନ ରିପୋର୍ଟ



ମାଗିଛନ୍ତି ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ । ପ୍ରସଙ୍ଗ ସମ୍ପର୍କରେ ନିଜ ପ୍ରତିକ୍ରିୟାରେ ଗଣମାଧ୍ୟମକୁ ମନ୍ତ୍ରୀ କହିଛନ୍ତି, ଏହି ଅଭିଯୋଗ ସଂପୂର୍ଣ୍ଣ ଭିତ୍ତିହୀନ। (ଓକାକ ଏକ ସ୍ୱୟଂଶାସିତ ଅନୁଷ୍ଠାନ। ଏହା ସୋସାଇଟି ରେଜିଷ୍ଟ୍ରେସନ ଆକ୍ଟ ୧୮୬୦ ଅନୁସାରେ ଗଠିତ ଯେଉଁଥିରେ ଚେୟାରମ୍ୟାନ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ସଚିବ ଅଛନ୍ତି। ଆଭାସୀ କ୍ଲାସରୁମ ପ୍ରକଳ୍ପ ଟେଣ୍ଡର ଦୁର୍ନୀତି ଘଟଣା ବିଷୟରେ ସେ ଯେତେବେଳେ ଜାଣିଲେ ୭ ଦିନ ଭିତରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଆକ୍ସନ ଟେକେନ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ଯେ, ବିଭିନ୍ନ ବିଭାଗର ଆଇ.ଟି. ସମ୍ବର୍ଦ୍ଧିତ କାମ ଓକାକ ଦ୍ୱାରା ସମ୍ପାଦିତ ହେଉଥାଏ । ଏଥିରେ ହେଉଥିବା କାମ ଓକାକ ଚେୟାରମ୍ୟାନ ଦ୍ୱାରା ସିଧାସଳଖ ଅନୁମୋଦନ ହୋଇଥାଏ। ସେ କହିଛନ୍ତି ଯେ ତାଙ୍କରି ସରକାର ଦୁର୍ନୀତିକୁ ପ୍ରଶ୍ରୟ ଦିଏ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ଏହି ସଂସ୍ଥା ରେ କିପରି ସୁଧାର ଅଣାଯାଇ ହେବ ସେ ବିଷୟରେ ଆଲୋଚନା କରିବେ । ଏଥିରେ ଯେଉଁ ମାନେ ଦୋଷୀ ସାବ୍ୟସ୍ତ ହେବେ ସେମାନଙ୍କ ବିରୋଧରେ କୋଠର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଓକାକ୍‌କୁ ଦୁର୍ନୀତିମୁକ୍ତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

### ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ

## ୧୮ ପ୍ରକଳ୍ପକୁ ଅନୁମୋଦନ: ୭,୫୦୦ ଜଣଙ୍କୁ ମିଳିବ ନିଯୁକ୍ତି



ଭୁବନେଶ୍ୱର,୨୧।୪: ୧୪୬ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ୧୮ଟି ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ବସିଥିଲା ବୈଠକ । ବୈଠକରେ ୧୮ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି । ଏହି ସମସ୍ତ ପ୍ରକଳ୍ପରେ ୩ ହଜାର ୮୭୭ କୋଟି ୧୪ ଲକ୍ଷ ଟଙ୍କାର ପୁଞ୍ଜିନିବେଶ କରାଯିବ । ଏଥିଯୋଗୁ ରାଜ୍ୟରେ ପ୍ରାୟ ୭,୫୦୦ ଜଣ ଯୁବକ ଯୁବତୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ । ଏହି ପ୍ରକଳ୍ପଗୁଡ଼ିକ ଓଡ଼ିଶାର ୧୧ଟି ଜିଲ୍ଲାରେ ସ୍ଥାପନ କରାଯିବ । ଜିଲ୍ଲାଗୁଡ଼ିକ ହେଲା ବାଲେଶ୍ୱର, ଦେବଗଡ଼, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ପୁରୀ, ସମ୍ବଲପୁର ଏବଂ ସୁନ୍ଦରଗଡ଼ । ବିଭିନ୍ନ କ୍ଷେତ୍ରରେ ହେବ ପୁଞ୍ଜିନିବେଶ । ଓଡ଼ିଶାର ମୁଖ୍ୟ ଶିଳ୍ପ କ୍ଷେତ୍ରକୁ ଅଧିକ ଶକ୍ତିଶାଳୀ ପାଇଁ ରୁନାୟା ଏକାର୍ଟ ଆଲୁମିନିୟମ ପାଉଡର କାରଖାନା ଝାରସୁଗୁଡାରେ ପ୍ରତିଷ୍ଠା କରିବ। ତାସହ ସ୍କାନ୍ ଷ୍ଟିଲ୍ସ ଏବଂ ଜୟ ଜଗନ୍ନାଥ ଷ୍ଟିଲ୍ ଭଳି କମ୍ପାନୀଗୁଡ଼ିକ ସେମାନଙ୍କର ଇସ୍ପାତ ଓ ଲୁହା ଉତ୍ପାଦନ କ୍ଷମତା ବୃଦ୍ଧି କରିବେ। ସୋଲାର ଇଣ୍ଡଷ୍ଟ୍ରିଜ୍ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲାରେ ଏକ ଶିଳ୍ପ ଭିତ୍ତିକ ବିସ୍ଫୋରକ ଉତ୍ପାଦନ କାରଖାନା ସ୍ଥାପନ କରାଯିବ। ସେହିପରି ଉନ୍ନତ ପ୍ରଯୁକ୍ତିବିଦ୍ୟାକୁ ପ୍ରୋତ୍ସାହନ ଦେବା ପାଇଁ ଏନଭେୟାର ଇଲେକ୍ଟ୍ରୋଡାଇନ୍ ଲିମିଟେଡ୍ ପକ୍ଷରୁ ଇଲେକ୍ଟ୍ରୋନିକ୍ସ ମାନୁଫାକଚରିଂ ୟୁନିଟ୍ ପ୍ରତିଷ୍ଠା ହେବ। ଏହାଦ୍ୱାରା ବୈଷୟିକ ଶିକ୍ଷା ପାଇଥିବା ଯୁବକମାନଙ୍କୁ ଅଧିକ ଚାକିରି ସୁଯୋଗ ମିଳିବ । ରାଜ୍ୟର ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ହାର୍ମାନ ଫିନୋକେମ୍ ଔଷଧ କାରଖାନା ଏବଂ ଆମ୍ବିଟେକ୍ ହେଲଥକେୟାର ମେଡିକାଲ ଡିଭାଇସ୍ ତିଆରି ୟୁନିଟ୍ ପ୍ରତିଷ୍ଠା କରିବେ। ସେପଟେ ବାଲେଶ୍ୱରରେ ଏକ ନୂଆ ଜାହାଜ ନିର୍ମାଣ ଓ ମରାମତି କେନ୍ଦ୍ର ଖୋଲିବ। ଏହା ସହିତ ପର୍ଯ୍ୟଟନ କ୍ଷେତ୍ରକୁ ବୃଦ୍ଧି ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ୬ଟି ନୂଆ ହୋଟେଲ ଓ ରିସୋର୍ଟ ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି।

# ଶ୍ମଶାନବାସୀ ଭଗବାନ ଶିବ



ଭଗବାନ ଶିବଙ୍କ ଅନେକ ରୂପ ମଧ୍ୟରେ ଗୋଟିଏ ହେଉଛି ଶ୍ମଶାନ ଦେବତା। ଶିବ ଗୃହସ୍ଥ ହୋଇଥିଲେ ମଧ୍ୟ ଶ୍ମଶାନରେ ରୁହନ୍ତି। ସେ ସଂସାରୀ ହୋଇଥିଲେ ବି ଶ୍ମଶାନରେ କାହିଁକି ରୁହନ୍ତି ? ସେ ଏହା ଦ୍ୱାରା ଦୁନିଆକୁ କି ବାର୍ତ୍ତା ଦେବାକୁ ଚାହାନ୍ତି ? ଭଗବାନ ଶିବଙ୍କୁ ସନାତନ ଧର୍ମର ସବୁଠାରୁ ରହସ୍ୟମୟ ଦେବତା ଭାବରେ ବିବେଚନା କରାଯାଏ। ତାଙ୍କ ପୋଷାକ ଅନ୍ୟ ଦେବତାମାନଙ୍କ ଠାରୁ ଭିନ୍ନ। ଶିବ ପୁରାଣ ଅନୁଯାୟୀ ଭଗବାନ ଶିବଙ୍କ ପରିବାରରେ ମାତା ପାର୍ବତୀ, ଭଗବାନ ଗଣେଶ, କାର୍ତ୍ତିକେୟ ଏବଂ ନନ୍ଦୀ ଅନ୍ତର୍ଭୁକ୍ତ। ଗୃହସ୍ଥ ହୋଇଥିଲେ ମଧ୍ୟ ତାଙ୍କର ରୂପ ସମ୍ପୂର୍ଣ୍ଣ ବିପରୀତ। ସେ ତାଙ୍କ ପରିବାର ସହିତ କୈଳାସରେ ରହୁଥିବାରୁ ତାଙ୍କୁ କୈଳାସପତି ମଧ୍ୟ କୁହାଯାଏ। ସେହିପରି ଶ୍ମଶାନରେ ଏକାକୀ ବାସ କରୁଥିବାରୁ ତାଙ୍କୁ ଶ୍ମଶାନ ଦେବତା ମଧ୍ୟ କୁହାଯାଏ। ସେ ମୂଲ୍ୟବାନ ବସ୍ତ୍ର ପରିବର୍ତ୍ତେ ଭସ୍ମ ଧାରଣ କରନ୍ତି। ଭଗବାନ ଶିବ ଶ୍ମଶାନରେ ବାସ କରିବା ସୂଚାଏ ଯେ ପ୍ରତ୍ୟେକ ବ୍ୟକ୍ତି ସଂସାରରେ ରହି ନିଜର ସମସ୍ତ କର୍ତ୍ତବ୍ୟକୁ ପୂରା ନିଷ୍ଠାର ସହିତ ପାଳନ କରିବା ଉଚିତ। ସରଳ ଭାଷାରେ କହିବାକୁ ଗଲେ ଶିବଙ୍କର ଏହି ରୂପ ଶିକ୍ଷା ଦିଏ ଯେ ଜୀବନରେ ସବୁକିଛି କରିବା ବେଳେ ମନ ଏବଂ ଆତ୍ମାରେ ବୈରାଗ୍ୟକୁ ଧାରଣ କରିବା ଉଚିତ। ଏହା ଦ୍ୱାରା ଜୀବନରେ ଶାନ୍ତି ପ୍ରାପ୍ତ ହୁଏ।

# ଚନ୍ଦନ ଯାତ୍ରା



ଶ୍ରୀମନ୍ଦିରର ଦକ୍ଷିଣ ଘରୁ ଅଷ୍ଟଧାତୁ ନିର୍ମିତ ତିନୋଟି ଚଳନ୍ତି ପ୍ରତିମା ମଦନମୋହନ, କୃଷ୍ଣ, ରାମ (ବଳରାମ) ଓ ରତ୍ନସିଂହାସନ ଉପରୁ ଦୁଇଟି ଚଳନ୍ତି ପ୍ରତିମା ଲକ୍ଷ୍ମୀଙ୍କର ସୁବର୍ଣ୍ଣ ପ୍ରତିମା ଓ ସରସ୍ୱତୀଙ୍କର ରୌପ୍ୟ ପ୍ରତିମା ଚନ୍ଦନଯାତ୍ରାରେ ଭାଗ ନିଅନ୍ତି। ଚନ୍ଦନ ଯାତ୍ରା ପଟୁଆରରେ ସମୁଦାୟ ଦଶଗୋଟି ଚଳନ୍ତି ପ୍ରତିମା, ବିମାନ ଓ ପାଲିଙ୍କିରେ ବିଜେ କରିଥାନ୍ତି। ସବୁଠୁ ସୁଦୃଶ୍ୟ ବିମାନରେ ବିଜେ କରିଥାନ୍ତି ମଦନମୋହନ, ଶ୍ରୀଦେବୀ ବା ଲକ୍ଷ୍ମୀ ଏବଂ ଭୂଦେବୀ ବା ସରସ୍ୱତୀ। ବିମାନ ପଛ ପାଲିଙ୍କିରେ ବଳରାମ ଓ କୃଷ୍ଣ ଆରୋହଣ କରିଥାନ୍ତି। ଅନ୍ୟ ପାଞ୍ଚଗୋଟି ବିମାନରେ ପଞ୍ଚୁପାଣ୍ଡବ ରୂପେ ପରିଚିତ ପଞ୍ଚ ମହାଦେବ ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀନୀଳକଣ୍ଠେଶ୍ୱର, ଶ୍ରୀଜମ୍ବେଶ୍ୱର ଓ ଶ୍ରୀକପାଳମୋଚନ ବିଜେ କରିଥାନ୍ତି। ନରେନ୍ଦ୍ର ପୋଖରୀରେ ଯୋଡ଼ିଏ ଲେଖାଁଏ ନୌକା ଯୋଡ଼ାହୋଇ ଦୁଇଗୋଟି ଚାପ ପ୍ରସ୍ତୁତ ହୋଇଥାଏ। ଗୋଟିଏ ଚାପରେ ଥିବା ରୁପା କାରୁକାର୍ଯ୍ୟ ପୂର୍ଣ୍ଣ ସିଂହାସନରେ ମଦନମୋହନ, ଶ୍ରୀଦେବୀ, ଭୂଦେବୀ, ବଳରାମ ଓ କୃଷ୍ଣ ଉପବେଶନ କରନ୍ତି। ଅନ୍ୟ ଚାପରେ ବସନ୍ତି ପଞ୍ଚୁପାଣ୍ଡବ ରୂପେ ପରିଚିତ ପଞ୍ଚ ମହାଦେବମାନେ। ପ୍ରତିମାମାନଙ୍କ ସହ ଚାପ ଦୁଇଟିରେ ପୂଜାପଣ୍ଡା, ସିଂହାରୀ, ଗରାବଡୁ, ସୁଆରବଡୁ, ପତ୍ରୀବଡୁ, ହଡ଼ପ, ଖୁଣ୍ଟିଆ ପ୍ରଭୃତି ସେବକ ରହିଥାଆନ୍ତି। ଚାପ ଦୁଇଟି ନରେନ୍ଦ୍ର ପୁଷ୍କରିଣୀରେ ଘେରାଏ ଘେରାଏ ବୁଲି ଆସନ୍ତି। ସ୍ନାନରୀତି ପାଇଁ ତିନିଗୋଟି କୁଣ୍ଡରେ ଚନ୍ଦନ, କର୍ପୁର, କସ୍ତୁରୀ, ଜାଇଫଳ, ମଲ୍ଲୀ, ଚମ୍ପା, ଜୁଇ, ସୁଗନ୍ଧରାଜ, ଗୋଲାପ ପ୍ରଭୃତି ବ୍ୟବହାର କରି ସୁବାସିତ ଜଳ ପ୍ରସ୍ତୁତ କରାଯାଏ। ସେହି କୁଣ୍ଡରେ ବୁଡ଼ ପକାନ୍ତି ଚଳନ୍ତି ପ୍ରତିମାମାନେ। ଚନ୍ଦନ ଯାତ୍ରାର ଏକୋଇଶ ଦିନରୁ କୋଡ଼ିଏ ଦିନ ମଦନମୋହନ ପ୍ରତ୍ୟେକ ଦିନ ନୂଆ ବେଶ ଧାରଣ କରନ୍ତି। ବାହାର ଚନ୍ଦନ ପରେ ଭିତର ଚନ୍ଦନ ଆୟୋଜନ ଶ୍ରୀମନ୍ଦିରରେ ହୋଇଥାଏ।

# ଓଁ ବିନା ସମସ୍ତ ମନ୍ତ୍ର ପ୍ରାଣ ଶକ୍ତିବିହୀନ



ବିଭିନ୍ନ ମନ୍ତ୍ରର ପ୍ରାରମ୍ଭରେ 'ଓଁ'ର ଉଚ୍ଚାରଣ ହୋଇଥାଏ । 'ଓଁ'କୁ ଏକାକ୍ଷରୀ ମନ୍ତ୍ର ଭାବେ ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି । 'ଓଁ' ବିନା ସମସ୍ତ ମନ୍ତ୍ର ପ୍ରାଣଶକ୍ତି ବିହୀନ ବୋଲି କୁହାଯାଏ । ତେବେ ଓଁର ନିୟମିତ ଜପ ଆମ ଶରୀର ପାଇଁ ଉପକାରୀ ହୋଇଥାଏ । ନିୟମିତ ସକାଳୁ ଓ ସଂଧ୍ୟାରେ ପଦ୍ମାସନରେ ବସି ଧୀରେ ଧୀରେ ପ୍ରାଣବାୟୁରେ ସମନ୍ୱୟ ଆଣି ଏହି 'ଓଁ' ମହାମନ୍ତ୍ର ଜପ କଲେ ଅନେକ ରୋଗରୁ ମୁକ୍ତି ମିଳିଥାଏ । ଏହାକୁ ଧୀଶକ୍ତି ବୃଦ୍ଧି କରିବା ସହିତ ମନରେ ଏକାଗ୍ରତା ଆଣିଥାଏ। ଓଁ ମହାମନ୍ତ୍ର ୧୦୮ଥର ଜପ କରିବା ଦ୍ୱାରା ମାନସିକ ଅବସାଦରୁ ମୁକ୍ତି ମିଳିଥାଏ । ଏହାର ଜପଦ୍ୱାରା ମନରେ କୌଣସି ଖରାପ ଚିନ୍ତା ଉଦ୍ରେକ ହୋଇ ନଥାଏ । ଏହାର ପ୍ରଭାବରେ କାର୍ଯ୍ୟକ୍ଷମତା ବୃଦ୍ଧି ପାଇଥାଏ । ଏହି ମହାମନ୍ତ୍ର ଆତ୍ମା ଓ ପରମାତ୍ମା ମଧ୍ୟରେ ଯୋଗସୂତ୍ର ରକ୍ଷା କରୁଥିବା ବିଶ୍ୱାସ କରାଯାଏ । 'ଓଁ' ମନ୍ତ୍ର ଜପକଲେ ରକ୍ତ ସଂଚାଳନ ସ୍ୱାଭାବିକ ହୋଇଥାଏ ।

# ନୃସିଂହ ନାଥ ମନ୍ଦିର





ପୁରାଣ ଯୁଗର କଥା। ସୁବାହୁ ବନ ନିକଟରେ ଥିବା ଗୋଦାବରୀ ନଦୀ କୂଳରେ ଉଡ଼ଙ୍ଗ ଋଷି ବାସ କରୁଥିଲେ। ତାଙ୍କର ଥିଲେ ଜଣେ ଅପୂର୍ବ ସୁନ୍ଦରୀ କନ୍ୟା, ଯାହାର ନାଁ ଥିଲା 'ମାଳତୀ'। ମାଳତୀଙ୍କୁ ଲଙ୍କାର ରାଜା ରାବଣ ଓ ପରେ ପରେ ମୂଷିକ ଦୈତ୍ୟ ଅପହରଣ କରିନେଇ ତାଙ୍କ ଉପରେ ପାଶବିକ ଅତ୍ୟାଚାର କଲେ। ଫଳରେ ଧର୍ଷିତା ମାଳତୀଙ୍କ ଗର୍ଭରୁ ଜନ୍ମନେଲା ଆଉ ଜଣେ ମୂଷିକ ଦୈତ୍ୟ। ଏହି ମୂଷିକ ଦୈତ୍ୟ ଦେବତାଙ୍କୁ ବହୁତ ହଇରାଣ କରୁଥିଲା। ଏମିତିକି ଦେବୀ ଦୁର୍ଗାଙ୍କୁ ମଧ୍ୟ ସେ ଯୁଦ୍ଧରେ ପରାସ୍ତ କରିଥିଲା। ଭୟରେ ଦେବତାମାନେ, ବିଷ୍ଣୁଙ୍କ ଅବତାର ନେଇ ଜନ୍ମ ହେଇଥିବା ରାମଙ୍କୁ ପ୍ରାର୍ଥନା କଲେ। ଦେବତାଙ୍କ ପ୍ରାର୍ଥନା ଫଳରେ ରାମଚନ୍ଦ୍ର ନୃସିଂହ ରୂପ ଧାରଣ କରି ମୂଷିକ ଦୈତ୍ୟ ପଛରେ ଗୋଡ଼ାଇଲେ। ମୂଷିକ ଦୈତ୍ୟ ନିଜକୁ ମୂଷା ରୂପରେ ପରିବର୍ତ୍ତନ କରି ଗନ୍ଧଗିରି ମଧ୍ୟରେ ଲୁଚିଗଲା। ଗନ୍ଧଗିରିର ଅନୁରୋଧ ରକ୍ଷା କରିବାକୁ ଯାଇ, ରାମଚନ୍ଦ୍ର ନୃସିଂହ ରୂପ ପରିତ୍ୟାଗ କଲେ ସତ, ମାତ୍ର ଏକ ମାର୍ଜାର (ବିଲେଇ) ରୂପରେ ଗିରି ଗହ୍ୱର ନିକଟରେ ମୂଷାକୁ ଜଗି ରହିଲେ। ମାର୍ଜାର ମୁଖ ଓ ସିଂହର ଗଣ୍ଡି ରୂପ ନେଇ ନୃସିଂହ ମୂଷିକ ଦୈତ୍ୟକୁ ଜଗି ରହିଲେ। ଏହି ମାର୍ଜାରମୁଖୀ ନୃସିଂହ ଏବେ ପୂଜା ପାଉଛନ୍ତି ବରଗଡ଼ ଜିଲ୍ଲାର ଗନ୍ଧମାର୍ଦ୍ଦନ ପର୍ବତର ପାଦଦେଶରେ ଅବସ୍ଥିତ ପୌରାଣିକ ମନ୍ଦିର 'ନୃସିଂହ ନାଥ ମନ୍ଦିରରେ।

# -ଚଉଷଠି ଯୋଗିନୀ ପୀଠ-





ମନ୍ଦିର ଓଡ଼ିଶାର ଭୁବନେଶ୍ୱରସ୍ଥିତ ହୀରାପୁର ଗାଆଁରେ ଥିବା ଏକ ପୁରାତନ ଯୋଗିନୀ ପୀଠ (ତନ୍ତ୍ରପୀଠ) । ସ୍ଥାନୀୟ ଅଞ୍ଚଳରେ ଏହା ମହାମାୟା ମନ୍ଦିର ନାମରେ ମଧ୍ୟ ଜଣା । ତନ୍ତ୍ର ସଂସ୍କୃତିରେ ଯୋଗିନୀମାନଙ୍କ ସମ୍ପର୍କରେ ବିଶେଷ ଭୂମିକା ଅନ୍ତର୍ନିହିତ ଅଛି । ତେଣୁ ହୀରାପୁରର ଚଉଷଠୀ ଯୋଗିନୀ ପୀଠକୁ ତନ୍ତ୍ରପୀଠ କୁହାଯାଏ । ଏହି ମନ୍ଦିର ୧୯୫୩ ମସିହାରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ମୁଖ୍ୟ ଓ ପ୍ରତ୍ନତତ୍ତ୍ୱବିଦ କେଦାରନାଥ ମହାପାତ୍ରଙ୍କଦ୍ୱାରା ଲୋକଲୋଚନକୁ ଆସିଥିଲା । ଏହି ଦେଉଳର ଉପରିଭାଗ ଖୋଲା । ମନ୍ଦିରର କେନ୍ଦ୍ରସ୍ଥଳରେ ଅଷ୍ଟକୋଣୀ ବିଶାଳ ଲିଙ୍ଗ ରହିଛି । ଦେଉଳ ମଧ୍ୟଭାଗରେ ପରବର୍ତ୍ତୀ ସମୟରେ ଏକ ଚଣ୍ଡୀମଣ୍ଡପ ସ୍ଥାପିତ । ଏଥିରେ ଚାରୋଟି ଶିବ ଓ ଯୋଗିନୀଙ୍କ ପ୍ରତିମା ସ୍ଥାପିତ । ଦେବୀ ମହାମାୟା ଏହି ପୀଠ ଓ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ରୂପେ ପୂଜିତା । ଏହି ପୀଠଟି ଓଡ଼ିଶାର ରାଜଧାନୀ ଭୁବନେଶ୍ୱରଠାରୁ ପ୍ରାୟ ୧୦ କି.ମି ଦୂରରେ ବାଲିଅନ୍ତା ଥାନା ଓ ପଞ୍ଚାୟତ ସମିତି ଅନ୍ତର୍ଗତ ବାଲକାଟିଠାରୁ ୨/୩ କି.ମି ଦୂରରେ ପୁଣ୍ୟତୋୟା ଭାର୍ଗବୀ ନଦୀ ତଟ ଦେଶରେ ହୀରାପୁର ଗ୍ରାମର ଦକ୍ଷିଣ ଓ ପୂର୍ବ ଦିଗରେ ରହିଛି । ଏହି ପୀଠର ସମ୍ମୁଖରେ ଗୋଟିଏ ପୁଷ୍କରିଣୀ ଅବସ୍ଥିତ । ପୁଷ୍କରିଣୀର ମଧ୍ୟଭାଗରେ ଏକ ଦୀପଦାଣ୍ଡି ରହିଛି । ଜୈନ, ବୌଦ୍ଧ ଓ ହିନ୍ଦୁ ଧର୍ମ ପରେ ପଞ୍ଚୋପାସନା ପଦ୍ଧତି ପ୍ରସାର ଲାଭ କରିଥିଲା । ଏହି ପଞ୍ଚୋପାସନା ପଦ୍ଧତି ହେଲା ଶୈବ, ବୈଷ୍ଣବ, ଶାକ୍ତ, ସୌର ଓ ଗାଣପତ୍ୟ । ଶଙ୍କରାଚାର୍ଯ୍ୟଙ୍କ ସମୟରୁ ଶୈବ ଓ ବୈଷ୍ଣବ ଧର୍ମର ମତବାଦରୁ ବହୁଳ ଭାବରେ ଶାକ୍ତ ଉପାସନା ପଦ୍ଧତି ସୃଷ୍ଟି ହୋଇଥିଲା । ସେହି ଶୈବ ମତବାଦର ଏକ ମୁଖ୍ୟ ଶାଖା ରୂପେ ଶାକ୍ତ ଉପାସନା ପ୍ରଭାବିତ ହୋଇ କ୍ରମବିକାଶ ଲାଭ କରିଥିଲା । ଖ୍ରୀଷ୍ଟୀୟ ସପ୍ତମ ଓ ଅଷ୍ଟମ ଶତାବ୍ଦୀରେ ତନ୍ତ୍ର ଓ ଯୋଗମାର୍ଗକୁ ପାଥେୟ କରି ଶକ୍ତି ଉପାସନାର ମାତୃକା, ବିଦ୍ୟା ଓ ମହାବିଦ୍ୟାର ମିଶ୍ରଣରେ ଚତୁଃଷଷ୍ଠୀ ଯୋଗିନୀଙ୍କ ଆରମ୍ଭ ହୋଇଥିଲା । କାଳିକା ପୁରାଣକୁ ଆଲୋଚନା କଲେ ଜଣାଯାଏ ଭାରତରେ ସର୍ବପ୍ରଥମ ତନ୍ତ୍ରପୀଠ ରୂପେ ହୀରାପୁରର ଚଉଷଠି ଯୋଗିନୀ ପୀଠ ରହିଛି ।

## କେଉଁମାନଙ୍କୁ ଖାଇବା ମନା

# ଜାମୁକୋଳି



ଜାମୁକୋଳି ଗାଁ ଗହଳିରେ ଭରପୂର ପରିମାଣରେ ମିଳେ । ଏହି ରସାଳ ଫଳରେ ଥିବା ପୋଷକ ତତ୍ତ୍ୱ ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ ହିତକର। ଆୟୁର୍ବେଦ ଅନୁଯାୟୀ, ଏହା ଅନେକ ରୋଗର ମହୌଷଧି ବୋଲି କୁହାଯାଏ। ଅନ୍ୟପକ୍ଷରେ ମାତ୍ରାଧିକ ଜାମୁକୋଳି ଖାଇବା ଦ୍ୱାରା ସ୍ୱାସ୍ଥ୍ୟହାନି ହୋଇଥାଏ। ତେବେ କେଉଁ ରୋଗୀ ଜାମୁକୋଳି ଖାଇବା ଉଚିତ ନୁହେଁ ଏବଂ ଏହାର ମାତ୍ରାଧିକ ସେବନ ଦ୍ୱାରା କ'ଣ ସବୁ ରୋଗ ହୋଇଥାଏ, ଆସନ୍ତୁ ଜାଣିବା। ଅଧିକ ଜାମୁକୋଳି ଖାଇବା ଦ୍ୱାରା ରକ୍ତ ଜମାଟ ବାନ୍ଧିବା ସମସ୍ୟା ଉତ୍ପନ୍ନ ହୁଏ। ତେଣୁ ଯେଉଁମାନେ ଏଥେରୋସ୍କୋଲେରୋସିସ୍ ରୋଗରେ ଆକ୍ରାନ୍ତ, ସେମାନେ ଆଦୌ ଜାମୁକୋଳି ଖାଆନ୍ତୁ ନାହିଁ। ଜାମୁକୋଳି ରକ୍ତଚାପକୁ ନିୟନ୍ତ୍ରଣ କରେ, ତେଣୁ ଉଚ୍ଚ ରକ୍ତଚାପ ରୋଗୀ ଏହାକୁ ସେବନ କରିଥାନ୍ତି। ଉଚ୍ଚ ରକ୍ତଚାପ ରୋଗୀ ଅଧିକ ମାତ୍ରାରେ ଜାମୁକୋଳି ଖାଇବା ଦ୍ୱାରା ସେମାନେ ନିମ୍ନ ରକ୍ତଚାପରେ ଆକ୍ରାନ୍ତ ହୋଇପାରନ୍ତି। ଜାମୁକୋଳିରେ ଭିଟାମିନ୍ ସି'ର ପରିମାଣ ଭରପୂର ଥିବାରୁ, ଏହାର ଅଧିକ ସେବନ ଦ୍ୱାରା ପାଚନ ଶକ୍ତିରେ ସମସ୍ୟା ଦେଖାଦିଏ। ଏଥିଯୋଗୁ ଗ୍ୟାସ୍ ଓ କୋଷ୍ଠକାଠିନ୍ୟ ସମସ୍ୟା ମଧ୍ୟ ସୃଷ୍ଟି ହୋଇଥାଏ। ଅତ୍ୟଧିକ ଜାମୁକୋଳି ଖାଇଲେ ବ୍ରଣ ସମସ୍ୟା ମଧ୍ୟ ଦେଖାଦେଇଥାଏ। ଏହି ସମସ୍ୟାରେ ପୀଡ଼ିତ ବ୍ୟକ୍ତି କମ୍ ପରିମାଣରେ ଏହାକୁ ଖାଇପାରିବେ।

# ଆଖିକୁ ସୁସ୍ଥ ଓ ସୁନ୍ଦର ରଖିବ ଏହି ଖାଦ୍ୟ

***ମଣିଷ ଶରୀରରେ ଆଖି ସବୁଠୁ ମୂଲ୍ୟବାନ ଅଙ୍ଗ, ଆଖି ବିନା ଜୀବନ ଅନ୍ଧକାର ହୋଇଯାଏ, ତେଣୁ ସେଗୁଡ଼ିକର ଯତ୍ନ ନେବା ଏବଂ ଏପରି ଖାଦ୍ୟ ଖାଇବା ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯାହା ଦୃଷ୍ଟି ଶକ୍ତିରେ ଉନ୍ନତି ଆଣିବା ସହିତ ଆଖିକୁ ସୁନ୍ଦର ଓ ସୁସ୍ଥ ରଖିପାରିବ***









ଆଖି ଆମ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ, ଏବଂ ସେଗୁଡ଼ିକର ଉପଯୁକ୍ତ ଯତ୍ନ ନେବା ଜରୁରୀ। ବୟସ ବଢ଼ିବା ସହିତ ଆମର ଦୃଷ୍ଟି ଶକ୍ତି ଖରାପ ହୋଇପାରେ, କିନ୍ତୁ ସଠିକ୍ ଖାଦ୍ୟ ମାଧ୍ୟମରେ ଆମେ ଆମର ଦୃଷ୍ଟିଶକ୍ତିରେ ଉନ୍ନତି କରିପାରିବା।

**ଗାଜର-** ଗାଜର ଆଖି ପାଇଁ ସର୍ବୋତ୍ତମ ଖାଦ୍ୟ ଭାବରେ ବିବେଚନା କରାଯାଏ। ଏଥିରେ ପ୍ରଚୁର ପରିମାଣର ଭିଟାମିନ୍ ଏ ଏବଂ ବିଟା-କାରୋଟିନ୍ ଥାଏ, ଯାହା ଆଖି ଦୃଷ୍ଟିଶକ୍ତିରେ ଉନ୍ନତି ଆଣିବାରେ ସାହାଯ୍ୟ କରେ। ଗାଜର ସାଲାଡ, ଜୁସ୍ କିମ୍ବା ତରକାରୀ କରି ଖାଇ ପାରିବେ।

**ସବୁଜ ପତ୍ରଯୁକ୍ତ ପନିପରିବା-** ପାଳଙ୍ଗ, ଏବଂ ଅନ୍ୟାନ୍ୟ ସବୁଜ ପତ୍ରଯୁକ୍ତ ପନିପରିବାରେ ଲ୍ୟୁଟିନ୍ ଏବଂ ଜିଆକ୍ସାଣ୍ଟିନ୍ ପରି ଆଣ୍ଟିଅକ୍ସିଡାଣ୍ଟ ଥାଏ, ଯାହା ଦୃଷ୍ଟି ଶକ୍ତିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହି ପୋଷକ ତତ୍ତ୍ୱ ରେଟିନାକୁ ସୁରକ୍ଷା ଦେଇଥାଏ ଏବଂ ଆଖିରେ ବୟସ ସମ୍ବନ୍ଧୀୟ ମାକୁଲାର ଡିଜେରେନ୍ସ ହେବାର ଆଶଙ୍କା କମ୍ କରିଥାଏ।

**ଫ୍ୟାଟି ଫିସ୍-** ମାଛ, ବିଶେଷତଃ ସେଲମନ, ଟୁନା, ଏବଂ ସାର୍ଡିନ୍, ଓମେଗା -୩ ଫ୍ୟାଟି ଏସିଡ୍‌ରେ ଭରପୂର। ଓମେଗା -୩ ଫ୍ୟାଟି ଏସିଡ୍ ଆଖି ପାଇଁ ଅତ୍ୟନ୍ତ ଲାଭଦାୟକ, କାରଣ ଏହା ପ୍ରଦାହକୁ ହ୍ରାସ କରିଥାଏ ଏବଂ ଶୁଖିଲା ଚକ୍ଷୁ ସିଣ୍ଡ୍ରୋମକୁ ରୋକିବାରେ ସାହାଯ୍ୟ କରିଥାଏ। ଏହା ବ୍ୟତୀତ ଏହା ରେଟିନାର ସ୍ୱାସ୍ଥ୍ୟ ମଧ୍ୟ ବଜାୟ ରଖେ। ସପ୍ତାହରେ ଦୁଇଥର ମାଛ ଖାଇବା ଦ୍ୱାରା ଦୃଷ୍ଟି ଶକ୍ତି ବୃଦ୍ଧିରେ ସହାୟକ ହୋଇଥାଏ।

**ଅଣ୍ଡା-** ଅଣ୍ଡାରେ ଅଧିକ ପରିମାଣର ଲ୍ୟୁଟିନ୍, ଜିଆକ୍ସାଣ୍ଟିନ୍ ଏବଂ ଭିଟାମିନ୍ ଏ ଥାଏ। ଏହି ସମସ୍ତ ପୋଷକ ତତ୍ତ୍ୱ ଦୃଷ୍ଟି ଶକ୍ତି ବଢ଼ାଇବାରେ ଏବଂ ରାତିରେ ଦେଖିବାର କ୍ଷମତାକୁ ଉନ୍ନତ କରିବାରେ ସାହାଯ୍ୟ କରିଥାଏ। ଅଣ୍ଡାର ହଳଦିଆ ଅଂଶ ଆଖି ପାଇଁ ବିଶେଷ ଲାଭଦାୟକ। ଜଳଖିଆରେ ଅଣ୍ଡା ଖାଇବା ଏକ ସୁସ୍ଥ ଏବଂ ପୁଷ୍ଟିକର ବିକଳ୍ପ ହୋଇପାରେ।

**ବାଦାମ ଏବଂ ସିଡ୍ସ-** ଚିନାବାଦାମ, ଆଲମଣ୍ଡ, ନାଣ୍ଡିବଗୁଲି ମଂଜିଆଖି ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ। ସେଗୁଡିକରେ ଅଧିକ ପରିମାଣର ଭିଟାମିନ୍ ଇ ଥାଏ, ଯାହା ଆଖିକୁ ମୁକ୍ତ ରିକ୍ତାଣୁ ବା ଫ୍ରିରାଡିକାଲସରୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ।

## ‘ସୁସ୍ଥ ଅଭ୍ୟାସ, ଶକ୍ତିଶାଳୀ ଯକୃତ’

ରାୟଗଡା,(ନ:ପ୍ର) : ରାୟଗଡ ସେଞ୍ଚୁରିୟାନ ୟୁନିଭର୍ସିଟି ଅଫ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ଅଧୀନସ୍ଥ ନର୍ସିଂ ବିଦ୍ୟାଳୟରେ ୧୯ ଏପ୍ରିଲରେ ପାଳିତ ବିଶ୍ୱ ଯକୃତ ଦିବସ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। “ସୁସ୍ଥ ଅଭ୍ୟାସ, ଶକ୍ତିଶାଳୀ ଯକୃତ” ଥିମ୍ ଅନୁସାରେ ଯକୃତ ସ୍ୱାସ୍ଥ୍ୟ ଓ ରୋଗ ପ୍ରତିରୋଧ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମ ଜିଲ୍ଲାର କୋଣ ଅନୁକୋଣରେ




ପହଞ୍ଚିବା ନିମନ୍ତେ ପ୍ରୟାସ କରାଯାଉଛି ଗଣମାଧ୍ୟମ ଜରିଆରେ ବୋଲି ଅନୁଷ୍ଠାନର ପୁରୋଧା କହିଥିଲେ । କାର୍ଯ୍ୟକ୍ରମଟି ଜିଏନଏମ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ୨ୟ ସେମେଷ୍ଟର ବିଏସସି ନର୍ସିଂ ଛାତ୍ରଛାତ୍ରୀଙ୍କ ପାଇଁ ଆୟୋଜିତ ହୋଇଥିଲା। ଯକୃତର ମୁଖ୍ୟ କାର୍ଯ୍ୟ , ଯକୃତ ରୋଗର ପ୍ରାରମ୍ଭିକ ଲକ୍ଷଣ ଓ ପ୍ରତିରୋଧ ପାଇଁ ସମତୁଳିତ ଖାଦ୍ୟ, ନିୟମିତ ବ୍ୟାୟାମ, ମଦ୍ୟପାନ ଓ ଅନଧିକୃତ ଔଷଧ ସେବନରୁ ବିରତି, ଏବଂ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଭଳି ପ୍ରାୟୋଗିକ ପଦକ୍ଷେପ ବିଷୟରେ କୁହାଯାଇଥିଲା । କାର୍ଯ୍ୟକ୍ରମରେ ଯକୃତର ଗଠନ ଓ ସାଧାରଣ ରୋଗ ସମ୍ବନ୍ଧୀୟ ପ୍ରେଜେଣ୍ଟେସନ, ଚାର୍ଟ ଓ ପୋଷ୍ଟର ପ୍ରଦର୍ଶନ ସହିତ ଏକ ଆନ୍ତର୍କ୍ରିୟାତ୍ମକ ପ୍ରଶ୍ନୋତ୍ତର ଆୟୋଜିତ ହୋଇଥିଲା। ଏହା ଛାତ୍ରଛାତ୍ରୀଙ୍କୁ ସିଦ୍ଧାନ୍ତକୁ ପ୍ରାୟୋଗିକ ଅନୁଭବ ସହିତ ସମ୍ପର୍କ କରିବା ଓ ଭବିଷ୍ୟତରେ ରୋଗୀ ପରାମର୍ଶ ଓ ସମୁଦାୟ ସ୍ୱାସ୍ଥ୍ୟ ଶିକ୍ଷାରେ ତାଙ୍କର ଭୂମିକା ବୁଝିବାରେ ସହାୟତା କରିଥିଲା। ଏହି ପ୍ରୟାସ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସହଅଧ୍ୟୟନକୁ ସୁଦୃଢ କରିବା ସହିତ ଜିଏନଏମ ଛାତ୍ରମାନଙ୍କ ଶିକ୍ଷଣ କୌଶଳକୁ ଉନ୍ନତ କରିଥିଲା ।

## କବି ଶ୍ରୀ ଜୟଦେବଙ୍କ ଜୟନ୍ତୀ



ନୟାଗଡ଼,(ନିପ୍ର): ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପରିସରରେ ‘ଗୀତଗୋବିନ୍ଦ’ର ରଚୟିତା କବି ଶ୍ରୀଜୟଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁମିତା ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ଇଂ.ଦେବାଶିଷ ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଉପସ୍ଥିତ ଅତିଥିମାନେ ମହାକବି ଜୟଦେବଙ୍କ ଜୀବନୀ, ଦର୍ଶନ ଓ ଆଦର୍ଶ ଉପରେ ବ୍ୟାପକ ଆଲୋକପାତ କରିଥିଲେ।

## ସଦଗୁରୁ ଶିରିଡିସାଇ ମହାରାଜଙ୍କ ପ୍ରଥମ ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା (ନିପ୍ର): ମା ମାଳ ସାତଭଉଣୀ ପୀଠ ଚାରୀଗାଁ ଜୟ କୃଷ୍ଣପୁର ଠାରେ ଶ୍ରୀ ଶ୍ରୀ ସଦଗୁରୁ ଶିରିଡିସାଇ ମହାରାଜଙ୍କ ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାର କୋଣ ଅନୁକୋଣରୁ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କାହିଁ କେଇଁ ଅନାଦି କାଳରୁ ଚାରୀଗାଁ ଜୟ କୃଷ୍ଣପୁର ଠାରେ ମା ମାଳ ସାତଭଉଣୀ ବିରାଜମାନ ଅଛନ୍ତି ମା’ଙ୍କ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଶ୍ରୀ ସଦଗୁରୁ ଶିରିଡିସାଇ ମହାରାଜଙ୍କ ପ୍ରଥମ ବାର୍ଷିକ ଉତ୍ସବ ଅତି ଆଡମ୍ବରରେ ପାଳିତ ହୋଇଯାଇଛି।

## ନର୍ସିଂ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

ରାୟଗଡା, (ନି:ପ୍ର) : ରାୟଗଡ ସେଞ୍ଚୁରିୟାନ ୟୁନିଭର୍ସିଟି ଅଫ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ଅଧିନସ୍ଥ ନର୍ସିଂ ବିଦ୍ୟାଳୟରେ ଗତକାଲି ୧୯ ଏପ୍ରିଲରେ ପାଳିତ ବିଶ୍ୱ ଯକୃତ ଦିବସ ଅବସରରେ ଆଜି ସୋମବାର ଦିନ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। “ସୁସ୍ଥ ଅଭ୍ୟାସ, ଶକ୍ତିଶାଳୀ ଯକୃତ” ଥିମ୍ ଅନୁସାରେ ଯକୃତ ସ୍ୱାସ୍ଥ୍ୟ ଓ ରୋଗ ପ୍ରତିରୋଧ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମଟି ଜିଏନଏମ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ୨ୟ ସେମିଷ୍ଟର ବିଏସସି ନର୍ସିଂ ଛାତ୍ରଛାତ୍ରୀମାନଙ୍କ ପାଇଁ ଆୟୋଜିତ ହୋଇଥିଲା।

## ଜାତୀୟ ଦାବୀ ଦିବସ ପାଳନ

ବଡ଼ସାହି,(ନିପ୍ର): ସୋମବାର ଅଖିଳ ଭାରତ ରାଜ୍ୟ ପେନସନର୍ ମହାସଂଘର ୨ୟ ଜାତୀୟ ସମ୍ମିଳନୀରେ ଗୃହୀତ ପ୍ରସ୍ତାବ ଅନୁପାଳନ କ୍ରମେ ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ନିଷ୍ପତ୍ତି ଓ ଡାକରା ଅନୁସାରେ ସ୍ଥାନୀୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ତରଫରୁ ସଂଘର ସଭାପତି ରଣଜିତ କୁମାର ଦାସଙ୍କ ନେତୃତ୍ୱରେ ଜାତୀୟ ଦାବୀ ଦିବସ ପାଳନ କରାଯାଇଅଛି। ଏହି ଅବସରରେ ସଂଘର ଏକ ଦଳ ବିଡ଼ିଓ, ବଡ଼ସାହିଙ୍କ ଜରିଆରେ ମାନ୍ୟବର ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ଦଫା ତଥା ମାନ୍ୟବର ଭାରତର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ଦଫା ଦାବୀ ସମ୍ବଳିତ ଗୋଟିଏ ଲେଖାଏଁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

### ଗୋଲାମୁଣ୍ଡା ବ୍ଲକ ପ୍ରଶାସନ ପକ୍ଷରୁ

# ବାଗମୁଣ୍ଡା ଗାଁର ତୁରଲାପଡ଼ା ପାଇଁ ଆଶାର ଆଲୋକ



ଗୋଲାମୁଣ୍ଡା,(ନିପ୍ର): ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଲେଡେର ଗ୍ରାମପଞ୍ଚାୟତର ବାଗମୁଣ୍ଡା ଗାଁର ତୁରଲାପଡ଼ାରେ ଏବେ ଆଶାର ଆଲୋକ ଦେଖାଦେଇଛି। ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ରହିଥିବା ଏହି ପଡ଼ାରେ ପହଞ୍ଚିଛି ବ୍ଲକ ପ୍ରଶାସନ। ଗାଁରେ ମୁଖ୍ୟତଃ ଆଦିବାସୀ ସମ୍ପ୍ରଦାୟର ୧୬ ଟି ପରିବାର ବସବାସ କରନ୍ତି। ଦୁଃଖର ବିଷୟ ହେଉଛି, ଏହି ଗାଁରେ ମାତ୍ର ଦୁଇ ଜଣ ପୁରୁଷ ଅଛନ୍ତି, ଯେଉଁଥିପାଇଁ ଏହାକୁ ‘ପୁରୁଷ ଶୂନ୍ୟ’ ଗାଁ ବୋଲି କୁହାଯାଉଛି। ଏହି ପରିବାରଗୁଡ଼ିକ କେବଳ ଜଙ୍ଗଲଜାତ ଦ୍ରବ୍ୟ ଯଥା ମହୁଲ, ଚାହାର, କେନ୍ଦୁ, ଟୋଲ, ଦାନ୍ତକାଠି, କେନ୍ଦୁ ପତ୍ର ଆଦି ସଂଗ୍ରହ କରି ବିକ୍ରି କରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ରାଜ୍ୟ ସରକାରଙ୍କ ନୂତନ ଅନ୍ତୋଦୟ ଗୃହ ଯୋଜନା ମାଧ୍ୟମରେ ସମସ୍ତ ପଡ଼ାବାସୀଙ୍କୁ ସାମିଲ କରିବା ସହ ଉକ୍ତ ସ୍ଥାନରେ ଏକ ଆଦର୍ଶ କଲୋନୀ ନିର୍ମାଣ ହେବା ନେଇ ଆଶା ପ୍ରକାଶ ପାଇଛି। ଏହି ଆଦର୍ଶ କଲୋନୀ ସାଙ୍ଗକୁ ସମସ୍ତ ପ୍ରକାରର ମୌଳିକ ସୁବିଧା ଯଥା ସରକାରୀ ଜମି, ବିଜୁଳି, ବିଶୁଦ୍ଧ ପାନୀୟ ଜଳ, ପାଇଖାନା, ଅଙ୍ଗନବାଡ଼ି କେନ୍ଦ୍ର ସମେତ ସମସ୍ତ ପ୍ରକାରର ସରକାରୀ ସୁବିଧା ଯୋଗାଇଦେବାକୁ ନିଷ୍ପତ୍ତି ନିଆଯାଇଛି।

ଏହି ପରିପ୍ରେକ୍ଷୀରେ, ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦଙ୍କ ନେତୃତ୍ୱରେ ବ୍ଲକ ପ୍ରଶାସନର ଏକ ଟିମ୍ ଉକ୍ତ ପଡ଼ାର ଦୁଆରମୁହଁରେ ପହଞ୍ଚି ବିଶେଷ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ତହସିଲଦାର ଚନ୍ଦନ କୁମାର ନାୟକ, ଗୋଲାମୁଣ୍ଡା ବ୍ଲକ ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନା, କନିଷ୍ଠ ଯନ୍ତ୍ରୀ ନିକୁଞ୍ଜ କୁମାର ନାୟକ, ପିଇଓ ରାଜମୋହନ ଶବର, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ରିତାରାଣୀ କିଷାନ, ଗ୍ରାମୀଣ ବିଭାଗ ବିପିସି ମଧୁ ସାହୁ, ଦିନେଶ ପାନକା, ସରପଞ୍ଚ ଦମୟନ୍ତୀ ଭୋଇ, ରାଜସ୍ୱ ନିରୀକ୍ଷକ ବୈଷ୍ଣବ ଗୁରୁଙ୍କ ସମେତ ବ୍ଲକ ପ୍ରଶାସନର ସମସ୍ତ ବିଭାଗର ଅଧିକାରୀ ଓ ସରକାରୀ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ପଦକ୍ଷେପ ତୁରଲାପଡ଼ାର ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗରିବ ଅସହାୟ ବିଧବା ମାଁମାନଙ୍କ ପାଇଁ ଅନ୍ତୋଦୟ ଗୃହ ଯୋଜନା ମାଧ୍ୟମରେ ଜୀବନ ବଞ୍ଚିବାର ରାହା ପାଳଟିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ କନ୍ୟା ବିବାହ ଯୋଜନା: ଜିଲ୍ଲାସ୍ତରୀୟ ସମୂହ ବିବାହ

ଭଦ୍ରକ,(ନିପ୍ର): ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା’ ମାଧ୍ୟମରେ ଭଦ୍ରକ ଜିଲ୍ଲାରେ ୨୨ ଜଣ କନ୍ୟାଙ୍କ ସାମୂହିକ ବିବାହ ଅନୁଷ୍ଠିତ ହୋଇଛି । ଏହି କ୍ରମରେ ଭଦ୍ରକ ଜିଲ୍ଲା ମୁଖ୍ୟାଳୟ ସ୍ଥିତ ଟାଉନ୍ ହଲ୍ ପରିସରରେ ଜିଲ୍ଲା ସ୍ତରୀୟ ସମୂହ ବିବାହ କାର୍ଯ୍ୟକ୍ରମ ସମ୍ପର୍ଣ୍ଣ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସମବାୟ, ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତ ଶିଳ୍ପ ପ୍ରଦୀପ ବଳ ସାମନ୍ତ କହିଥିଲେ ‘ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା’ ମାଧ୍ୟମରେ ଦୁର୍ବଳ ପରିବାରର ଝିଅମାନଙ୍କ ବିବାହକୁ ସମ୍ମାନଜନକ ଭାବେ ସମ୍ପନ୍ନ କରିବାରେ ସରକାର ଏକ ମାନବିକ ପଦକ୍ଷେପ ନେଇଛନ୍ତି। ଏହି ଯୋଜନା କେବଳ ଆର୍ଥିକ ସହାୟତା ନୁହେଁ, ବରଂ କନ୍ୟା ସନ୍ତାନଙ୍କ ପ୍ରତି ସମାଜର ଦୃଷ୍ଟିଭଙ୍ଗୀକୁ ସକାରାତ୍ମକ କରିବାର ଏକ ସାର୍ଥକ ପ୍ରୟାସ। ପ୍ରତ୍ୟେକ କନ୍ୟା ସମ୍ମାନ, ସ୍ନେହ ଓ ସୁରକ୍ଷାର ଅଧିକାରୀ—ଏହି ବାର୍ତ୍ତାକୁ ସମାଜରେ ପହଞ୍ଚାଇବା ହେଉଛି ଏହି ଯୋଜନାର ମୂଳ ଉଦ୍ଦେଶ୍ୟ।

କାର୍ଯ୍ୟକ୍ରମରେ ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀ ସୀତାଂଶୁ ଶେଖର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ନବ ଦମ୍ପତୀଙ୍କୁ ଆଶୀର୍ବାଦ ଦେଇ କହିଥିଲେ ଯେ,ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ଏକ




ସରକାରୀ ସହାୟତା ନୁହେଁ, ଏହା ବାଲ୍ୟବିବାହ ବିରୋଧରେ ଏକ ସଂକଳ୍ପ। ଯୌତୁକ ପ୍ରଥା ବିରୋଧରେ ଏକ ସାମାଜିକ ସନ୍ଦେଶ ଓ କନ୍ୟାମାନଙ୍କ ସମ୍ମାନକୁ ସୁନିଶ୍ଚିତ କରିବାର ଏକ ଦୃଢ଼ ପଦକ୍ଷେପ। ଏହି ଯୋଜନା କେବଳ ବିବାହ ଉତ୍ସବ ନୁହେଁ, ବରଂ ସାମାଜିକ ସୁରକ୍ଷା ଏବଂ ଲିଙ୍ଗଗତ ସମାନତା ଦିଗରେ ଓଡ଼ିଶା ସରକାରଙ୍କ ଏକ ଦୃଢ଼ ସଂକଳ୍ପ। ବିଧବା ବିବାହକୁ ପ୍ରୋତ୍ସାହନ ଦେବା ହେଉଛି ଏହି ଯୋଜନାର ସ୍ୱତନ୍ତ୍ର ବିଶେଷତା ।ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଦିଲୀପ ରାଉତରାଏ , ଭଦ୍ରକ ପଞ୍ଚାୟତ ସମିତି ଅଧକ୍ଷା ଉର୍ମିଳା ନାୟକ, ଚାନ୍ଦବାଲି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ଶାନ୍ତିଲତା ସେଠୀ, ଭଣ୍ଡାରିପୋଖରୀ ପଞ୍ଚାୟତ ସମିତି ଅଧକ୍ଷା ସୁମତି ସେଠୀ, ବାସୁଦେବପୁର ପଞ୍ଚାୟତ ସମିତି ଅଧକ୍ଷ ନାଗେନ୍ଦ୍ର ବିଶ୍ୱାଳ, ବାସୁଦେବପୁର ପୌରପାଳିକା ଅଧକ୍ଷା ନିବେଦିତା ବେହେରା ଓ ଭଦ୍ରକ ପୌରପାଳିକା ଅଧକ୍ଷା ଗୁଲମକି ହବିବ ଉପସ୍ଥିତ ରହିଥିଲେ। ପ୍ରମୁଖ ଉପସ୍ଥିତ ରହି ବର ବଧୂଙ୍କୁ ଆଶୀର୍ବାଦ ଦେଇଥିଲେ।

## ଚରମ୍ପା ସାହିତ୍ୟ ସଂସ୍କୃତି ମଞ୍ଚର ବାର୍ଷିକ ଉତ୍ସବ

ଭଦ୍ରକ(ନିପ୍ର): ମୂଲ୍ୟବୋଧ କବିତା, ଗଳ୍ପ, ଉପନ୍ୟାସ ଓ ନାଟକ ଆଦି ପାଠକୀୟ ଆଦୃତି ଲାଭ କଲେ ଦିଗହରା ସମାଜର ପରିବର୍ତ୍ତନ ଘଟେ। ସାମ୍ପ୍ରତିକ ପରିସ୍ଥିତି ଓ ପରିବେଶକୁ ଅନୁଭବ କରି କବି, ଗାଳ୍ପିକ, ଔପନ୍ୟାସିକ ଓ ନାଟ୍ୟକାର ସଠିକ୍ କଲମ ଚାଳନା କଲେ ତାହା ମଲମ ଭଳି କାମ କରେ ଓ ସମାଜର ମଙ୍ଗଳ ସାଧିତ ହୁଏ ବୋଲି ମୁଖ୍ୟ ଅତିଥି ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ଓ ମୁଖ୍ୟବକ୍ତା ଗୋଧୂଳି ପତ୍ରିକାର ସମ୍ପାଦିକା ବିମଳା ସିଂହ ଚରମ୍ପା ସାହିତ୍ୟ ସଂସ୍କୃତି ମଞ୍ଚର ଗ୍ରୀଷ୍ମକାଳୀନ ସମାରୋହ ଓ ବାର୍ଷିକ ଉତ୍ସବରେ ଯୋଗଦେଇ ମୂଲ୍ୟବୋଧ ବକ୍ତବ୍ୟ ରଖିଥିଲେ। ପୌରହିତ୍ୟ କରିଥିଲେ ଶିକ୍ଷାବିତ୍ ଗଗନ ବିହାରୀ ରାଉତ। ମଞ୍ଚର ସମ୍ପାଦକ ବାବୁଲାଲ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲାବେଳେ ସଭାପତି ଅଶୋକ ମହାନ୍ତି ଓ ଉପସଭାପତି ନାରାୟଣ ଚନ୍ଦ୍ର ପାଢୀ ମଞ୍ଚର ଆଭିମୁଖ୍ୟ ଓ ଏହାର ଅଗ୍ରଗତି ପାଇଁ ସହଯୋଗ କାମନା କରିଥିଲେ। ବାର୍ଷିକ ମୁଖପତ୍ର ’ଶାନ୍ତିଧାରା’ ସହ ପ୍ରାବନ୍ଧିକା ଶିଶୁ ସାହିତ୍ୟିକା ଗୀତାରାଣୀ ଆଇଚଙ୍କ ପୁସ୍ତକ ‘ଜିଜ୍ଞାସାର ଦିଗ୍ବଳୟ‘ ଓ ’ଗପ ବଟୁଆ’ ଉନ୍ମୋଚନ କରାଯାଇଥିଲା।

## ମା ଖମ୍ବେଶ୍ୱରୀଙ୍କ ବୈଶାଖୀ ଯାତ୍ରାର ପ୍ରସ୍ତୁତି




ଆସିକା (ନିପ୍ର): ଦକ୍ଷିଣ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ବିଜେ ଶ୍ରୀ ଶ୍ରୀ ମା’ ଖମ୍ବେଶ୍ୱରୀଙ୍କ ବୈଶାଖୀ ଯାତ୍ରା ର ପ୍ରସ୍ତୁତି ବୈଠକ ଆସିକା ପୌରପରିଷଦ ବୈଠକ ଗୃହ ରେ ଅନୁଷ୍ଠିତ ହୋଇଯାଇଛି । ଆସିକା ତହସିଲଦାର ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ବୈଠକ ରେ ପୌର ପରିଷଦର ଅଧକ୍ଷା ବିନେତା ସ୍ୱାଇଁ, ଆସିକା ଥାନା ଅଧିକାରୀ ସୁଧୀର କୁମାର ସାହୁ, ପୌର ପରିଷଦରର କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର, ଅତିରିକ୍ତ ତହସିଲଦାର ଅମରେଶ ସାବତ, ଆସିକା ଉପଖଣ୍ଡ ଚିକିତ୍ସାଳୟ ର ଅଧିକ୍ଷକ ଡାକ୍ତର ବାଳ ଗୋପାଳ ବେହେରା ପ୍ରମୁଖ ମଂଚାସୀନ ରହିଥିଲେ । ଚଳିତ ୨୦୨୬ ବର୍ଷ ର ତିନି ଦିନ ବ୍ୟାପି ହେବାକୁ ଥିବା ବୈଶାଖୀ ଯାତ୍ରା କିଭଳି ଶାନ୍ତି ଶୃଙ୍ଖଳା ହେବା ନିମନ୍ତେ ସମସ୍ତେ ବିଭାଗୀୟ ଅଧିକରୀ ମାନଙ୍କ ସହଯୋଗ କରିବା ପାଇଁ ସହମତି ପ୍ରକାଶ କରିଥିଲେ ।ଅଗ୍ନିଶମ ବିଭାଗ ର ଆଗ୍ନିକ ଅଧିକରୀ କୈଳାସ ସାହୁ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ରାମ କୃଷ୍ଣ ପାଣିଗ୍ରାହୀ, ଜନ ସ୍ୱାସ୍ଥ୍ୟ ବିଭାଗ ର ଯନ୍ତ୍ରୀ ଶିବ ପ୍ରସାଦ ଦୋରା, ବିଦ୍ୟୁତ ବିଭାଗ ର ଯନ୍ତ୍ରୀ ଇ ରାକେଶ କୁମାର ପାତ୍ର,ଜଳ ସେଚନ ର ଯନ୍ତ୍ରୀ ସୁଶାନ୍ତ କୁମାର ଭୂୟାଁ, ଏମ ଭି ଆଇ ବରିଷ୍ଠ ଆଇନଜୀବି ଦିଲ୍ଲିପ ପାଣିଗ୍ରାହୀ, ସନ୍ତୋଷ କୁମାର ପାଣିଗ୍ରାହୀ ସମେତ ଅନେକ ସାହିବାସୀ ଉପସ୍ଥିତ ଥିଲେ।

### ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ

# ୬୫ଯୋଡ଼ା ବରବଧୂଙ୍କ ସମୂହ ବିବାହ ସଂପନ୍ନ




କଟକ, (ନିପ୍ର): ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ଏକ ଆର୍ଥିକ ସହାୟତାରେ ସୀମିତ ନୁହେଁ, ଏହା ସମାଜରେ ଥିବା ବାଲ୍ୟବିବାହ, ଯୌତୁକ ପ୍ରଥାବଳୀ କୁପ୍ରଥା ବିରୋଧରେ ଏକ ସାମାଜିକ ସନ୍ଦେଶ ଏବଂ କନ୍ୟାମାନଙ୍କୁ ସମ୍ମାନଜନକ ଜୀବନ ଓ ସାମାଜିକ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଏକ ଦୃଢ଼ ପଦକ୍ଷେପ । ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅଧୀନରେ ଆଜି ସ୍ଥାନୀୟ ବାରବାଟୀ ପ୍ୟାଲେସ ପରିସରରେ ଦ୍ୱିତୀୟ ପର୍ଯ୍ୟାୟ ଜିଲ୍ଲାସ୍ତରୀୟ ସାମୂହିକ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ନବଦମ୍ପତ୍ତିଙ୍କୁ ଶୁଭ ଆଶିର୍ବାଦ ପ୍ରଦାନ କରିଥିଲେ। ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମସ୍ତେ ଗୋଟିଏ ଜାଗାରେ ଏକାଠି ହୋଇ ବିବାହକୁ ଏକ ଉତ୍ସବ ଭାବେ ପାଳନ କରୁଛନ୍ତି। ଏହା ଅତ୍ୟନ୍ତ ଆନନ୍ଦର ବିଷୟ ବୋଲି ବିଧାୟିକା ସୋଫିଆ ଫିର୍ଦ୍ଦୋଷ ମତ ପ୍ରକାଶ କରିଛନ୍ତି। ଏହି ଯୋଜନା ଅଧୀନରେ ୧୮-୩୫ ବର୍ଷର ଝିଅ ଏବଂ ୨୧-୩୫ବର୍ଷ ପୁଅମାନଙ୍କର ଉଭୟ ଆଇନଗତ ଓ ପାରମ୍ପାରିକ ରୀତି ନୀତି ଅନୁଯାୟୀ ବିବାହ ସଂପନ୍ନ କରାଯାଇଛି। ଯୋଗ୍ୟା କନ୍ୟାମାନଙ୍କୁ ୬୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଯେଉଁଥିରୁ ୪୫ହଜାର ଟଙ୍କା ସିଧା ସଳଖ ନଗଦ ହସ୍ତାନ୍ତର ମାଧ୍ୟମରେ କନ୍ୟାମାନଙ୍କ ବ୍ୟାଙ୍କ ଖାତାକୁ ପଠାଇ ଦିଆଯାଉଛି । ଅବଶିଷ୍ଟ ୧୫ ହଜାର ଟଙ୍କା ବିବାହ ଆୟୋଜନ ଓ ପରିଚାଳନା ନିମନ୍ତେ ଖର୍ଚ୍ଚ କରାଯାଉଛି । ଆଜିର ଏହି ସମୂହ ବିବାହ କାର୍ଯ୍ୟକ୍ରମରେ ୬୫ଯୋଡ଼ା ବରବଧୂଙ୍କ ମଧ୍ୟରେ ୨ଜଣ ମୁସଲିମ, ଜଣେ ଖ୍ରୀଷ୍ଟିଆନ, ଜଣେ ବିଧବା ମହିଳା ଅନ୍ତର୍ଭୁକ୍ତ ଥିବାବେଳେ ପୂର୍ବରୁ ବାଲ୍ୟ ବିବାହରୁ ଉଦ୍ଧାର ହୋଇଥିବା ନାବାଳିକାଙ୍କୁ ଆଇନସମ୍ମତ ୧୮ ବର୍ଷ ପୂରଣ ପରେ ବିବାହ କରାଯାଇଛି । ସେମାନଙ୍କ ମଧ୍ୟରେ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ସାରଧର ବର୍ଗର ବରକନ୍ୟା ରହିଥିଲେ। ଏହି ସଂପୂର୍ଣ୍ଣ ପ୍ରକ୍ରିୟା ଜିଲ୍ଲା ଓ ବ୍ଲକସ୍ତରରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସଂପାଦିତ ହେଉଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଏହି ଉତ୍ସବରେ ଯୋଗ ଦେଇ ନବଦମ୍ପତ୍ତିଙ୍କୁ ଶୁଭେଚ୍ଛା ଜଣାଇବା ସହ ପ୍ରଶାସନିକ ସ୍ତରରେ ତତ୍ପରତାର ସହିତ ଆଗାମୀ ଦିନରେ ଏହି ସରକାରୀ ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ସମୂହ ପ୍ରୟାସ କରାଯିବ ବୋଲି କହିଥିଲେ।

## ପଶୁପକ୍ଷୀଙ୍କ ପାଇଁ ପାନୀୟ ଜଳ ଓ ଖାଦ୍ୟ ବ୍ୟବସ୍ଥା

ରାୟଗଡା,(ନି:ପ୍ର): ଜିଲ୍ଲାରେ ଦିନକୁ ଦିନ ପ୍ରବଳ ଗ୍ରୀଷ୍ମ ପ୍ରବାହ ବଢୁଥିବା ସହ ତାପମାତ୍ରା ଉର୍ଦ୍ଧ୍ୱଗାମୀ ହେଉଛି। ଏହାର ପ୍ରଭାବରେ ମଣିଷମାନଙ୍କ ସହ ପଶୁ ଓ ପକ୍ଷୀମାନେ ମଧ ଭାରି କଷ୍ଟ ସହୁଛନ୍ତି। ବିଶେଷ କରି ଖୋଲା ଆକାଶ ତଳେ ବସବାସ କରୁଥିବା ପକ୍ଷୀ ଓ ଅବାଧ ଭାବେ ବୁଲୁଥିବା ପଶୁମାନେ ପାନୀୟ ଜଳ ଓ ଖାଦ୍ୟର ଅଭାବରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏହି ପରିସ୍ଥିତିକୁ ଗଭୀରତାର ସହ ଅନୁଭବ କରି ସାଇପ୍ରିୟା ଓ୍ୱେଲଫେର ଟ୍ରଷ୍ଟ ପକ୍ଷରୁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଗ୍ରହଣ କରାଯାଇଛି। ଟ୍ରଷ୍ଟ ତରଫରୁ କାର୍ଯ୍ୟାଳୟ ପରିସରରେ ସିମେଣ୍ଟର ପାଣି ଟବ୍ ରଖାଯାଇ ପଶୁ ଓ ପକ୍ଷୀଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ସେହିପରି ପକ୍ଷୀମାନଙ୍କ ପାଇଁ ଧାନ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ମଧ ବ୍ୟବସ୍ଥା କରାଯାଇଛି, ଯାହା ଏହି ତିବ୍ର ଗ୍ରୀଷ୍ମରେ ସେମାନଙ୍କ ପାଇଁ ବଡ଼



ସହାୟକ ହେବ। ଟ୍ରଷ୍ଟର ପକ୍ଷରୁ ଜଣାଇଯାଇଛି ଯେ, ଏହି ପଦକ୍ଷେପ କେବଳ ଏକ ଦିନର କାର୍ଯ୍ୟକ୍ରମ ନୁହେଁ; ଆଗାମୀ ଦିନରେ ମଧ ରାୟଗଡା ସହରର ବିଭିନ୍ନ ଅଞ୍ଚଳରେ ଏପରି ପାଣି ଟବ ଓ ଖାଦ୍ୟ ବ୍ୟବସ୍ଥାକୁ ବିସ୍ତାର କରାଯିବ। ସେହି ସହ ସାଧାରଣ ଲୋକମାନଙ୍କୁ ମଧ ନିଜ ଘର ଆଗରେ କିମ୍ବା ନିକଟସ୍ଥ ସ୍ଥାନରେ ପକ୍ଷୀ ଓ ପଶୁଙ୍କ ପାଇଁ ପାଣି ଓ ଖାଦ୍ୟ ରଖି ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ

ନିଆଳି,(ନିପ୍ର): ବ୍ଲକ ଅନ୍ତର୍ଗତ ଜୁଆଙ୍ଗ ଠାରେ ଜୁଆଙ୍ଗ ତ୍ରିଲୋଚନେଶ୍ୱର କ୍ଲବ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ରାତ୍ରୀକାଳୀନ ଲଙ୍ଗ୍ ବାଉଣ୍ଡାରୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି ରାତ୍ରି କାଳୀନ ଟୁର୍ଣ୍ଣାମେଣ୍ଟରେ କଟକ,ଭୁବନେଶ୍ୱର,ଜଗତସିଂହପୁର, ପୁରୀ ତଥା ଆଖପାଖ ଅ□ଳର ୧୬ ଟି କ୍ରିକେଟ୍ ଟିମ୍ ଅଂଶ ଗ୍ରହଣ କରିଥିଲେ। ଫାଇନାଲ୍ ମ୍ୟାଚ୍ ପିତାପଡା ଏମ୍‌ସିସି ଦଳ ଓ ଜାଁଳା ଏନ୍‌ସିସି କ୍ରିକେଟ୍ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ଜାଁଳା ଦଳ ବୋଲିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ପୀତାପଡା ଦଳ ନିର୍ଦ୍ଧାରିତ ୮ ଓଭରର ୪ ଓ୍ୱିକେଟ୍ ହରାଇ ଅମିତ୍‌ଙ୍କ ଧୂଆଁଧର ବ୍ୟାଟିଂ ଫଳରେ ୧୧୨ ରନ୍ କରିବାରେ ସକ୍ଷମ ହୋଇଥିଲେ। ଜବାବ୍‌ରେ ଜାଁଳା ଦଳ ଶେଷ ଓଭର ସୁଧା ୬ ଓ୍ୱିକେଟ୍ ହରାଇ ମୋଟ ୭୫ ରନ୍ କରି ପରାଜୟ ବରଣ କରିଥିଲେ। ବିଜୟୀ ଦଳ ପିତାପଡା କ୍ରିକେଟ୍ କ୍ଲବକୁ ନଗଦ ଅର୍ଥ ୫୦ ହଜାର ଟଙ୍କା ସହ ଆକର୍ଷଣୀୟ ଟ୍ରଫି ଓ ଉପବିଜେତା ଦଳ ଜାଁଳା ଦଳକୁ ୩୦ ହଜାର ଟଙ୍କା ସହ ଆକର୍ଷଣୀୟ ଟ୍ରଫି ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ମ୍ୟାନ୍ ଅଫ୍ ଦି




ମ୍ୟାଚ୍ ଭାବେ ଏସ୍‌ମନୁ ଓ ବିଜେତା ଦଳର ଅମିତ କୁମାରକୁ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ବିବେଚନା କରାଯାଇ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ସମାଜ ସେବୀ ମିହିର୍ ରଂଜନ ନାୟକ ଓ ରଂଜନ କୁମାର ଲେଙ୍କା ଯୋଗଦେଇ ଟ୍ରଫି ପ୍ରଦାନ ସହ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।

## ସିବିଏସ୍‌ଇ ପରୀକ୍ଷାରେ ଭି.ଅନ୍ୱେସା ରାଜୁ ସ୍କୁଲ ଟପ୍ପର




ବୁଗୁଡା,(ନିପ୍ର) :ସ୍ଥାନୀୟ ବିରଞ୍ଚି ନାରାୟଣ ପବ୍ଲିକ ସ୍କୁଲର ଛାତ୍ରୀ ତଥା ମାତା- ଭି.ହାରିକା ରାଜୁ ଓ ପିତା- ଭି.କୁବେରଶ୍ୱର ରାଜୁଙ୍କ ସୁକନ୍ୟା ଭି.ଅନ୍ୱେସା ରାଜୁ ଦଶମ ସିବିଏସଇ ପରୀକ୍ଷାରେ ମୋଟ ୯୬.୨ % ମାର୍କ ରଖି ସ୍କୁଲ ଟପ୍ପର ହୋଇ ଗୌରବ ଅର୍ଜନ କରିଛନ୍ତି। ଏହି ଗୌରବ ପାଇଁ ବିରଞ୍ଚି ନାରାୟଣ ପବ୍ଲିକ ସ୍କୁଲ ପକ୍ଷରୁ ପ୍ରିନ୍ସପାଲ ବାଲଗୋପାଲ ଶତପଥୀ, ଉପଦେଷ୍ଟା ସୁରେଶ ଚନ୍ଦ୍ର ଦାଶ ଟପର ହୋଇଥିବା ଭି.ଅନ୍ୱେସା ରାଜୁଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ସମ୍ମାନ ପତ୍ର ପ୍ରଦାନକରି ସମ୍ବର୍ଦ୍ଧିତ କରିଥିଲେ। ପ୍ରଫୁଲ କୁମାର ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବାବେଳେ ଶିକ୍ଷାନୁଷ୍ଠାନର ସଭାପତି ଏ.ଚନ୍ଦନ ଚର୍ଚ୍ଚିତ ପାତ୍ର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟ ଯେଉଁ ଛାତ୍ରଛାତ୍ରୀ ବୃନ୍ଦ ଉତ୍ତମ ମାର୍କ ରଖିଛନ୍ତି ସେମାନଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା।

## ରଥ ନିର୍ମାଣ ପାଇଁ ରଥଖଳା ଚଳଚଞ୍ଚଳ



ପୁରୀ(ନିପ୍ର): ୨୦୨୬ ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ପୁରୀରେ ଆରମ୍ଭ ହୋଇଛି। ରଥ ନିର୍ମାଣକାରି ସେବକମାନେ ପ୍ରଥମ ପର୍ଯ୍ୟାୟ ରେ ତିନି ରଥର ଚକ ପାଇଁ ତୁମ୍ବ କାର୍ଯ୍ୟ ଆରମ୍ଭ କରିଛନ୍ତି। କରତି ସେବକ ମାନେ ତୁମ୍ବ ପାଇଁ କାଠ କୁ କାଟି ତୁମ୍ବ ନିର୍ମାଣ ପାଇଁ କାଠ ଯୋଗାଇ ଦେଉଛନ୍ତି। ତିନି ରଥର ମୁଖ୍ୟ ମହାରଣାମାନେ ରଥଖଳାରେ ଉପସ୍ଥିତି ରହି ତୁମ୍ବ କାଠ ର ପ୍ରସ୍ତୁତି ତଦାରଖ କରୁଛନ୍ତି। ଭୋଇ ସେବକ ମାନେ ରଥ ଖଳାକୁ କାଠ ଯୋଗାଇ ଦେଉଛନ୍ତି। ରଥ ଅମିନ ଉପସ୍ଥିତ ରହି କାର୍ଯ୍ୟରେ ସହଯୋଗ କରୁଛନ୍ତି। ତୁମ୍ବ ନିର୍ମାଣ କାର୍ଯ୍ୟ ଶେଷ ପରେ ତୁମ୍ବରେ ବିନ୍ଧ କାର୍ଯ୍ୟ ସହ ସୂତା ବାଡ଼ିଆ କାର୍ଯ୍ୟ ହେବ। ତେବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖାଯାଇ ସେବକଙ୍କ ସୁରକ୍ଷା ବ୍ୟବସ୍ଥା ରଥଖଳାରେ ପାନୀୟ ଜଳ ସହ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

ତିଥି :(ଷଷ୍ଠୀ): (ଅଶ୍ୱିନୀ ମେଷ)
ଅମୃତ ବେଳା: ଦିବା ଘ ୭।୦୪ ମଧ୍ୟେ ଘ ୧୧।୫୩ ଗତେ

## ଆଜିର ଅନୁଚିନ୍ତନ

ଇନ୍ଦ୍ରିୟଗଣ, ମନ ଓ ବୁଦ୍ଧି କାମନାର ବାସସ୍ଥାନ ବୋଲି କୁହାଯାଇଛି। ଏହି କାମନା ଏମାନଙ୍କ ଦ୍ୱାରା ଜ୍ଞାନକୁ ଆଚ୍ଛାଦିତ କରି ଦେହାଭିମାନୀ ମନୁଷ୍ୟଙ୍କୁ ମୋହିତ କରିଦିଏ।। - ଶ୍ରୀମଦ୍ ଭଗବଦ୍ ଗୀତା

# ପ୍ରସଙ୍ଗ: ମୋବାଇଲ ଫୋନ

ଉତ୍ତରପ୍ରଦେଶର ଏକ ପ୍ରତିଷ୍ଠିତ ଘରୋଇ ବିଦ୍ୟାଳୟର ପ୍ରାର୍ଥନା ସଭାରେ ଉପସ୍ଥିତ ହେବାକୁ ପିଲାଏ ପ୍ରସ୍ତୁତ ହେଉଥିବା ବେଳେ ସମସ୍ତଙ୍କୁ ଚମକାଇ ସଭା ସାମ୍ନାରେ ଜଣେ ଶିକ୍ଷୟିତ୍ରୀ ଭୋ ଭୋ କାନ୍ଦି ପହଞ୍ଚିଲେ। ଶିକ୍ଷୟିତ୍ରୀ ଜଣଙ୍କ ଆଖିରେ ବନ୍ଧା ଯାଇଥିଲା ବ୍ୟାଣ୍ଡେଜ୍। ବ୍ୟାଣ୍ଡେଜ୍ ଚାରିପଟେ ଲାଗିଥିଲା ରକ୍ତଛିଟା। ଏ ଦୃଶ୍ୟ ଦେଖି ଅନ୍ୟ ଶିକ୍ଷୟିତ୍ରୀମାନେ ବ୍ୟତିବ୍ୟସ୍ତ ସାଙ୍ଗକୁ ବିଚଳିତ ହୋଇପଡ଼ିଲେ। ପଚାରିଲେ- ଏମିତି କେମିତି ହେଲା ?ଶିକ୍ଷୟିତ୍ରୀ ଜଣକ ଉତ୍ତର ଦେଲେ- ସବୁଦିନ ବହୁତ ବହୁତ ସମୟ ଦେଖିଲି ମୋବାଇଲ। ମୁଁ ଭୋଗିବିନି ତ କିଏ ଭୋଗିବ ? ଏହି ମୋବାଇଲ ମୋର ଆଖିକୁ ସଂପୂର୍ଣ୍ଣ ନଷ୍ଟ କରିଦେଲା।
ଏତିକି କହି ଶିକ୍ଷୟିତ୍ରୀ ଜଣକ ହାତକୁ ଉଣ୍ଡାଳି ଉଣ୍ଡାଳି ପ୍ରାର୍ଥନା ସଭାର ପ୍ରଥମ ଧାଡ଼ିରେ ଥିବା ପିଲାମାନଙ୍କୁ ନିଜ ମୋବାଇଲ ଯାଚିଲେ। କହିଲେ, ଯିଏ ଚାହୁଁଛ ଏ ମୋବାଇଲ ନେଇଯାଇପାର ! ତେବେ କେହିହେଲେ ଆଗଭର ହେଲେ ନାହିଁ କି ନେଲେ ନାହିଁ।
ଏପରି ଥିଲା ସୁସ୍ଥ ଡିଜିଟାଲ ପରିବେଶ ସଚେତନତା ସୃଷ୍ଟି ଲାଗି ପ୍ରୟାସ। ଏ ସଂକ୍ରାନ୍ତ ଭିଡିଓଟି ମଧ୍ୟ ଭାଇରାଲ ହୋଇଥିଲା।
ଦୁଇବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ମୋବାଇଲ ସଂପୂର୍ଣ୍ଣ ମନା। ଦୁଇରୁ ପାଞ୍ଚବର୍ଷ ବୟସର ହୋଇଥିଲେ ଘଣ୍ଟାକରୁ ଅଧିକ ସମୟ ଦେବା ଅନୁଚିତ। ଛଅରୁ ବାର ଦୁଇଘଣ୍ଟା ଓ କିଶୋର ବୟସର ପିଲାଙ୍କୁ ସର୍ବାଧିକ ୩ ଘଣ୍ଟା ଡିଜିଟାଲ ପରଦା ବା ମୋବାଇଲ ଫୋନ ବ୍ୟବହାର ଲାଗି ଦିଆଯାଇପାରେ। ସ୍ୱିଡେନରେ ଏକଦା ଏପରି ମତ ପ୍ରକାଶ ପାଇଥିଲା। କାରଣ ଡିଜିଟାଲ ପରଦା ବା ସ୍କ୍ରିନ ଟାଇମ ପାଇଁ ପିଲାଙ୍କ ଭିତରେ ଯେତେ ଆଗ୍ରହ ବଢୁଛି ତାହାକୁ ତାଳଦେଇ ସେମାନଙ୍କ ଆଚରଣ ଓ ବ୍ୟବହାରରେ ବହୁ ଚିନ୍ତାଜନକ ପରିବର୍ତ୍ତନ ଦେଖିବାକୁ ମିଳୁଛି।
ନିକଟରେ ରାଜସ୍ଥାନ ସରକାରଙ୍କ ସ୍ୱାମୀ ମାନସିଂହ ହସପିଟାଲ ପକ୍ଷରୁ ଜଣେ ବରିଷ୍ଠ ମନସ୍ତତ୍ତ୍ୱବିତ୍ ଡା. ଜୟଶ୍ରୀ ଜୈନ୧୦ରୁ ୧୬ ବର୍ଷ ବୟସ ବର୍ଗର ଅନ୍ୟୂନ ୧୫୦ ଜଣ ପିଲାଙ୍କ ବାପା'ମା'ଙ୍କ ସହ କଥାବାର୍ତ୍ତା ଛଳରେ ପିଲାଙ୍କ ଆଚରଣ ଅନୁଧ୍ୟାନ କରିଥିଲେ। ସେଥିରୁ ସେ ଜାଣିବାକୁ ପାଇଥିଲେ ଯେ ୭୨ ପ୍ରତିଶତ ପିଲା ମୋବାଇଲ ଫୋନକୁ ୩ରୁ ୬ଘଣ୍ଟା ଦୈନିକ ବ୍ୟବହାର କରୁଛନ୍ତି। ସମସ୍ୟା କ'ଣ ସବୁ ସୃଷ୍ଟି ହୋଇଥିଲା ସେ ସଂପର୍କରେ ସାମାନ୍ୟ ଆଲୋକପାତ କରାଯାଇପାରେ।
ଆଲୋଚ୍ୟ ପିଲାଙ୍କ ଭିତରୁ ୬୦ ପ୍ରତିଶତ ପଢ଼ାପଢ଼ି କରିବାରେ ମନଧ୍ୟାନ ଠିକ୍ ଦେଇ ପାରୁ ନ ଥିଲେ। ୪୮ ପ୍ରତିଶତ ରାତିରେ ନିଦ୍ରାଜନିତ ବିଶୃଙ୍ଖଳାର ସମ୍ମୁଖୀନ ହୋଇଥିଲେ। ୩୫ ପ୍ରତିଶତ ନିଜ ପରିବାରର ବାପା'ମା' ଓ ଅନ୍ୟାନ୍ୟ ସଦସ୍ୟ ସହିତ ଯୋଗାଯୋଗ କମାଇ ସମୟ ବିତାଉ ଥିଲେ।
ମନସ୍ତତ୍ତ୍ୱବିତ୍ ଜଣକ କହିଛନ୍ତି ଯେ ଯେତେବେଳେ ପିଲାଟିଏ ସୋସିଆଲ ମିଡ଼ିଆରେ ଛୋଟ ଭିଡିଓଟିଏ ଦେଖେ ତାହା ଆକର୍ଷଣୀୟ ହୋଇଥିଲେ ବାରମ୍ବାର ଦେଖେ। କାରଣ ଆକର୍ଷଣ ମାତ୍ରକେ ନିଜକୁ ହଜାଇ ଖୁସି ପ୍ରକଟ କରେ ଓ ଏହି ସମୟରେ ଡୋପାମାଇନ ହରମୋନ ତାହାଠାରେ କ୍ଷରିତହୁଏ,ଯାହାକି ତାକୁ ସେହି ଭିଡ଼ିଓଟି ପ୍ରତି ଆଗ୍ରହକୁ ବଜାୟ ରଖେ। ଏମିତି ଅନେକ ଭିଡ଼ିଓର ପୃଥିବୀରେ ପିଲାଟି ରହେ। ମନେ ରଖିବାକୁ ହେବ ଯେ ଖାଇବା ସମୟରେ ମୋବାଇଲ ଦେଖିବା ଅନୁଚିତ। ଫୋନମୁକ୍ତ ରୁଟିନ ବା ଫୋନ ପାଇଁ କିଛି ସମୟ ଦେବା, ଖେଳିବା,ବହି ପଢ଼ିବା ଓ ସୃଜନାତ୍ମକ କାର୍ଯ୍ୟଲାଗି ଉତ୍ସାହିତ କରିବା, ବିଶେଷ କରି ବାପା ମା'ଙ୍କ ସହ ପିଲାଏ ଗୁଣାତ୍ମକ ମାନର ସମୟ ଦେବା ଆବଶ୍ୟକ। ବରିଷ୍ଠ ମନସ୍ତତ୍ତ୍ୱବିତ୍ ଜଣକ ଏପରି ମତ ରଖିଛନ୍ତି।
ସୁତରାଂ କଥାରେ ନୁହେଁ, କାମରେ ମୋବାଇଲ ବ୍ୟବହାର ନେଇ ସଚେତନତା ଯଦି ଆମ ରାଜ୍ୟ ସରକାର ସୃଷ୍ଟି କରନ୍ତି, ତାହା ଉପାଦେୟ ସାବ୍ୟସ୍ତ ହୋଇପାରନ୍ତା। ତେବେ ସାନମାନଙ୍କୁ ସଚେତନ କରିବା ପୂର୍ବରୁ ବଡ଼ମାନେ ପ୍ରଥମେ ସତର୍କ ହେବା ଆବଶ୍ୟକ। ଅଧିକ ସ୍କ୍ରିନ ସମୟ ଦେବା ବରାବର ଚାପସୃଷ୍ଟିକାରୀ। ତାହା ବଡ଼ମାନେ ଜାଣନ୍ତି। ସାନମାନେ ଏନେଇ ସଚେତ ହେବେ ଯଦି ବଡ଼ମାନେ ସଚ୍ଚୋଟ ଭାବରେ ସତର୍କ ରହନ୍ତି।

# ଟିସିଏସରେ କଳଙ୍କ !

## ସୌଭାଗ୍ୟ ରଂଜନ ମହାନ୍ତି

ନାସିକରେ ଏକ ବୃହତ୍ ଆଇଟି ଫାର୍ମ ଭାବେ ଜଣାଶୁଣା ଟାଟା କନ୍‌ସଲଟାନ୍ସି ସର୍ଭିସ (ଟିସିଏସ) କାର୍ଯ୍ୟାଳୟରେ ଗଲା ଚାରି ବର୍ଷ ଧରି ହିନ୍ଦୁ କର୍ମଚାରୀଙ୍କୁ ବଳପୂର୍ବକ ଧର୍ମାନ୍ତକରଣ ଏବଂ ମହିଳା କର୍ମଚାରୀଙ୍କୁ ଯୌନ ନିର୍ଯାତନା ଘଟଣା କେବଳ ଏକ ବିଚ୍ଛିନ୍ନ କଳାଭଳି ଘଟଣା ନୁହେଁ, କର୍ମସ୍ଥଳରେ ମହିଳା ଯେ, କେତେ ଅସୁରକ୍ଷିତ ଏହା ସ୍ପଷ୍ଟ ସଂକେତ କରୁଛି। କେବଳ ଏତିକି ନୁହେଁ, ଏକ୍ର ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର କେତେକ ବରିଷ୍ଠ କର୍ମକର୍ତ୍ତା ହିନ୍ଦୁ ଧର୍ମର ମହିଳା କର୍ମଚାରୀଙ୍କୁ ଟାର୍ଗେଟ କରି ଚାକିରିରୁ ବହିଷ୍କାର ଓ ପଦୋନ୍ନତି ବନ୍ଦ ଧମକ ଦେଇ ବଳପୂର୍ବକ ଧର୍ମାନ୍ତକରଣ ଓ ଯୌନଶୋଷଣ କରିବା ଏକ ସଂଗଠିତ ଷଡଯନ୍ତ୍ର ବ୍ୟତୀତ ଅନ୍ୟ କିଛି ନୁହେଁ। ଯାହାକୁ କର୍ପୋରେଟ ଜିହାଦ ବୋଲି କହିଲେ ଭୁଲ ହୋଇନପାରେ।
ଉଲ୍ଲେଖଯୋଗ୍ୟ ଯେ, ଜଣେ ଯୁବତୀ ଗତ ମାର୍ଚ୍ଚ ମାସରେ ଥାନାରେ ଅଭିଯୋଗ କରିବା ପରେ ଏହି ଲୋମହର୍ଷଣକାରୀ ଘଟଣା ଲୋକଲୋଚନକୁ ଆସିଥିଲା। ଧର୍ମାନ୍ତକରଣ ଓ ଯୌନ ନିର୍ଯାତନାରେ ଶିକାର ହୋଇଥିବା ଯୁବତୀ ଜଣକ କହିଛନ୍ତି ଯେ, ତାଙ୍କୁ ବିଭିନ୍ନ ଧମକ ଚମକ ଦେଇ ମୁସଲିମଙ୍କ ରମଜାନ ମାସରେ ସେ ଦୁଇବର୍ଷ ଧରି ରୋଜା ଅର୍ଥାତ୍ ଉପବାସ ରଖୁଥିଲେ। ତାଙ୍କୁ କୋରାନ ପାଠ ପାଇଁ ବାଧ କରାଯାଉଥିଲା। ଏହା ନ କଲେ ତାଙ୍କର ଭିଡିଓକୁ ସାମାଜିକ ଗଣମାଧ୍ୟମରେ ପ୍ରଘଟ କରିବାକୁ ଧମକ ଦିଆଯାଉଥିଲା। ତେବେ ଯୁବତୀଙ୍କ ଅଭିଯୋଗକୁ ପୋଲିସ ଏକ ପ୍ରେମ ବ୍ୟାପାର ଘଟଣା ଭାବେ ଗ୍ରହଣ କରି ଗୁରୁତ୍ୱ ଦେଇନଥିବାବେଳେ ଅନ୍ୟ ୯ଜଣ ମହିଳା କର୍ମଚାରୀ ଅନୁରୂପ ଅଭିଯୋଗ କରିବା ପରେ ପୋଲିସ ଅତ୍ୟନ୍ତ ଗୁରୁତର ସହକାରେ ଗ୍ରହଣ କରିଥିଲା। ୯ଜଣ ମହିଳା କନେଷ୍ଟବଳ ଛଦ୍ମବେଶରେ ଚପରାସୀ ଝାଡୁଦାର ଭଳି ପଦରେ କାର୍ଯ୍ୟକାରୀ ବିଭିନ୍ନ ପ୍ରକୋଷ୍ଠରୁ ଗୁପ୍ତରେ ଭିଡିଓ ରେକର୍ଡିଂ କରି ପଠାଇବା ପରେ ସତ୍ୟାସତ୍ୟ ଜଣାପଡିଥିଲା। ତତକ୍ଷଣାତ୍ ପୋଲିସ ୭ଜଣଙ୍କୁ ଗିରଫ କରିଥିଲା। କିନ୍ତୁ ମାନବ ସମ୍ବଳ ବିକାଶ ମୁଖ୍ୟ ଫେରାର ରହିଛି। ସମସ୍ତ ଗିରଫ ଏବଂ ଫେରାର ଅଭିଯୁକ୍ତ ମୁସଲିମ ସମ୍ପ୍ରଦାୟର। ଅଭିଯୋଗରୁ ଆହୁରି ଜଣାଯାଏ ଯେ, ଘଟଣା ସମ୍ପର୍କରେ ମାନବ ସମ୍ବଳ ମୁଖ୍ୟଙ୍କ ନିର୍ଯାତିତାମାନେ ବାରମ୍ବାର ଅବଗତ କରାଇଥିବା ସତ୍ତ୍ୱେ ସେ ଅଭିଯୁକ୍ତମାନଙ୍କ ପକ୍ଷ ନେବା ସହ ଏଭଳି ଘଟଣା କର୍ପୋରେଟ ସେକ୍ଟରରେ ବାରମ୍ବାର ଘଟେ ବୋଲି କହୁଥିଲେ।
ଏହା ନିଃସନ୍ଦେହ ଯେ, ଏଭଳି ଘଟଣା କର୍ପୋରେଟ ସେକ୍ଟରରେ ଏକ ବ୍ୟବସ୍ଥାଗତ ବିଫଳତା ଏବଂ ଗମ୍ଭୀର ପରିସ୍ଥିତିକୁ ନିଶ୍ଚିତ କରୁଛି। ଯାହାକି ମହିଳାଙ୍କ ନିରାପତ୍ତା ଓ ମର୍ଯ୍ୟାଦା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯେତେବେଳେ ଉଚ୍ଚ ପଦାଧିକାରୀ, ଯାହାଙ୍କ ଉପରେ ଯୌନ ନିର୍ଯାତନା ନିରାକରଣ (ପସ୍କୋ) ନ୍ୟାସ୍ତ, ସେମାନେ ଏଭଳି ଘଟଣାକୁ ଅଣଦେଖା କରିବା ଅଭିଯୋଗ ହୁଏ, ସେଠାରେ ଅନୁଷ୍ଠାନର ସୁରକ୍ଷା ଭୁଶୁଡି ପଡିଥିବା କୁହାଯାଏ। ଏଭଳି ପ୍ରକ୍ରିୟା ଅତ୍ୟନ୍ତ ବିପଦଜନକ, ଏଥିରେ ସନ୍ଦେହ ନାହିଁ। ଆହୁରି ମଧ୍ୟ ଏଭଳି ବହୁ ଘଟଣା ନିନ୍ଦା, ଅପବାଦ, ବ୍ୟବସ୍ଥାଗତ ଉଦାସୀନତା ଏବଂ ଭୟ ଯୋଗୁଁ କର୍ମସ୍ଥଳରେ ସୀମାବଦ୍ଧ ହୋଇ ରହିଯାଉଛି। କହିବା ବାହୁଲ୍ୟ ଯେ, କର୍ପୋରେଟ କ୍ଷେତ୍ରରେ ଏଭଳି ସାମ୍ପ୍ରଦାୟିକବାଦୀ ଏବଂ ଯୌନ ଶୋଷଣ କାର୍ଯ୍ୟ ନିଶ୍ଚିତ ଭାବେ ଉଦ୍‌ବେଗଜନକ ଏବଂ ଏହା କର୍ପୋରେଟ ଉତ୍ତରଦାୟିତ୍ୱ ଏବଂ ଲିଙ୍ଗ ସମ୍ବେଦନଶୀଳ ସଂସ୍କାର ଆବଶ୍ୟକ କରେ। ଏହି ଘଟଣାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଟାକ୍ସଫୋର୍ସ ଗଠିତ ହୋଇଥିବାବେଳେ ଜାତୀୟ ମହିଳା କମିଶନ ମଧ୍ୟ ନିଜ ଆଡୁ ତଦନ୍ତ କରୁଛନ୍ତି। ସୁପ୍ରିମକୋର୍ଟରେ ମଧ୍ୟ ମାମଲା ପହଁଚିଛି। ଦୋଷୀଙ୍କ ପ୍ରତି କଠୋର ଦଣ୍ଡ ବିଧାନ ହେବା ଆବଶ୍ୟକ। ଆହୁରି ମଧ୍ୟ କମ୍ପାନୀଗୁଡିକ ନିଜ ଆଡୁ ପଦକ୍ଷେପ ନେଇ ଅଭିଯୁକ୍ତଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା ସହ ମହିଳା କର୍ମଚାରୀମାନେ ଯେପରି ନିର୍ଭୟରେ କାର୍ଯ୍ୟ କରିପାରିବେ ସେଥିପ୍ରତି ଧ୍ୟାନ ଦେବା ଜରୁରୀ।
ମୋ-୯୪୩୭୯୯୪୩୭୯

# ଆଜିର ସମାଜରେ ଧୈର୍ଯ୍ୟ, ମାନବିକତା ଓ ଦୈବୀଶକ୍ତି

## ଡ. ଅମୂଲ୍ୟ କୁମାର ପଣ୍ଡା

**ଯେକୌଣସି ବଡ଼ ସଫଳତା ପାଇବାକୁ ଧୈର୍ଯ୍ୟ ଅତ୍ୟାବଶ୍ୟକ। ଚାଷୀ ବୀଜ ରୋପଣ କରିଲେ ସେ ତୁରନ୍ତ ଫଳ ମିଳେନାହିଁ। ସେ ଧୈର୍ଯ୍ୟର ସହ ସଫଳତା ପାଇଁ ସମୟକୁ ଅପେକ୍ଷା କରେ। ତେଣୁ ଜୀବନରେ ଯେକୌଣସି ଲକ୍ଷ୍ୟ ପାଇଁ ଧୈର୍ଯ୍ୟ ହେଉଛି ମୂଳ ମନ୍ତ୍ର। ଧୈର୍ଯ୍ୟ ନ ରହିଲେ ମନୁଷ୍ୟ ଆତୁର ହୋଇ ଭୁଲ କାମ କରିପାରେ। ଧୈର୍ଯ୍ୟ ଥିବା ଲୋକ ସବୁ ପରିସ୍ଥିତିକୁ ଶାନ୍ତ ମନେ ବିଚାର କରି ସଠିକ ନିଷ୍ପତ୍ତି ନେଇଥାଏ। ମାନବିକତା ମାନେ ମନୁଷ୍ୟଙ୍କ ପ୍ରତି ଦୟା, କରୁଣା, ସହାନୁଭୂତି ଓ ସମ୍ମାନ ଦେବା। ଏହା ମନୁଷ୍ୟତ୍ୱର ପ୍ରକୃତ ପରିଚୟ। ଯେଉଁ ଲୋକ ଅନ୍ୟମାନଙ୍କ ଦୁଃଖରେ ସହଭାଗୀ ହୁଏ, ଦରିଦ୍ରଙ୍କୁ ସହାୟତା କରେ, ସେହି ଲୋକକୁ ମାନବିକତା ବୋଲି କୁହାଯାଏ। ଆଜିର ଯୁଗରେ ଅନେକ ଲୋକ ସ୍ୱାର୍ଥପର ହୋଇଯାଉଛନ୍ତି। ସେମାନେ ନିଜ ଲାଭ ଛଡ଼ା ଅନ୍ୟ କିଛି ଭାବୁନାହାନ୍ତି। କିନ୍ତୁ ମାନବିକତା ଆମକୁ ଶିଖାଏ ଯେ ଆମେ ସମସ୍ତଙ୍କୁ ଭଲପାଇବା ଓ ସମାଜର ମଙ୍ଗଳ ପାଇଁ କାମ କରିବା ଉଚିତ।**

ମାନବ ଜୀବନରେ କିଛି ମୂଲ୍ୟବୋଧ ଅଛି ଯାହା ତାଙ୍କୁ ସତ୍ୟର ପଥରେ ନେଇଯାଏ ଏବଂ ସମାଜରେ ତାଙ୍କୁ ଏକ ଉତ୍ତମ ବ୍ୟକ୍ତି ଭାବେ ପରିଚିତ କରାଏ। ସେହି ମୂଲ୍ୟବୋଧମାନଙ୍କ ମଧ୍ୟରେ ଧୈର୍ଯ୍ୟ ବା ସହନଶୀଳତା, ମାନବିକତା ଓ ଦୈବୀଶକ୍ତି ତିନୋଟି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଗୁଣ। ଏହି ତିନୋଟି ଗୁଣ ମାନବଜୀବନର ଶକ୍ତିଶାଳୀ ସ୍ତମ୍ଭ ଭଳି କାମ କରେ। ଯେଉଁଠାରେ ଧୈର୍ଯ୍ୟ ମନକୁ ସ୍ଥିର କରେ, ମାନବିକତା ମନୁଷ୍ୟତ୍ୱକୁ ପ୍ରକାଶ କରେ ଓ ଦୈବୀଶକ୍ତି ଜୀବନକୁ ଉଚ୍ଚ ଆଦର୍ଶ ଦିଗରେ ନେଇଯାଏ। ଧୈର୍ଯ୍ୟର ଅର୍ଥ ହେଉଛି ସହିବାର କ୍ଷମତା, ଶାନ୍ତ ରହିବାର ଶକ୍ତି ଓ କଷ୍ଟକର ପରିସ୍ଥିତିରେ ଧୈର୍ଯ୍ୟ ଧରିବା। ଜୀବନରେ ସବୁବେଳେ ସୁଖ ନଥାଏ। କେବେ କେବେ ଦୁଃଖ, ସମସ୍ୟା, ବିଫଳତା ମଧ୍ୟ ଆସେ। ସେତେବେଳେ ଯଦି ମନୁଷ୍ୟ ଧୈର୍ଯ୍ୟ ହରାଇ ଦେଉଛି, ସେ ଭୁଲ ନିଷ୍ପତ୍ତି ନେଇଯାଇପାରେ। ଧୈର୍ଯ୍ୟ ହେଉଛି ଏକ ଏମିତି ଶକ୍ତି ଯାହା ମନୁଷ୍ୟଙ୍କୁ କଷ୍ଟର ସମୟରେ ମଜବୁତ ରଖେ। ଉଦାହରଣ ସ୍ୱରୂପ, ଜଣେ ଛାତ୍ର ଯଦି ପରୀକ୍ଷାରେ ଅସଫଳ ହେଲେ, ସେ ଯଦି ଧୈର୍ଯ୍ୟ ଧରି ପୁନଃ ପ୍ରୟାସ କରେ, ତେବେ ସେ ସଫଳତା ଲାଭ କରିପାରେ। କିନ୍ତୁ ଯଦି ସେ ନିରାଶ ହୋଇ ଧୈର୍ଯ୍ୟ ହରାଇ ଦେଉଛି, ତେବେ ସେ ଜୀବନରେ ପଛକୁ ପଡିଯାଏ।



ତେଣୁ ଧୈର୍ଯ୍ୟ ମନୁଷ୍ୟଙ୍କ ପାଇଁ ଏକ ଅମୂଲ୍ୟ ଗୁଣ।
ଯେକୌଣସି ବଡ଼ ସଫଳତା ପାଇବାକୁ ଧୈର୍ଯ୍ୟ ଅତ୍ୟାବଶ୍ୟକ। ଚାଷୀ ବୀଜ ରୋପଣ କରିଲେ ସେ ତୁରନ୍ତ ଫଳ ମିଳେନାହିଁ। ସେ ଧୈର୍ଯ୍ୟର ସହ ସଫଳତା ପାଇଁ ସମୟକୁ ଅପେକ୍ଷା କରେ। ତେଣୁ ଜୀବନରେ ଯେକୌଣସି ଲକ୍ଷ୍ୟ ପାଇଁ ଧୈର୍ଯ୍ୟ ହେଉଛି ମୂଳ ମନ୍ତ୍ର। ଧୈର୍ଯ୍ୟ ନ ରହିଲେ ମନୁଷ୍ୟ ଆତୁର ହୋଇ ଭୁଲ କାମ କରିପାରେ। ଧୈର୍ଯ୍ୟ ଥିବା ଲୋକ ସବୁ ପରିସ୍ଥିତିକୁ ଶାନ୍ତ ମନେ ବିଚାର କରି ସଠିକ ନିଷ୍ପତ୍ତି ନେଇଥାଏ। ମାନବିକତା ମାନେ ମନୁଷ୍ୟଙ୍କ ପ୍ରତି ଦୟା, କରୁଣା, ସହାନୁଭୂତି ଓ ସମ୍ମାନ ଦେବା। ଏହା ମନୁଷ୍ୟତ୍ୱର ପ୍ରକୃତ ପରିଚୟ। ଯେଉଁ ଲୋକ ଅନ୍ୟମାନଙ୍କ ଦୁଃଖରେ ସହଭାଗୀ ହୁଏ, ଦରିଦ୍ରଙ୍କୁ ସହାୟତା କରେ, ସେହି ଲୋକକୁ ମାନବିକତା ବୋଲି କୁହାଯାଏ। ଆଜିର ଯୁଗରେ ଅନେକ ଲୋକ ସ୍ୱାର୍ଥପର ହୋଇଯାଉଛନ୍ତି। ସେମାନେ ନିଜ ଲାଭ ଛଡ଼ା ଅନ୍ୟ କିଛି ଭାବୁନାହାନ୍ତି। କିନ୍ତୁ ମାନବିକତା ଆମକୁ ଶିଖାଏ ଯେ ଆମେ ସମସ୍ତଙ୍କୁ ଭଲପାଇବା ଓ ସମାଜର ମଙ୍ଗଳ ପାଇଁ କାମ କରିବା ଉଚିତ। ଯେଉଁ ସମାଜରେ ମାନବିକତା ଥାଏ, ସେଠାରେ ଶାନ୍ତି ଓ ସମୃଦ୍ଧି ଥାଏ। ଯେଉଁଠାରେ ଲୋକମାନେ ପରସ୍ପରକୁ ସହଯୋଗ କରନ୍ତି, ସେଠାରେ ଦୁଃଖ କମ ଥାଏ।
ଉଦାହରଣ ସ୍ୱରୂପ, ଯଦି କୌଣସି ବ୍ୟକ୍ତି ରାସ୍ତାରେ ଅସୁସ୍ଥ ହୋଇ ପଡିଥାଏ ଏବଂ ଅନ୍ୟମାନେ ସେଠାରେ ତାଙ୍କୁ ସହାୟତା କରନ୍ତି, ତେବେ ସେହି କାମ ମାନବିକତାର ପରିଚୟ । ଏହିପରି ଗୁଣ ମାନବ ଜୀବନକୁ ସୁନ୍ଦର ଓ ସରସ କରେ। ଦୈବୀଶକ୍ତି ମାନେ ଦେବତାଙ୍କର ଶକ୍ତି କିମ୍ବା ଆଧ୍ୟାତ୍ମିକ ଶକ୍ତି। ଏହା ମନୁଷ୍ୟଙ୍କ ମନରେ ଥିବା ଏକ ଉଚ୍ଚ ଶକ୍ତି ଯାହା ତାଙ୍କୁ ସତ୍ୟ, ନ୍ୟାୟ ଓ ଧର୍ମର ପଥରେ ଚଳିବାକୁ ପ୍ରେରଣା ଦିଏ। ଦୈବୀଶକ୍ତି ଥିବା ଲୋକମାନେ ସତ୍ୟବାଦୀ, ନିଷ୍ଠାବାନ ଓ ସହନଶୀଳ ହୋଇଥାନ୍ତି। ସେମାନେ କେବେ ଅନ୍ୟାୟ କାମ କରନ୍ତିନାହିଁ। ସେମାନେ ସବୁବେଳେ ଭଲ କାମ କରିବାକୁ ଚେଷ୍ଟା କରନ୍ତି। ଦୈବୀଶକ୍ତି ଆମକୁ ଆଧ୍ୟାତ୍ମିକ ଜୀବନ ଦିଗରେ ନେଇଯାଏ। ଯେତେବେଳେ ଆମେ ପୂଜା, ଧ୍ୟାନ, ଭଲ କାମ କରିଥାଉ, ସେତେବେଳେ ଆମ ମନ ଶୁଦ୍ଧ ହୁଏ। ଦୈବୀଶକ୍ତି ବୃଦ୍ଧି ପାଏ। ଦୈବୀଶକ୍ତି ଥିଲେ ମନୁଷ୍ୟ ମନରେ ଶାନ୍ତି ଓ ସନ୍ତୋଷ ମିଳେ ଓ ସେ ଭୟମୁକ୍ତ ଓ ସ୍ଥିର ହୁଏ।
ଏହି ତିନୋଟି ଗୁଣ ପରସ୍ପର ସହ ଗଭୀର ଭାବେ ଜଡିତ। ଧୈର୍ଯ୍ୟ ଥିଲେ ମନୁଷ୍ୟ ଶାନ୍ତ ରହେ, ଯାହା ତାଙ୍କୁ ମାନବିକ କାମ କରିବାକୁ ସହାୟତା କରେ। ମାନବିକତା ଥିଲେ ସେ ଦୈବୀଶକ୍ତିକୁ ଅନୁଭବ କରେ। ଯେଉଁ ଲୋକ ଧୈର୍ଯ୍ୟଶୀଳ, ସେ ସହଜରେ କ୍ରୋଧ କରେନାହିଁ। ଯେଉଁ ଲୋକର ମାନବିକତା ଅଛି, ସେ ସବୁବେଳେ ଅନ୍ୟଙ୍କୁ ସହାୟତା କରେ ଏବଂ ଯେଉଁ ଲୋକ ଦୈବୀଶକ୍ତିରେ ବିଶ୍ୱାସ କରେ, ସେ ସତ୍ୟର ପଥରେ ଚାଲେ। ଆଜିର ଯୁଗରେ ଲୋକମାନେ ଅଧିକ ଚାପ, ଚିନ୍ତା ଓ ଆକ୍ରୋଶରେ ରହୁଛନ୍ତି। ଏହି ସମୟରେ ସେମାନଙ୍କୁ ଧୈର୍ଯ୍ୟ ନିତାନ୍ତ ଆବଶ୍ୟକ। ଏହା ମନକୁ ଶାନ୍ତ କରେ। ମାନବିକତା ବର୍ତ୍ତମାନ ସମାଜରେ ଅଧିକ ଆବଶ୍ୟକ କାରଣ ଏହା ଲୋକମାନଙ୍କୁ ଏକତ୍ର କରେ। ଦୈବୀଶକ୍ତି ମନୁଷ୍ୟଙ୍କୁ ନୈତିକ ଓ ଆଧ୍ୟାତ୍ମିକତା ଶକ୍ତି ଦେଇଥାଏ। ଧୈର୍ଯ୍ୟ, ମାନବିକତା ଓ ଦୈବୀଶକ୍ତି ମନୁଷ୍ୟ ଜୀବନର ତିନୋଟି ଅମୂଲ୍ୟ ଧନ। ଏହି ଗୁଣମାନଙ୍କୁ ଅପଣାଇଲେ ମନୁଷ୍ୟ ନିଜ ଜୀବନକୁ ସରସ, ସୁନ୍ଦର କରିବା ସହିତ ସମାଜକୁ ମଧ୍ୟ ଉନ୍ନତ କରିପାରେ। ଏହିପରି ଗୁଣମାନଙ୍କୁ ଆମେ ଦିନଚର୍ଯ୍ୟାରେ ଉଚ୍ଚାରଣ ଓ ଆଚରଣରେ ଆପଣାଇବା ଉଚିତ। ଧୈର୍ଯ୍ୟ ଧରିବା, ମାନବିକତା ହେବା ଓ ଦୈବୀଶକ୍ତିରେ ବିଶ୍ୱାସ ରଖିବା ଦ୍ୱାରା ଆମେ ଏକ ଶ୍ରେଷ୍ଠ ମାନବ ହୋଇପାରିବା।
ଅରଙ୍ଗାବାଦ ବରୀ ଯାଜପୁର
ମୋ - ୮୨୪୯୫୦୨୭୭୬

# ଆଉ ଦିଶୁନାହିଁ ଆକାଶରେ ତାରା

## ମନସିଜ୍ ଦାସ

**ଆକାଶରେ କାହିଁକି ତାରାମାନେ ଫୁଲ ଫୁଟିବା ପରି ଆଉ ରାତ୍ରି ସମୟରେ ପ୍ରସ୍ଫୁଟିତ ହୋଇ ସେମାନଙ୍କ ରଶ୍ମୀକୁ ଚକମକ କରୁନାହାଁନ୍ତି। ଏହାର କାରଣ ଗୁଡ଼ିକ ଆଦୌ ରହସ୍ୟମୟ ନୁହେଁ। ଏହାର କାରଣ ପଛରେ ଆମ୍ଭେମାନେ ହିଁ ଦାୟୀ। ଆଲୋକଜନିତ ପ୍ରଦୂଷଣ, କୃତ୍ରିମ ଆଲୋକର ମାତ୍ରାଧିକ ବ୍ୟବହାର ରାତ୍ରି ଆକାଶ ସହିତ ମାନବତାର ସଂଯୋଗକୁ ଏକ ପ୍ରକାର ଲିଭାଇ ଦେଇଛି। ଆଜିର ସମୟରେ ଭୂପୃଷ୍ଠରୁ ବିଭିନ୍ନ ନକ୍ଷତ୍ର ଓ ଗ୍ରହମାନଙ୍କର ସ୍ଥିତି ଅନୁଧ୍ୟାନ ପାଇଁ ବିଶ୍ୱର ଜ୍ୟୋତିର୍ବିଜ୍ଞାନୀମାନେ ସଠିକ ସ୍ଥାନ ଖୋଜିବାରେ ସଂଘର୍ଷ କରିବା ସହ ରାତ୍ରି ଆକାଶରୁ ତାରାଗୁଡ଼ିକ ଅଦୃଶ୍ୟ ହେବା ବିଷୟରେ ଗଭୀର ଭାବେ ଚିନ୍ତା ପ୍ରକଟ କରୁଛନ୍ତି । ଏ ନେଇ ସେମାନଙ୍କ ଗବେଷଣା ମଧ୍ୟ ଜାରି ରହିଛି।
ଜ୍ୟୋତିର୍ବିଜ୍ଞାନୀମାନେ ଏହି ନିଷ୍କର୍ଷରେ ପହଞ୍ଚିଛନ୍ତି ଯେ ତମାମ ବିଶ୍ୱର ଅଶୀ ପ୍ରତିଶତ ସ୍ଥାନ ଏବେ ଆଲୋକ ପ୍ରଦୂଷଣ ଦ୍ୱାରା କବଳିତ ଏବଂ ଆମେ ଧ୍ୟାନ ନ ଦେଇ ଏକ ପ୍ରକାର ଆମର ପ୍ରିୟ ଆକାଶକୁ ହରାଇ ଦେଇଛୁ। ଏହା ପଛର କାରଣ ମଧ୍ୟ ଅତ୍ୟନ୍ତ ଗମ୍ଭୀର। ଭାରତୀୟ ଚାକଚକ୍ୟ ଭରା ସହର ମାନଙ୍କରେ ଉଚ୍ଚ ତୀବ୍ରତା ବିଶିଷ୍ଟ ଏଲଇଡ଼ି ଓ ଅନିୟନ୍ତ୍ରିତ ଆଲୋକର ପ୍ଲାବନ ଯୋଗୁଁ ଏହି ସମସ୍ୟା ତୀବ୍ର ହୋଇଚାଲିଛି।**

'ସେହି ଚୁନା ଚୁନା ତାରା ଫୁଲ ଆଜି, ଏ ଝୁମି ଝୁମି ଗଲା ହାଏ ଆଜି...' ପ୍ରଖ୍ୟାତ ସଂଗୀତ ନିର୍ଦ୍ଦେଶକ ଗୁରୁକୃଷ୍ଣ ଗୋସ୍ୱାମୀଙ୍କ ଏହି କାଳଜୟୀ ଗୀତକୁ ଗାଇଥିଲେ ଭାରତର କୋକିଳକଣ୍ଠୀ ଗାୟିକା ଲତା ମଙ୍ଗେସକର। ଏହି ଗୀତରେ 'ତାରା'ର ପ୍ରିୟତା, ଗ୍ରହଣୀୟତା ଓ ଆମ ଆଦରପଣ ଜଡ଼ିତ ଥିଲା। ମୋ ଆଲେଖ୍ୟରେ ଏହି ଗୀତଟିର ପ୍ରଥମ ଧାଡ଼ି ଏଇଥିପାଇଁ ମୁଁ ଉଲ୍ଲେଖ କରୁଛି କି ଯେ, ଆପଣ ଟିକେ ଭଲ ଭାବେ ଆକାଶକୁ ଚାହାଁନ୍ତୁତ ! ଦେଖିବେ ଅଧିକାଂଶ ଭାରତୀୟ ସହରରେ ପ୍ରଶସ୍ତ ଆକାଶରେ ଆଉ ତାରା ଦୃଶ୍ୟମାନ ହେଉନାହିଁ। ହୁଏତ କେହି କେହି କହି ପାରନ୍ତି ଯେ, ପ୍ରଚଣ୍ଡ ମେଘମାଳା କିମ୍ବା ପ୍ରକୃତିର କୌଣସି କାରଣ ପାଇଁ ଏପରି ଅକସ୍ମାତ ଦୃଶ୍ୟ ସଂଗଠିତ ହୋଇଥାଇପାରେ। କିନ୍ତୁ ଏହାର ଉତ୍ତର ମୁଁ ଆପଣଙ୍କ ପାଖରେ ଯାହା ରଖିବି ତାହା ଅତ୍ୟନ୍ତ ବିସ୍ମୟ ସୂଚକ ଓ ଆଶ୍ଚର୍ଯ୍ୟ କରିଦେଲା ଭଳି। ଏକଦା ଆକାଶରେ ନିରନ୍ତର ଦୃଶ୍ୟମାନ ଥିବା ଆମର ନିକଟତର ଛାୟାପଥ 'ଆକାଶ ଗଙ୍ଗା'। ବିଶ୍ୱର ପ୍ରାୟ ଅଶୀଭାଗ ଜନସଂଖ୍ୟା ପାଇଁ ଏବେ ଅଦୃଶ୍ୟ। ସତରେ କହିଲେ ଆକାଶରେ କାହିଁକି ତାରାମାନେ ଫୁଲ ଫୁଟିବା ପରି ଆଉ ରାତ୍ରି ସମୟରେ ପ୍ରସ୍ଫୁଟିତ ହୋଇ ସେମାନଙ୍କ ରଶ୍ମୀକୁ ଚକମକ କରୁନାହାଁନ୍ତି। ଏହାର କାରଣ ଗୁଡ଼ିକ ଆଦୌ ରହସ୍ୟମୟ ନୁହେଁ। ଏହାର କାରଣ ପଛରେ ଆମ୍ଭେମାନେ ହିଁ ଦାୟୀ। ଆଲୋକଜନିତ ପ୍ରଦୂଷଣ, କୃତ୍ରିମ ଆଲୋକର ମାତ୍ରାଧିକ ବ୍ୟବହାର ରାତ୍ରି ଆକାଶ ସହିତ ମାନବତାର ସଂଯୋଗକୁ ଏକ ପ୍ରକାର ଲିଭାଇ ଦେଇଛି। ଆଜିର ସମୟରେ ଭୂପୃଷ୍ଠରୁ ବିଭିନ୍ନ ନକ୍ଷତ୍ର ଓ ଗ୍ରହମାନଙ୍କର ସ୍ଥିତି ଅନୁଧ୍ୟାନ ପାଇଁ ବିଶ୍ୱର ଜ୍ୟୋତିର୍ବିଜ୍ଞାନୀମାନେ ସଠିକ ସ୍ଥାନ ଖୋଜିବାରେ ସଂଘର୍ଷ କରିବା ସହ ରାତ୍ରି ଆକାଶରୁ ତାରାଗୁଡ଼ିକ ଅଦୃଶ୍ୟ ହେବା ବିଷୟରେ ଗଭୀର ଭାବେ ଚିନ୍ତା ପ୍ରକଟ କରୁଛନ୍ତି । ଏ ନେଇ ସେମାନଙ୍କ ଗବେଷଣା ମଧ୍ୟ ଜାରି ରହିଛି।
ଆମେ କହିରଖୁ କି ଯେ, ଆଲୋକ ପ୍ରଦୂଷଣ ଧୂଆଁପରି ଶ୍ୱାସରୁଦ୍ଧ କରେ ନାହିଁ କି ଅଳିଆ ପରି ଦୁର୍ଗନ୍ଧ ସୃଷ୍ଟି କରିନଥାଏ ମାତ୍ର ଏହା ଆମର ଆକାଶକୁ ଏକ ଉଜ୍ଜ୍ୱଳ ପରଦାରେ ଚମତ୍କାର ଭାବେ ଢ଼ାଙ୍କି ଦେଇଥାଏ। ଜ୍ୟୋତିର୍ବିଜ୍ଞାନୀମାନେ ଏହି ନିଷ୍କର୍ଷରେ ପହଞ୍ଚିଛନ୍ତି ଯେ ତମାମ ବିଶ୍ୱର ଅଶୀ ପ୍ରତିଶତ ସ୍ଥାନ ଏବେ ଆଲୋକ ପ୍ରଦୂଷଣ ଦ୍ୱାରା କବଳିତ ଏବଂ ଆମେ ଧ୍ୟାନ ନ ଦେଇ ଏକ ପ୍ରକାର ଆମର ପ୍ରିୟ ଆକାଶକୁ ହରାଇ ଦେଇଛୁ। ଏହା ପଛର କାରଣ ମଧ୍ୟ ଅତ୍ୟନ୍ତ ଗମ୍ଭୀର। ଭାରତୀୟ ଚାକଚକ୍ୟ ଭରା ସହର ମାନଙ୍କରେ ଉଚ୍ଚ ତୀବ୍ରତା ବିଶିଷ୍ଟ ଏଲଇଡ଼ି ଓ ଅନିୟନ୍ତ୍ରିତ ଆଲୋକର ପ୍ଲାବନ ଯୋଗୁଁ ଏହି ସମସ୍ୟା ତୀବ୍ର ହୋଇଚାଲିଛି। ଏକଥା ଆମେ ଭୁଲିଯିବା ଅନୁଚିତ ଯେ ରାତିରେ ତାରା ଉଭେଇ ଯିବା ପରିବେଶ ଓ ମାନବ ସ୍ୱାସ୍ଥ୍ୟକୁ ବିପର୍ଯ୍ୟସ୍ତ କରେ। ଭୌଗୋଳିକ ବିଜ୍ଞାନୀ ଓ ପରିବେଶବିତ୍‌ମାନେ ମଧ୍ୟ ମତ ରଖନ୍ତି ଯେ ବାଦୁଡ଼ି ପରି ରାତ୍ରିଚର ପ୍ରାଣୀ ସମେତ ବିଭିନ୍ନ ପତଙ୍ଗ, ସମୁଦ୍ର କଇଁଛ ଏବଂ କିଛି ପ୍ରବାସୀ ପକ୍ଷୀ ଦିଗ ନିର୍ଣ୍ଣୟ, ଶିକାର ଓ ପ୍ରଜନନ ପାଇଁ ଅନ୍ଧାର ଉପରେ ନିର୍ଭର କରିଥାନ୍ତି। ମାତ୍ରାଧିକ ମନୁଷ୍ୟକୃତ ବିପୁଳ ଆଲୋକ ରାଶି ସେମାନଙ୍କୁ କେବଳ ଦିଗଭ୍ରଷ୍ଟ କରିନଥାଏ ସେମାନଙ୍କ ପ୍ରଜନନ ପାଇଁ ବାଧକ ସାଜିବା ସହ ସେମାନଙ୍କୁ ମୃତ୍ୟୁ ମୁହଁକୁ ଏକ ପ୍ରକାର ଠେଲି ଦେଇଥାଏ।



ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଏହି କୃତ୍ରିମ ଆଲୋକ ଆମମାନଙ୍କର ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପଯୋଗୀ ହେଉଥିବା ନିଦ୍ରା ଓ ହରମୋନକୁ ନିୟନ୍ତ୍ରଣ କରୁଥିବା ଆଭ୍ୟନ୍ତରୀଣ ଘଣ୍ଟାରେ ବାଧା ଉପୁଜାଇ ଅନିଦ୍ରା, ଚାପ, ମୁଣ୍ଡ ବିନ୍ଧା ଏବଂ ଏପରିକି ମେଟାବୋଲିକ ବିକାର ପରି ରୋଗ ବଢ଼ାଉଛି। ମାନସିକ ରୋଗ ବିଶେଷଜ୍ଞ ମଧ୍ୟ ଏହାର ବିପଦଜନକ ଦିଗପ୍ରତି ସୂଚୀତ କରୁଛନ୍ତି।
ପୃଥିବୀ ପରିକ୍ରମା କରୁଥିବା କୃତ୍ରିମ ଉପଗ୍ରହ ଗୁଡ଼ିକର ଦ୍ରୁତ ବୃଦ୍ଧି ରାତିର ଆକାଶ ଦୃଶ୍ୟମାନତା ପାଇଁ ଏକ ନୂତନ ଆହ୍ୱାନ ସୃଷ୍ଟି କରିଛି। କେବଳ ସ୍ପେସ ଏକ୍ସ କମ୍ପାନୀର ନଅ ହଜାରରୁ ଅଧିକ ସକ୍ରିୟ ଉପଗ୍ରହ ନିମ୍ନ କକ୍ଷ ପଥରେ ସ୍ଥାପିତ ହୋଇଛି। ଏହି ସବୁ ସାଟେଲାଇଟରୁ ପ୍ରତିଫଳିତ ଆଲୋକ ରାତିର ଆକାଶକୁ ବିକୃତ କରିଦେଉଛି। ଏହାକୁ ଜ୍ୟୋତିର୍ବିଜ୍ଞାନୀ ମାନେ ଏକ ଭୟଙ୍କର ଚେତାବନୀ ଭାବେ ସତର୍କ ସୂଚନା ଭାବେ ଉଲ୍ଲେଖ କରିଛନ୍ତି। ବିଶ୍ୱର ପ୍ରମୁଖ ଏବଂ ସ୍ପେସ କ୍ଷେତ୍ରରେ ଆମେରିକା, ଚୀନ, ଋଷ ପରି ବଡ଼ ବଡ଼ ଦେଶ ଯେଉଁପରି ବିଶାଳ ଓ ପ୍ରତିଯୋଗିତାପୂର୍ଣ୍ଣ ଉପଗ୍ରହ ସବୁ ନିଜ ନିଜ ସ୍ୱାର୍ଥ ପାଇଁ ମହାକାଶକୁ ପ୍ରେରିତ କରୁଛନ୍ତି ଏହା ତାରା ମାନଙ୍କୁ ସମୟ ଆସିବ ନିଶ୍ଚିହ୍ନ କରିଦେବା ପରି ପରିସ୍ଥିତ ମଧ୍ୟ ଉପୁଯିବ।
ଏଥିରୁ ନିସ୍ତାର କିପରି ମିଳିବ। ସତରେ କ'ଣ ଆମେ ଆଉ ତାରା ଦେଖିବାକୁ ପାଇବାନି ? ଆମ ମାନଙ୍କ ପିଲା ଦିନରେ ଜହ୍ନ ମାମୁଁ ଓ ତାରା ଏ ସବୁ ସତେ ଯେପରି ଆମ ମାନଙ୍କର ନିତିଦିନିଆ ସମ୍ପର୍କିତ କେହି ନା କେହି। ଜହ୍ନ ଓ ତାରାକୁ ଦେଖାଇ ପିଲାମାନଙ୍କୁ ଆନନ୍ଦ ପ୍ରଦାନ କରାଯାଏ।
ଭାବୁକ, ଲେଖକ ଓ ଚିନ୍ତକମାନେ ଘଣ୍ଟା ଘଣ୍ଟା ଧରି ତାରାମାନଙ୍କୁ ଦେଖି ଭାବଗମ୍ଭୀର ହୋଇଥାନ୍ତି। ଆଲୋକ ପ୍ରଦୂଷଣରୁ ଆକାଶକୁ କିପରି ମୁକ୍ତ ରଖିବା ? କିପରି ଆମର ସେହି ପୁରୁଣା ଦିନର ତାରା ସବୁ ଆକାଶରେ ଦୃଶ୍ୟମାନ ହେବେ। ଏ ସବୁର ନିରାକରଣ ପାଇଁ ଆମ ମାନଙ୍କ ହାତରେ ପ୍ରଚେଷ୍ଟା ମଧ୍ୟ ରହିଛି। ସର୍ବପ୍ରଥମେ ଉଜ୍ଜ୍ୱଳ ଆଲୋକ ବିଶିଷ୍ଟ ଫ୍ଲଡ ଲାଇଟ ବଦଳରେ ତଳ ମୁହାଁ ଲ୍ୟାମ୍ପ ପରି ନିୟନ୍ତ୍ରିତ ଆଲୋକୀକରଣ ସାଙ୍ଗକୁ ଉଜ୍ଜଳମୟ ସ୍ମାର୍ଟ ଏଲଇଡ଼ିର ଚମକକୁ କମ କରିବା ପାଇଁ ଲାଲ, ଉଷ୍ମ ତଥା କମ୍ ତୀବ୍ରତାର ବଲବ ବ୍ୟବହାର, ସହରାଞ୍ଚଳରେ କଠୋର ଆଲୋକ ନୀତି ପ୍ରଣୟନ ସାଙ୍ଗକୁ ସର୍ବୋପରି ସଂରକ୍ଷଣ ଯୋଗ୍ୟ ନକ୍ଷତ୍ର ଆଲୋକକୁ ପ୍ରାକୃତିକ ଐତିହ୍ୟ ଭାବରେ ଚିହ୍ନିତ କରିବା ପରି ଆମ ସମସ୍ତଙ୍କ ଭିତରେ ସଚେତନତା ବଢ଼ିବା ଅତ୍ୟନ୍ତ ଜରୁରୀ। ନଚେତ ଦିନ ଆସିବ ଆମେ ଆଉ ଆକାଶରେ ତାରାମାନଙ୍କୁ ଦେଖିବାକୁ ପାଇବା ନାହିଁ। ଆଗାମୀ ପିଢ଼ି ପାଇଁ ତାରା ହୁଏତ ଏକ ସ୍ୱପ୍ନ ହୋଇଯାଇ ପାରେ!!
କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ,
ଗୁରୁଗ୍ରାମ, ହରିୟାନା

22. 04.2026.pmd 1 4/21/2026, 5:15 PM

# ଅଗ୍ନିଶମ ସେବା ସପ୍ତାହ ଉଦ୍‌ଯାପନୀ

ଦାମନଯୋଡି, ୨୧/୪(ନିପ୍ର): ନବରତ୍ନ ଉଦ୍ୟୋଗ ନାଲକୋର ସୁରକ୍ଷା ଦାୟିତ୍ୱରେ ଥିବା କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ ର ଅଗ୍ନିଶମ ବିଭାଗ ପକ୍ଷରୁ ଗତ ସପ୍ତାହରେ ଆରମ୍ଭ ହୋଇଥିବା ଅଗ୍ନିଶମ ସେବା ସଚେତନ କାର୍ଯ୍ୟକ୍ରମ ସୋମବାର ଦିନ ଉଦଯାପନ ହୋଇଯାଇଛି । ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମରେନ୍ଦ୍ର କୁମାର ମିଶ୍ର ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସମାରୋହ ସମୟରେ, ଅଗ୍ନିଶମ ବିଭାଗ ପକ୍ଷରୁ ବିଭିନ୍ନ ପଦ୍ଧତି ବ୍ୟବହାର କରି ଭୂମି ଉଦ୍ଧାର, ଉଚ୍ଚ କୋଠାରୁ ଉଦ୍ଧାର, କେବୁଲ ଗ୍ୟାଲେରିରେ ଅଗ୍ନି ନିର୍ବାପନ ଏବଂ ଉଦ୍ଧାର କାର୍ଯ୍ୟ, ଫ୍ଲାଞ୍ଜ ଅଗ୍ନି, ତେଲ ଟ୍ୟାଙ୍କ ଅଗ୍ନି ଏବଂ ବିଭିନ୍ନ ପ୍ରକାରର ଅଗ୍ନି ଶାଖାର ବ୍ୟବହାର ଆଦିର ନମୁନା ପ୍ରଦର୍ଶନ କରିଥିଲେ । ଶ୍ରୀ ମିଶ୍ର ବର୍ଷସାରା ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ବୃତ୍ତିଗତତା ଏବଂ ସମର୍ପଣକୁ ପ୍ରଶଂସା କରିଥିଲେ । ସେ ବିଜେତାମାନଙ୍କୁ ପୁରସ୍କାର ମଧ୍ୟ ବଣ୍ଟନ କରିଥିଲେ । ଅଗ୍ନିଶମ ବିଭାଗର ଡେପୁଟି କମାଣ୍ଡାଣ୍ଟ ନରେନ୍ଦ୍ର କୁମାର ସିଂ ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ ଏବଂ ଉତ୍ପାଦନକୁ ସମର୍ଥନ କରିବା ପାଇଁ ଉଦ୍ୟୋଗ ସମ୍ପତ୍ତି ସଂରକ୍ଷଣ କରିବାରେ ଏହି ୟୁନିଟରେ ଅଗ୍ନିଶମ ବିଭାଗର ଭୂମିକା ଏବଂ ଗୁରୁତ୍ୱ ବ୍ୟାଖ୍ୟା କରିଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେ ନିଆଁ ନିୟନ୍ତ୍ରଣ କରିବା ପାଇଁ ନିୟମିତ ବ୍ୟବଧାନରେ ପ୍ଲାଣ୍ଟ କର୍ମଚାରୀଙ୍କ ପାଇଁ ପ୍ରାଥମିକ ଚିକିତ୍ସା ଅଗ୍ନି ନିର୍ବାପନ ଶ୍ରେଣୀ ଏବଂ ପ୍ରଦର୍ଶନ କରି ଅଗ୍ନିଶମ ବିଭାଗ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

# ଧାମନଗର ସେଣ୍ଟ ଜାଭିୟର୍ ହାଇସ୍କୁଲର ବାର୍ଷିକ ଉତ୍ସବ

ଧାମନଗର, ୨୧।୪ (ନିପ୍ର); ଧାମନଗର କଲେଜ ନିକଟସ୍ଥ ସେଣ୍ଟ ଜାଭିୟର ହାଇସ୍କୁଲ ର ୧୧ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଚେୟାରମ୍ୟାନ୍ ଜନ୍ମେଜୟ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ହେମେନ୍ଦ୍ର ନାଥ ମହାନ୍ତି ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଧାମନଗର ଏନ ଏ ସି ର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ, ମୁଖ୍ୟବକ୍ତା ଅମୃତ ଦର୍ଶନର ସମ୍ପାଦକ ସଂଗ୍ରାମ ଆଚାର୍ଯ୍ୟ ଏବଂ ବରେଣ୍ୟ ଅତିଥି ଭାବେ ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ସାଂସଦ ନଗର ପ୍ରତିନିଧି ସରୋଜ ମହାପାତ୍ର, ଅବସରପ୍ରାପ୍ତ ଅଧକ୍ଷ ରାମଚନ୍ଦ୍ର ପଣ୍ଡା ଓ ସଞ୍ଜୟ କୁମାର ସ୍ୱାଇଁ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଧର ସାହୁ ବାର୍ଷିକ ବିବରଣୀ ପାଠ ଏବଂ ଶିକ୍ଷକ ଲକ୍ଷ୍ମୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ହୁମ୍ମା ରାଜବାଟୀରେ ରଥ କାଠ ନିର୍ମାଣର ଶୁଭାରମ୍ଭ

ରମ୍ଭା, ୨୧।୪ (ନିପ୍ର): ଗଞ୍ଜାମ ଜିଲ୍ଲା ହୁମ୍ମା ରାଜବାଟି ଗ୍ରାମରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନୂତନ ରଥ କାଠ ନିର୍ମାଣ ଅକ୍ଷୟ ତୃତୀୟା ଅବସରରେ କାର୍ଯ୍ୟ ସୋମବାର ଦିନ ଶୁଭାରମ୍ଭ ହୋଇଛି । ପରମ୍ପରା ଅନୁଯାୟୀ ହୁମ୍ମା ଗ୍ରାମର ରାଜା ସାହେବ



ରାଘବେନ୍ଦ୍ର ନାରାୟଣ ଦେଓଙ୍କ ଅଧ୍ୟକ୍ଷତାରେ ପୁରୋହିତ ସୂର୍ଯ୍ୟ ନାରାୟଣ ପଣ୍ଡା ପ୍ରଥମେ ଜଗନ୍ନାଥ ମନ୍ଦିରର ରଥ କାଠ ନିର୍ମାଣ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଶୁଭ ମୁହୂର୍ତ୍ତରେ କାରିଗରମାନେ ରଥ ତିଆରି କାମକୁ ଆରମ୍ଭ କରିଥିଲେ ।ଏହି ଅବସରରେ ଗ୍ରାମରେ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଥିଲା। ହୁମ୍ମା ଗ୍ରାମର କାରିଗରମାନେ ସକ୍ରିୟ ଭାବେ ଯୋଗଦେଇ ରଥ ନିର୍ମାଣ କରୁଛନ୍ତି। ଶରତ ଚନ୍ଦ୍ର ପଟ୍ଟନାୟକ, ଦଇତାରୀ ରେଡି, ବଳରାମ ରେଡି, ଯୋଗେନ୍ଦ୍ର ରେଡି, ବାବୁଲା ସାମନ୍ତ, ବିଜୟ ଚନ୍ଦ୍ର ମହାରଣା, ବିଜୟ ମହାରଣା ଏହି କାମରେ ମୁଖ୍ୟ ଭୂମିକା ନିଭାଉଛନ୍ତି। ସମସ୍ତଙ୍କ ସମନ୍ୱୟ ଓ ପାରମ୍ପରିକ କୌଶଳରେ ରଥ ନିର୍ମାଣ କାମ ସୁଚାରୁ ଭାବେ ଆଗେଇ ଯାଉଛି। ମୁଖ୍ୟ କାରିଗର କହିଛନ୍ତି, "ରଥ ତିଆରି କରିବା ଆମ ପାଇଁ କେବଳ ଜୀବିକା ନୁହେଁ, ଏହା ଏକ ଭକ୍ତିର ସେବା। ପ୍ରତିବର୍ଷ ଭଳି ଏହି ବର୍ଷ ମଧ୍ୟ ଆମେ ଭଗବାନଙ୍କ କୃପାରେ ଏହି ପବିତ୍ର କାମ ଆରମ୍ଭ କରିଛୁ। ସମୟ ମଧ୍ୟରେ ଓ ଶୃଙ୍ଖଳିତ ଭାବେ କାମ ସମାପ୍ତ କରିବା ପାଇଁ ଆମେ ସମସ୍ତେ ଏକତାର ସହ କାମ କରୁଛୁ।"ଉଲ୍ଲେଖନୀୟ, ହୁମ୍ମା ରାଜବାଟି ରେ ଦୀର୍ଘ ବର୍ଷର ଭଗ୍ନ ରଥ ପୁନଃ ନିର୍ମାଣ ଏହି ବର୍ଷ ନୂଆ ରଥ ତିଆରି ହେଉଥିବାରୁ ଏହାକୁ ଦେଖିବା ପାଇଁ ଭକ୍ତମାନଙ୍କ ମଧ୍ୟରେ ବିଶେଷ ଆଗ୍ରହ ଦେଖାଯାଉଛି।

# ଖାରଡ଼ା ପଞ୍ଚାୟତରେ ଜନଅଭିଯୋଗ ଶୁଣାଣି

କାଶୀନଗର, ୨୧।୪ (ନିପ୍ର); କାଶୀନଗର ପଞ୍ଚାୟତ ଅଧୀନରେ ଥିବା ଖାରଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସ୍ତରୀୟ ଗ୍ରାମ୍ୟ ମୁଖି ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଡ଼ିଓ ଡ଼ମ୍ବୁରୁ ଧର ମଲ୍ଲିକ, ଅତିରିକ୍ତ ତହସିଲଦାର କେ.ଦିବ୍ୟରଞ୍ଜନ, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ରଜତ ପାଢ଼ୀ ସିଡ଼ିପିଓ,ସରପଞ୍ଚ ଅଖିଳ କୁମାର ପାତ୍ର ମଞ୍ଚାସୀନ ହୋଇ ଅଭିଯୋଗ ଶୁଣାଣି କରିଥିଲେ। ସମୁଦାୟ ୬ ଗୋଟି ଅଭିଯୋଗ ଆସିଥିବାରୁ ବିଡ଼ିଓ ଶ୍ରୀ ମଲ୍ଲିକ ତୁରନ୍ତ ସମାଧାନ କରିବା ପାଇଁ ବିଭଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାଶୀନଗର ବ୍ଲକର ସବୁ ଲାଇନ ଡ଼ିପାର୍ଟମେଣ୍ଟ ବିଭଗୀୟ ଅଧିକାରୀ ମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପଞ୍ଚାୟତ ଅଧିକାରି ଅନୁଷା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜଳଛତ୍ର ଉଦ୍‌ଘାଟିତ: ରଜସଂକ୍ରାନ୍ତି ପର୍ଯ୍ୟନ୍ତ ଯାତ୍ରୀ ପାଇବେ ଥଣ୍ଡା ପାନୀୟ

ନିରାକାରପୁର, ୨୧।୪ (ନିପ୍ର): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ନିରାକାରପୁର ବସ ମାଲିକ ସଂଘ ପକ୍ଷରୁ ବସଷ୍ଟାଣ୍ଡରେ ଏକ ଜଳଛତ୍ର କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପ୍ରଖର ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଯାତ୍ରୀମାନଙ୍କୁ ସେବା ଯୋଗାଇଦେବା ଲକ୍ଷ୍ୟରେ ଏହି ପ୍ରଶଂସନୀୟ ପଦକ୍ଷେପ ନିଆଯାଇଛି ।ଏହି ଜଳଛତ୍ରକୁ ବରିଷ୍ଠ ସମାଜସେବୀ ରାମକୃଷ୍ଣ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ବସ୍ ମାଲିକ ସଂଘର ସଭାପତି ବିପିନ ଜୟସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସଂଘର ସମ୍ପାଦକ ରଘୁନାଥ ତ୍ରିପାଠୀ, ସରପଞ୍ଚଙ୍କ ପ୍ରତିନିଧି ପିଣ୍ଟୁ ବେହେରା ଏବଂ ନାଏବ ସରପଞ୍ଚ ସ୍ୱପ୍ନେଶ୍ୱର ରାଉତରାୟ ପ୍ରମୁଖ ଉପସ୍ଥିତ ରହି ସେବା କାର୍ଯ୍ୟକୁ ଉତ୍ସାହିତ କରିଥିଲେ। ଉଦଘାଟନୀ ଦିବସରେ ଶତାଧିକ ଯାତ୍ରୀ ଓ ପଥିକ ଏହି କେନ୍ଦ୍ରରୁ ଥଣ୍ଡା ଟଙ୍କ ତୋରାଣି ସେବନ କରି ଶୋଷ ମେଣ୍ଟାଇବା ସହ ସଂଘର ଏହି କାର୍ଯ୍ୟକୁ ସାଧୁବାଦ ଜଣାଇଥିଲେ ।

# ଧରଣୀଧର ବିଶ୍ୱବିଦ୍ୟାଳୟରେ ନୂତନ କୁଳପତିଙ୍କ ଯୋଗଦାନ

କେନ୍ଦୁଝର, ୨୧।୪(ନିପ୍ର):ଧରଣୀଧର ବିଶ୍ୱବିଦ୍ୟାଳୟରେ ନୂତନ କୁଳପତି ଭାବରେ ଯୋଗ ଦେଇଛନ୍ତି ପ୍ରଫେସର ସଞ୍ଜୟ କୁମାର ପାତ୍ରୋ। ଦାୟିତ୍ୱ ଗ୍ରହଣ କରିଛନ୍ତି । ଆଇଆଇଟି ମୁମ୍ବାଇରୁ ପିଏଚଡି ଡ଼ିଗ୍ରୀ ହାସଲ କରିଥିବା ପ୍ରଫେସର ପାତ୍ରୋ ଏହା ପୂର୍ବରୁ ବୀର ସୁରେନ୍ଦ୍ର ସାଏ ୟୁନିଭରସିଟି ଅଫ ଟେକ୍ନୋଲଜି, ବୁର୍ଲା, ସମ୍ବଲପୁରରେ ସିଭିଲ ଇଞ୍ଜିନିୟରିଂ ପ୍ରଫେସର ଭାବରେ ଅଧ୍ୟାପନା କରିବା ସହିତ ବିଭାଗ ମୁଖ୍ୟ ଦାୟିତ୍ୱରେ ଥିଲେ।



ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ତଥା କର୍ମଚାରୀମାନେ କୁଳପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ କୁଳପତି ତାଙ୍କ ଉଦବୋଧନ ରେ କହିଥିଲେ, ସମସ୍ତ ଙ୍କର ଆନ୍ତରିକ ସହଯୋଗରେ ଏହି ନୂଆ ବିଶ୍ୱବିଦ୍ୟାଳୟ ଆଗକୁ ବଢ଼ି ପାରିବ। ଉନ୍ନତ ଗବେଷଣା ତଥା ଶୈକ୍ଷିକ ବାତାବରଣକୁ ଗୁରୁତ୍ୱ ଦେଇ ସେ ବିଶ୍ୱବିଦ୍ୟାଳୟକୁ ଅଗ୍ରଣୀ ବିଶ୍ୱବିଦ୍ୟାଳୟ ଭାବରେ ଛିଡ଼ା କରେଇବାକୁ ଆହ୍ୱାନ ଦେଇଥିଲେ। ସମ୍ପୂର୍ଣ୍ଣ ଓଡ଼ିଆ ରେ ତାଙ୍କର ଅଭିଭାଷଣ ଓଡ଼ିଆ ଅସ୍ମିତାକୁ ପ୍ରଦର୍ଶିତ କରିଥିଲା ।ଏଥି ସହିତ ନୂତନ ଶିକ୍ଷା ନୀତିର ପ୍ରୟୋଗରେ କେନ୍ଦୁଝରର ମାନବ ସମ୍ବଳର ବିକାଶ ସାଧନ ପାଇଁ ସମସ୍ତଙ୍କୁ ଆତ୍ମୀୟତା ସହିତ କାମ କରିବାକୁ ମାର୍ଗଦର୍ଶନ କରିଥିଲେ।

# ଶୁଖିବାରେ ଲାଗିଛି ପ୍ରଧାନପାଟ ଜଳଧାରା, ଜଳାଶୟର ପୁନଃରୁଦ୍ଧାର ଦାବି

ଦେବଗଡ଼, ୨୧।୪ (ନିପ୍ର); ବଣପାହାଡ଼ ଘେରା ଦେବଗଡ଼ ଜିଲ୍ଲାର ପ୍ରଧାନପାଟ ଜଳପ୍ରପାତ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। କିନ୍ତୁ ଏହାର ସଂରକ୍ଷଣ ଏବଂ ଏବଂ ସୁରକ୍ଷା ନେଇ ସଚେତନ ମହଲରେ ବିଭିନ୍ନ ସମୟରେ ଆଶଙ୍କା ପ୍ରକାଶ ପାଇଛି। ଦେବଗଡ଼ ସହରବାସୀଙ୍କ ଜୀବନଧାରାର ପ୍ରମୁଖ ଉତ୍ସ କୁହାଯାଉଥିବା ଏହି ଜଳ ଜଳପ୍ରପାତ ରାଜାରାଜୁଡ଼ା ଅମଳରୁ ଆଜି ପର୍ଯ୍ୟନ୍ତ ମଧ୍ୟ ପାନୀୟଜଳ ଯୋଗାଇ ଆସୁଛି। ସୁଉଚ୍ଚ ପାହାଡ଼ରେ ରହିଥିବା ୭ଟି କୁଣ୍ଡରୁ ଝରିଆସୁଛି ପ୍ରଧାନପାଟ ଜଳପ୍ରପାତର ଜଳସ୍ରୋତା କିନ୍ତୁ ୭ଟି କୁଣ୍ଡର ପୁନରୁଦ୍ଧାରର ଅଭାବ ସହ ଜଳପ୍ରପାତ ପାଦଦେଶରେ ଥିବା ବୃକ୍ଷଲତା କମିଯିବାରୁ ଧୀରେ ଧୀରେ ଏହି ଏହି ଜଳପ୍ରପାତ ଜଳପ୍ରପ ଶୁଖିବାରେ ଲାଗୁଛି ବୋଲି ପରିବେଶବିତ୍‌ମାନେ କହୁ କହୁଛନ୍ତି । ଏପରିକି ଜଳପ୍ରପାତର ପାଣି ଝରିବା ମଧ୍ୟ ଧୀରେ ଧୀରେ କମିବାକୁ ଲାଗିଲାଣି। ଯାହାକୁ ନେଇ ବର୍ତ୍ତମାନ ଦେବଗଡ଼ର ପରିବେଶପ୍ରେମୀ, ବୁଦ୍ଧିଜୀବୀ ବେଶ୍ ଚିନ୍ତିତ । ଘଞ୍ଚ ଅରଣ୍ୟ ଭିତରେ ଏକ ଅପୂର୍ବ ଶୋଭାରାଜି ଏହି ଏହି ପ୍ରଧାନପାଟ ଜଳପ୍ରପାତଅବସ୍ଥିତ । ପ୍ରାୟ ୧୦, ୦୩, ୮୧୯ ହେକ୍ଟର ସଂରକ୍ଷିତ ବିସ୍ତୃତ ଘଞ୍ଚ ଜଙ୍ଗଲ ସହ ଜଳପ୍ରପାତ ଚାରିଆଡ଼େ ରହିଁଛି ସବୁଜ ବନାନୀ ବର୍ତ୍ତମାନ କିନ୍ତୁ ଏହି ଜଳପ୍ରପାତର ପାଦଦେଶର ଥିବା ସଂରକ୍ଷିତ ଜଙ୍ଗଲ୍ ଧୀରେ ଧୀରେ କମିବାକୁ ଲାଗିଛି । ଏପରିକି ଜଙ୍ଗଲରେ ଥିବା ବୃକ୍ଷଗୁଡ଼ିକ ଅବାଧରେ କଟାଯିବା ଓ କ୍ରମେ ଜଙ୍ଗଲ କମିଯିବା ଦ୍ୱାରା ଜଳପ୍ରପାତର ଧାର ମଧ୍ୟ କମିବାକୁ ଲାଗିଲାଣି। ସହରବାସୀଙ୍କୁ ଜଳଯୋଗାଣ ପାଇଁ ପ୍ରଧାନପାଟ ଜଳପ୍ରପାତର ପାଣିକୁ ବ୍ୟବହାର କରାଯାଉଛି । ପ୍ରଧାନପାଟର ଜଳଧାରା ଶୁଖିଯାଉଥିବା ବେଳେ ଦେବଗଡ଼ ଭୂତଳ ଜଳସ୍ତର କମିବାରେ ଲାଗିଛି । ଫଳରେ ପାନୀୟଜଳ ସମସ୍ୟା ପୌରାଞ୍ଚଳରେ ଉତ୍କଟ ରୂପ ନେବାରେ ଲାଗିଛି । ସୁଉଚ୍ଚ ପାହାଡ଼ରେ ରହିଥିବା ୭ଟି କୁଣ୍ଡରୁ ଝରିଆସୁଛି ପ୍ରଧାନପାଟ ଜଳପ୍ରପାତର ଜଳସ୍ରୋତା କିନ୍ତୁ ଉକ୍ତ ୭ଟି କୁଣ୍ଡର ପୁନରୁଦ୍ଧାର ଅଭାବରୁ ବରୁ ଦିନକୁ ଦିନ ଜଳ ନଳପ୍ରାପତର ଜଳସ୍ରୋତ କମିବାକୁ ଲାଗୁଛି। ଏ ଏହାର ପୁନରୁଦ୍ଧାର କରାଗଲେ ଜଳସ୍ରୋତ ବୃଦ୍ଧିପାଇବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ବାମଣ୍ଡା ତଥା ଦେବଗଡ଼ର ତତ୍କାଳୀନ ରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ପ୍ରଧାନପାଟର ସୁରକ୍ଷା ପାଇଁ ଏକ ମାର୍ବଲ ଶିଳାଲେଖରେ ଜନସାଧାରଣଙ୍କୁ ସତର୍କ ସୂଚନା ଲେଖିଥିଲେ । ପ୍ରଧାନପାଟ ଜଙ୍ଗଲ ଧ୍ୱଂସ ହେବା ନେଇ ସେତେବେଳଠୁ ଆଶଙ୍କା ହୋଇଥିଲା ଏବଂ ରାଜା ପାଣି ଶୁଖିବାର ଆଶଙ୍କା କରି ଲୋକମାନଙ୍କୁ ସଚେତନ କରିଥିଲେ । ସେଇ ଦୂରଦର୍ଶୀ ରାଜାଙ୍କ କଥା ଆଜି ସତ ହେବାକୁ ଯାଉଛି । ଏହି ଶିଳାଲେଖ ଏବେ ବି ପ୍ରଧାନପାଟ ଜଳପ୍ରପାତ ପାଦଦେଶ ପାଖରେ ରହିଛି । ଜଙ୍ଗଲ ଧ୍ୱଂସ ପାଉଥିବାରୁ ପ୍ରଧାନପାଟର ଜଳଧାରା କ୍ଷମତା ହ୍ରାସ ପାଇବାରେ ଲାଗୁଛି । ଘଂଚ ଅରଣ୍ୟ ଦିନ ଦିନ କମିଯିବାରୁ ଏପରିକି ଖାଦ୍ୟାଭାବ ଯୋଗୁଁ ମାଙ୍କଡ଼ ସହରମୁହାଁ ହେଉଛନ୍ତି। ପ୍ରଧାନପାଟ ଜଳପ୍ରପାତର ଝରୁଥିବା ଜଳଉତ୍ସର ପୁନରୁଦ୍ଧାର ଏବଂ ବର୍ଷା ଦିନ ପାଣିକୁ ସଂଗୃହୀତ କରି ରଖାଗଲେ କିଛିକାଂଶରେ ପ୍ରଧାନପାଟ ଜଳଧାରା ବୃଦ୍ଧିପାଇବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ସେନେଇ ଜିଲ୍ଲାପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବିହେଉଛି।



# ଗୋଟିଏ ମଞ୍ଚରେ ପିତା–ପୁତ୍ରଙ୍କୁ ଯୁବ ବିଜ୍ଞାନୀ ସମ୍ମାନ

କାକଟପୁର, ୨୧।୪ (ନିପ୍ର): ଆୟୋଜିତ ୬୫ତମ ବାର୍ଷିକ ପ୍ରାୟୋଗିକ ଅଧିବେଶନରେ ଏକ ଗର୍ବିତ ମୁହୂର୍ତ୍ତ ଦେଖିବାକୁ ମିଳିଲା। ଏହି ଅବସରରେ ପୁରୀ ଜିଲ୍ଲା ଅନ୍ତର୍ଗତ କାକଟପୁର ବ୍ଲକ ଜଳେଶ୍ୱରପଡା ଗ୍ରା ପ ଅଧିନସ୍ଥ ବାଲିସିରିଆ ଗ୍ରାମର ପିତା (ଡା. ରାଜେଶ କୁମାର ବେହେରା, ଅଧକ୍ଷ, ଦ ଟେକ୍ନୋ ସ୍କୁଲ, ଭୁବନେଶ୍ୱର) ଓ ପୁତ୍ର (ଆୟୁଷ୍ମାନ ବେହେରା, ସିଭିଲ୍ ଇଞ୍ଜିନିଅରିଂ, ଭୀସୁଟ୍, ବୁର୍ଲା) ଉଭୟଙ୍କୁ ଗୋଟିଏ ମଞ୍ଚରେ "ଯୁବ ବିଜ୍ଞାନୀ ପୁରସ୍କାର" ପ୍ରଦାନ କରାଯାଇଥିଲା। ଇନଷ୍ଟିଚୁସନ୍ ଅଫ୍ ଇଞ୍ଜିନିଅର୍ସ, ଓଡ଼ିଶା ରାଜ୍ୟ ଶାଖା କେନ୍ଦ୍ର, ଭୁବନେଶ୍ୱର ପକ୍ଷରୁ ସେମାନେ "ଇଞ୍ଜିନିୟର୍ ଏଲ. ଏମ. ପାତ୍ର ମେମୋରିଆଲ ଆୱାର୍ଡ" ଦ୍ୱାରା ସମ୍ମାନିତ ହୋଇଥିଲେ। ଏହି ସମାରୋହରେ ସେମାନଙ୍କ ସହଯୋଗୀ ଗବେଷକ ଭାବରେ ଡା. ଦେବବ୍ରତ ଗିରି, ସହଯୋଗୀ ପ୍ରଫେସର (ସିଭିଲ୍ ଇଞ୍ଜିନିଅରିଂ, ଭୀସୁଟ୍, ବୁର୍ଲା) ଏବଂ ଡା. ସୁଧାଂଶୁ ରଞ୍ଜନ




ଦାସ, ସହଯୋଗୀ ପ୍ରଫେସର (ପ୍ରୋଡକ୍ସନ୍ ଇଞ୍ଜିନିଅରିଂ, ଭୀସୁଟ୍, ବୁର୍ଲା) ମଧ୍ୟ ପୁରସ୍କାର ଗ୍ରହଣ କରିଥିଲେ। ଏହି ଘଟଣା ଓଡ଼ିଶା ପାଇଁ ଗର୍ବର ବିଷୟ ହୋଇଥିବା ସହ ଯୁବ ପିଢି ପାଇଁ ଏକ ପ୍ରେରଣାଦାୟକ ଉଦାହରଣ ସୃଷ୍ଟି କରିଛି। ସେମାନଙ୍କର ଏହି ସମ୍ମାନର ପଛରେ ଥିବା ଗବେଷଣା ପ୍ରକଳ୍ପ "ଶିଳ୍ପ ଅପଚୟ ବ୍ୟବହାର କରି ବିସ୍ତୃତ ମୃତ୍ତିକାର ପରିବେଶ-ଉପଯୋଗୀ କନଷ୍ଟ୍ରକସନ ଶୈଳୀକୁ ଉନ୍ନତି କରିବା" ବିଶେଷ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲା। ଏହି ଗବେଷଣାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପରିବେଶବାନ୍ଧବ ପ୍ରଣାଳୀରେ ବିସ୍ତାରଶୀଳ ମାଟିର ଗୁଣଗତ ସୁଧାର କରିବା, ଯାହା ସଡ଼କ ଓ ଭୂମି ନିର୍ମାଣ କ୍ଷେତ୍ରରେ ଏକ ସମସ୍ୟା ଭାବେ ଦେଖାଯାଏ। ଏହି ଅଧ୍ୟୟନରେ ଶିଳ୍ପ ଅବଶିଷ୍ଟକୁ ବ୍ୟବହାର କରି ମାଟିର ଶକ୍ତି, ସ୍ଥିରତା ଓ ବହନ କ୍ଷମତା ବୃଦ୍ଧି କରାଯାଇଛି। ଏହା ନା କେବଳ ନିର୍ମାଣ ଖର୍ଚ୍ଚ କମାଏ, ବରଂ ଶିଳ୍ପ ଅବଶିଷ୍ଟର ପୁନଃବ୍ୟବହାର ମାଧ୍ୟମରେ ପରିବେଶ ସୁରକ୍ଷାରେ ମଧ୍ୟ ମୂଲ୍ୟବାନ ଅବଦାନ ରଖେ । ଏହି ସୁନ୍ଦର ଅଭିବ୍ୟକ୍ତିକୁ ଆୟୁଷ୍ମାନ ବେହେରା ଓ ପ୍ରଫେସର ଗିରି ମିଳିତ ଭାବରେ ମଞ୍ଚରେ ଉପସ୍ଥାପନ କରିଥିଲେ । ପିତା, ପୁତ୍ର ଓ ଗୁରୁମାନଙ୍କର ଏହି ସଂଯୁକ୍ତ ଶିକ୍ଷା ଅବଦାନ, ଗବେଷଣା ଏବଂ ପରିବେଶ ସୁରକ୍ଷାରେ ଏକ ନୂତନ ଦିଗ ଦେଖାଇଛି। ଏହି ନୂତନ ଗବେଷଣା ପାଇଁ ବିଭିନ୍ନ କ୍ଷେତ୍ରର ଲୋକମାନେ ତାଙ୍କୁ ପ୍ରଶଂସା କରିଥିଲେ। ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି, ବୁର୍ଲାର କୁଳପତି ପ୍ରଫେସର (ଡ଼ା.) ଦୀପକ କୁମାର ସାହୁ ସମସ୍ତ ପୁରସ୍କାର ବିଜେତାଙ୍କୁ ତାଙ୍କର ଶୁଭେଚ୍ଛା ଜଣାଇଛନ୍ତି ଏବଂ ଭୀସୁଟ୍ର ଭବିଷ୍ୟତ ଗବେଷଣା ଆହୁରି ଅଗ୍ରସର ହୋଇ ଦେଶ ପାଇଁ ଗୌରବ ଆଣିଦେଉ ବୋଲି କହିଛନ୍ତିଙ୍ଫ ଏହି ସଫଳତା ଅବସରରେ ଆୟୁଷ୍ମାନ ବେହେରାଙ୍କ ମାତା ତଥା ସହଯୋଗୀ ଅଧ୍ୟାପିକା ଡଲି ବେହେରା ସମସ୍ତ ସମ୍ମାନିତ ବ୍ୟକ୍ତିଙ୍କୁ ହାର୍ଦ୍ଦିକ ସ୍ୱାଗତ କରିଥିଲେ।

# ଅଂଶୁଘାତ ସଚେତନତା ଓ ଜଳଦାନ ଶିବିର

ପୁରୀ, ୨୧।୪ (ନିପ୍ର) : ବଢିଲାଣି ତାତି। ଆଗକୁ ଖରା ଆହୁରି ବଢିବ। ଏହାକୁ ନଜରରେ ରଖି ଦ ବେଲ୍ ଓମେନ୍ସ କ୍ଲବ ଓ ଶ୍ରୀକ୍ଷେତ୍ର ଓପନ ୟୁନିଟ୍ ମିଳିତ ଆନୁକୂଲ୍ୟରେ ସୋମବାର ଜେଲ୍‌ରୋଡସ୍ଥିତ ପୁରୁଷୋତ୍ତମ ଭକ୍ତ ନିବାସ ନିକଟରେ ଅଂଶୁଘାତ ସଚେତନତା ଓ ଜଳଦାନ ଶିବିର ଶୁଭାରମ୍ଭ ହୋଇଛି। ଏହାକୁ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପଥଚାରୀଙ୍କୁ ଅଂଶୁଘାତ ସଚେତନତା ଲିଫ୍‌ଲେଟ ବଣ୍ଟନ କରଯିବା ସହ ତୃଷାର୍ତ୍ତଙ୍କୁ ଦହି ସର୍ବତ, ମହାପ୍ରସାଦ ତୋରାଣୀ ବଣ୍ଟନ କରାଯାଇଥିଲା। ଏହି ଶିବିର ଶୁଭାରମ୍ଭ ସମୟରେ ଦ ବେଲ୍ ଓମେନ୍ସ କ୍ଲବ ସଂଯୋଜିକା ସବିତା ହରିଚନ୍ଦନ, ସହ ସଂଯୋଜିକା ସିଲି ସେଠୀ, ସଦସ୍ୟା ବନିତା ଦୀକ୍ଷିତ, ରାଜଲକ୍ଷ୍ମୀ ଦାସ, ଅଞ୍ଜଳି କାନୁନଗୋ, ମିନତୀ ନାୟକ, ଶ୍ରୀକ୍ଷେତ୍ର ଓପନ ୟୁନିଟ୍‌ର ରୋଭର ଲିଡର ରାଜେନ୍ଦ୍ର କୁମାର ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

# ମାନସିକ ଅନଗ୍ରସର ନାବାଳିକା ସହ ଦୁଷ୍କର୍ମ ଉଦ୍ୟମରେ ଦୋଷୀ ସାବ୍ୟସ୍ତ ହେଲେ ଅଭିଯୁକ୍ତ

ପାରଳାଖେମଣ୍ଡି, ୨୧।୪ (ନିପ୍ର); ମାନସିକ ଅନଗ୍ରସର ନାବାଳିକା ସହ ଦୁଷ୍କର୍ମ ପ୍ରଚେଷ୍ଟା କରିବା ଭଳି ଏକ ସମ୍ବେଦନଶୀଳ ମାମଲାର ଶୁଣାଣି କରି ଗଜପତି ଜିଲ୍ଲା ଅତିରିକ୍ତ ଜିଲ୍ଲା ସେସନଜଜ ବିଭୁ ପ୍ରସାଦ ପଣ୍ଡା ପୋକ୍ସୋ ଆକ୍ଟର ଧାରା ୬ ତଥା ୧୮ରେ ମୋହନା ଥାନା ଅନ୍ତର୍ଗତ ମୁଡୁମୁଡ଼ିଆ ଗ୍ରାମର ଅଭିଯୁକ୍ତ ପ୍ରଭାତ ଘଡ଼େଇ (୪୮ବର୍ଷ)ଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ବର୍ଷର ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜୋରିମାନାର ସଜା ଶୁଣାଇଛନ୍ତି । ତଥା ଜୋରିମାନା ଅନାଦେୟ ଆହୁରି ଛଅ ମାସ ସଶ୍ରମ ଜେଲଦଣ୍ଡ ଭୋଗ କରିବାକୁ ପଡିବ ବୋଲି ନ୍ୟାୟାଧୀଶ ନିଜର ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ଏହି ସମ୍ବେଦନଶୀଳ ମାମଲାରେ ବିଚାରପତି ନିଜ ରାୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ପିଡ଼ିତାଙ୍କୁ କ୍ଷତିପୂରଣ ବାବଦକୁ ଚାରି ଲକ୍ଷ ଟଙ୍କା ପ୍ରଦାନ କରିବା ନିମନ୍ତେ ନିର୍ଦ୍ଦେଶ ଜାରି କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଏମ୍ ପୃଥ୍ୱୀରାଜ ଏହି ମାମଲାର ସଫଳ ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ତା ୧୯-୦୭-୨୦୨୨ରିଖ ଦିନ ସକାଳ ସମୟରେ ଏତଲାକାରିଣୀଙ୍କ ମାନସିକ ଅନଗ୍ରସର ନାବାଳିକା ଝିଅ (୧୪ବର୍ଷ) ସବୁବେଳ ଭଳି ପଡ଼ିଶା ଘରେ ଟିଭି ଦେଖିବା ପରେ ଘର ପିଣ୍ଡାରେ ବସିଥିଲେ। ସେହି ସମୟରେ ସାମ୍ନା ଘରେ ରହୁଥିବା ଅଭିଯୁକ୍ତ ପ୍ରଭାତ ଘଡ଼େଇ ତାଙ୍କୁ ବାହାନା କରି ନିଜ ଘରକୁ ଡାକି ତାଙ୍କ ସହ ଦୁଷ୍କର୍ମ ପ୍ରଚେଷ୍ଟା କରିଥିଲେ। ପରେ ଏହି କଥା ବିଷୟରେ ଜାଣିବା ପରେ ଏତଲାକାରିଣୀ ମାଆ ଉପଯୁକ୍ତ ନ୍ୟାୟ ଆଶାରେ ତା ୨୦-୦୭-୨୦୨୨ ରିଖରେ ମୋହନା ଥାନାରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏକ ସଙ୍ଗିନ ମାମଲା ଦାୟର କରିଥିଲେ । ଯାହାକି ମାମଲା ନମ୍ବର ୧୩୨ରେ ପଞ୍ଜୀକୃତ ହୋଇଥିଲା ତଥା ଦୁଷ୍କର୍ମ ଓ ପୋକ୍ସୋର ନିର୍ଦ୍ଦିଷ୍ଟ ଧାରା ସବୁ ଲଗାଯାଇଥିଲା। ମାମଲାର ଗମ୍ଭୀରତାକୁ ନଜରରେ ରଖି ସବ-ଇନ୍ସପେକ୍ଟର କୃଷ୍ଣ ଚନ୍ଦ୍ର ମଲ୍ଲିକ ଉକ୍ତ ମାମଲାର ତଦନ୍ତ କରି ଉକ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲେ। ଆଜି ୧୦ଜଣ ବଳିଷ୍ଠ ସାକ୍ଷୀ ପ୍ରମାଣ ତଥା ୧୭ଟି ଦସ୍ତାବିଜକୁ ଆଧାର କରି ସର୍ବଶେଷରେ ଏହି ଦୃଷ୍ଟାନ୍ତମୂଳକ ରାୟ ନ୍ୟାୟାଧୀଶ ଦେଇଛନ୍ତି।

# ଭଗବାନ ପର୍ଶୁରାମ ଜୟନ୍ତୀ

ଭବାନୀପାଟଣା, ୨୧।୪ (ନିପ୍ର); ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ସ୍ଥାନୀୟ ବାଲାଜୀ ମନ୍ଦିର ପରିସରରେ ଭଗବାନ ବିଷ୍ଣୁଙ୍କ ଷଷ୍ଠ ଅବତାର ପର୍ଶୁରାମଙ୍କ ଜିଲ୍ଲା ସ୍ତରୀୟ ଜନ୍ମ ଜୟନ୍ତୀ ପାଳିତ ହୋଇଛି। ଏଥି ନିମନ୍ତେ ମନ୍ଦିର ପରିସରରେ ଥିବା ଯଜ୍ଞ ମଣ୍ଡପରେ ଆଚାର୍ଯ୍ୟ ଶରତ କୁମାର ମିଶ୍ର ଓ ନିରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ଭଗବାନ ପର୍ଶୁରାମଙ୍କ ପୂଜାର୍ଚ୍ଚନା ହୋଇଥିଲା। କକ୍ଷେଶ୍ୱର ପୁରୋହିତ ସସ୍ତ୍ରିକ ଏଥିରେ କର୍ତ୍ତା ହୋଇଥିଲେ। ସୁବୀର ଠାକୁର, ଦିଲ୍ଲୀପ ଜାନୀ ଓ ସାଥୀ ଭଜନ ପରିବେଷଣ କରିଥିଲେ। ଏକ ବିଶାଳ ଶୋଭାଯାତ୍ରାରେ ଏକ ହଜାରରୁ ଉର୍ଦ୍ଧ ପୁରୁଷ ଓ ମହିଳା ବାଲାଜୀ ମନ୍ଦିରରୁ ବାହାରି ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରା ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ପରେ ବ୍ରାହ୍ମଣ ସମାଜ କଳାହାଣ୍ଡିର ବରିଷ୍ଠ ଉପ ସଭାପତି ଗଜେନ୍ଦ୍ର ପ୍ରସାଦ ପାଢ଼ୀଙ୍କ ପୌରୋହିତ୍ୟରେ ଆଧାତ୍ମିକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମାଜ ସେବୀ ଜନାର୍ଦ୍ଦନ ପଣ୍ଡା ମୁଖ୍ୟ ଅତିଥି ଓ ଗବେଷକ ତଥା ବରିଷ୍ଠ ସାମ୍ବାଦିକ ଉମା ଶଙ୍କର କର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଜ୍ଞା ବାହିନୀର ଜିଲ୍ଲା ସଂଯୋଜିକା ସ୍ନେହଲତା ଷଡ଼ଙ୍ଗୀଙ୍କ ଦ୍ୱାରା ବେଦ ପାଠ ସହ ସଭା ଆରମ୍ଭ ହୋଇଥିଲା। ଏହି ଅବସରରେ ଆଇଆଇଏମ୍ ବୋଧଗୟାର ଏମବିଏ ଟପ୍ପର ଅଭିଲାଷ ମହାପାତ୍ର, ବିକାଶ ଗ୍ରୁପ୍ ମ୍ୟାନେଜମେଣ୍ଟ ଅନୁଷ୍ଠାନର ବିବିଏ ପ୍ରଥମ ବର୍ଷ ଟପ୍ପର ଅମିଶା ମହାପାତ୍ର, ସିବିଏସଇ ଦଶମ ପରୀକ୍ଷାରେ ଜିଲ୍ଲାରେ ଦ୍ୱିତୀୟ ଶ୍ରେଷ୍ଠ ହୋଇଥିବା ଆବିର୍ଭାବ ପୁରୋହିତ ଓ ରାଜ୍ୟ ସ୍ତରୀୟ ମୁଟ କୋର୍ଟ ପ୍ରତିଯୋଗିତାର ବିଜେତା ମିଲନ୍ ମୁଣ୍ଡଙ୍କୁ ସମ୍ମାନିତ କରାଯାଇଥିଲା। ପର୍ଶୁରାମ ଜୟନ୍ତୀ ଉପଲକ୍ଷେ ଆୟୋଜିତ ପର୍ଶୁରାମ ବେଶ ପ୍ରତିଯୋଗିତାର ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥିଲା।

# କଳାହାଣ୍ଡି ନୂଆପଡା ଜିଲ୍ଲାରେ ଜନଜାତି ପର୍ଯ୍ୟଟନ ବିକାଶ ପାଇଁ ସ୍ମାରକ ପତ୍ର

ଭବାନୀପାଟଣା, ୨୧।୪ (ନିପ୍ର); କଳାହାଣ୍ଡି ନୂଆପଡା ଜିଲ୍ଲାରେ ଜନଜାତି ପର୍ଯ୍ୟଟନ ବିକାଶ ପାଇଁ ମୋହନ ଚରଣ ମାଝୀ, ମୁଖ୍ୟମନ୍ତ୍ରୀ ଓଡ଼ିଶାଙ୍କୁ ବିକଶିତ କଳାହାଣ୍ଡି ନୂଆପଡା ଅଧ୍ୟକ୍ଷ ଡ. ଭବାନୀ ଶଙ୍କର ନିଆଲ ଜିଲ୍ଲାପାଳ କଳାହାଣ୍ଡିଙ୍କ ଜରିଆରେ ଏକ ସ୍ମାରକ ପତ୍ର ପ୍ରଦାନ କରି ଏହାର ପ୍ରତିଲିପି ଭାରତର ପ୍ରଧାନ ମନ୍ତ୍ରୀ, କେନ୍ଦ୍ର ଓ ରାଜ୍ୟ ଆଦିବାସୀ ମନ୍ତ୍ରୀ ତଥା ମୁଖ୍ୟ ଶାସନ ସଚିବ ଓଡିଶାଙ୍କୁ ପ୍ରଦାନ କରିଛନ୍ତି । ଜନଜାତି ପର୍ଯ୍ୟଟନ ହେଉଛି ପର୍ଯ୍ୟଟନର ଏକ ବିଶେଷ ଦୁଆର ଏହା ସାଂସ୍କୃତିକ ଯାତ୍ରା ଭାବେ ପର୍ଯ୍ୟଟକମାନଙ୍କୁ ଜନଜାତିଙ୍କ ନିଆରା ଜୀବନଶୈଳୀ, ପରମ୍ପରା, ସଂସ୍କୃତି ଓ କଳା ସହିତ ପରିଚିତ କରାଇଥାଏ । ପର୍ଯ୍ୟଟକମାନଙ୍କୁ ଭିନ୍ନ ଏକ ଅନୁଭବ ପ୍ରଦାନ କରିଥାଏ । ଅତିନିକଟରୁ ସେମାନେ



ଆଦିବାସୀମାନଙ୍କ ଜୀବନର ଅନନ୍ୟତାକୁ ଅନୁଭବ କରିବାର ସୁଯୋଗ ପାଇଥାନ୍ତି । ଜିଜ୍ଞାସୁ ଓ ଅନ୍ତର୍ମୁଖୀମାନଙ୍କ ପାଇଁ ଏହା ଏକ ଅପୂର୍ବ ସୁଯୋଗ ଦେଇଥାଏ । ଜନଜାତି ଗ୍ରାମ, ହାଟ, ଯାତ୍ରା, ମେଳଣ ଆଦି ଭ୍ରମଣ ବ୍ୟତୀତ ସେମାନଙ୍କ ଭାଷା, ଖାଦ୍ୟ, ଗୀତ, ସଙ୍ଗୀତ, ବିଭିନ୍ନ ପରମ୍ପରା ଏବଂ ସଂସ୍କୃତି ସହ ପରିଚିତ ହେବା; ଆଦିବାସୀ ଦେବତା, ପୂଜା ପଦ୍ଧତି ଆଦି ଦେଖିବା, ସେମାନଙ୍କର ପୋଷାକ ପରିପାଟୀ, ପରିଧାନ, ଅଳଙ୍କାର, ଖାଦ୍ୟ, ଗୀତ, ସଙ୍ଗୀତ ବିଭିନ୍ନ ପରମ୍ପରା ଏବଂ ସଂସ୍କୃତି ସହ ପରିଚିତ ହେବା ଆଦିବାସୀ ଦେବତା ପୂଜା ପଦ୍ଧତି ଆଦି ଦେଖିବା ସେମାନଙ୍କ ପୋଷାକ ପରିପାଟୀ, ପରିଧାନ, ଅଳଙ୍କାର, ଖାଦ୍ୟ, ବାଦ୍ୟଯନ୍ତ୍ର, କାନ୍ଥଚିତ୍ର କଳା, ହସ୍ତଶିଳ୍ପ, ପର୍ଯ୍ୟଟନର ଆଦି ଏହି ଅନ୍ତର୍ଭୁକ୍ତ । ଓଡିଶାର ଆଦିବାସୀ ସମ୍ପ୍ରଦାୟ ବିଶେଷ କରି କେବିକେ, କଳାହାଣ୍ଡି ଓ ନୂଆପଡା ଜିଲ୍ଲାରେ ପର୍ଯ୍ୟଟନ ପରିଚାଳନା ମାଧ୍ୟମରେ ଏକ ସ୍ଥାୟୀ ବିକାଶ ସୁନିଶ୍ଚିତ କରାଯାଇପାରିବ ବୋଲି ସ୍ମାରକପତ୍ରରେ ନିବେଦନ କରାଯାଇଅଛି । ଏଥରେ ପର୍ଯ୍ୟଟନର ସାମାଜିକ ଓ ଅର୍ଥନୈତିକ ପ୍ରଭାବର ଆକଳନ ସହିତ ଆଦିବାସୀ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ଥିବା ପ୍ରଚଳିତ ନୀତି, ଯୋଜନା ଏବଂ କାର୍ଯ୍ୟକ୍ରମ ଗୁଡିକର ପ୍ରଭାବଶାଳିତାକୁ ଆକଳନ କରିବା, ଦକ୍ଷତା ବିକାଶ ଏବଂ ସାମର୍ଥ୍ୟ ବୃଦ୍ଧି, ସ୍ଥାୟୀ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଏବଂ ଦୀର୍ଘକାଳୀନ ସ୍ଥିରତା ମାପିବା ସହ ଦାୟୀତ୍ୱବାନ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ନୀତିଗତ ନିର୍ଦ୍ଦେଶାବଳୀ ଏବଂ କାର୍ଯ୍ୟ ଯୋଜନା ପ୍ରଦାନ କରିବା ଯାହା ପରିବେଶ ଏବଂ ସାଂସ୍କୃତିକ ସ୍ଥିରତା ବଜାୟ ରଖିବା ସହିତ ଆଦିବାସୀ ସମ୍ପ୍ରଦାୟକୁ ସାମଗ୍ରୀକ ବିକାଶ ସୁନିଶ୍ଚିତ କରିପାରିବ ବୋଲି ସ୍ମାରକପତ୍ରରେ ଦର୍ଶାଯାଇଛି ।

# ପଲିଥିନ ବ୍ୟବହାର କଟକଣାକୁ ଭାପୁର ଅଞ୍ଚଳରେ ଫୁ

ଭାପୁର, ୨୧।୪ (ନିପ୍ର); ପରିବେଶ ଉପରେ ଜରି ପଲିଥିନର କୁପ୍ରଭାବ ପଡୁଥିବା କାରଣରୁ ୨୦୧୮ ମସିହା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଠାରୁ ରାଜ୍ୟ ସରକାର ପଲିଥିନ ବ୍ୟବହାର ଉପରେ କଟକଣା ଜାରି କରିଥିଲେ ଏଂବ ତା'ପରେ ୨୦୨୧ ମସିହା ସେପ୍ଟେମ୍ବର ମାସରେ ୫୦ ମାଇକ୍ରନ ରୁ କମ ପଲିଥିନ ସମ୍ପୂର୍ଣ୍ଣ ନିଷେଧ କରାଯାଇ ୭୫ ମାଇକ୍ରନରୁ କମ କେବଳ ଗୋଟିଏ ଥର ବ୍ୟବହାର ଯୋଗ୍ୟ ପଲିଥିନ ଉପରେ କଟକଣା କରାଯାଇ ଆଇନ କାର୍ଯ୍ୟକାରୀ ହେଲା। ଯଦି, କେହି ଏହି ଆଇନ କୁ ଉଲ୍ଲଘଂନ କରନ୍ତି ତେବେ ସେମାନଙ୍କ ପାଇଁ ପ୍ଲାଷ୍ଟିକ ୱେଷ୍ଟ ମ୍ୟାନେଜମେଣ୍ଟ ରେଗୁଲେସନ ୨୦୨୧ ଅନୁଯାୟୀ ଦଣ୍ଡିତ ହେବେ ବୋଲି ନିୟମ ହେଲା। ୦୧ ଏପ୍ରିଲ ୨୦୨୪ ରୁ ଅଭୟାରଣ୍ୟ, ସରଂକ୍ଷିତ ଜଙ୍ଗଲ, ପାର୍କ ଆଦି ସ୍ଥାନ ମାନଙ୍କରେ ପ୍ଲାଷ୍ଟିକ ବ୍ୟବହାର ଉପରେ ଅଙ୍କୁଶ ଲାଗିଲାପରେ ଭାପୁର ବ୍ଲକ ସାରା ଜରି ଓ ପଲିଥିନମୟ। ଯେତେ କଡାକଡି ନିୟମ ହେଉଛି ସେତିକି ଅଧିକ ପ୍ଲାଷ୍ଟିକ ବ୍ୟବହାର ହେଉଛି ।ସଚେତନତା ଅଭାବ ରୁ ଲଗାମଛଡା ଭାବରେ ବଢି ଚାଲିଥିବା ପଲିଥିନ ବ୍ୟବହାର ପାଇଁ ଭାପୁର ଅଞ୍ଚଳର ପରିବେଶବିତ ମାନେ ଚିନ୍ତାପ୍ରକଟ କରିଛନ୍ତି। ଏହି ପଲିଥିନ ବାହାରେ ପଡିବା ଦ୍ୱାରା ଗାଈଗୋରୁ ମାନେ ଖାଇ ମୃତ୍ୟୁମୁଖରେ ପଡୁଛନ୍ତି। ମାଟି ତଳେ ପୋତିହେଲେ ଜମିର ଉର୍ବରତା କମୁଛି ।ପ୍ରଥମେ ନିୟମ ହେବା ପରେ କଡାକଡି ଭାବରେ ଯାଞ୍ଚ ହେବାରୁ ବନ୍ଦ ରହିଥିଲା ଆଉ ଏବେ ବର୍ତ୍ତମାନ ଯେସା କୁ ତେସା। ଏବେ ଭାପୁର ବ୍ଲକ ସଦର ମହକୁମା ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଯୁଆଡେ ଦେଖିବ ପଲିଥିନମୟ ଏପରିକି ସରକାରୀ କାର୍ଯ୍ୟାଳୟ ରେ ମଧ୍ୟ। ଭାପୁର ର ଯେ କୌଣସି ଅଞ୍ଚଳ ରୁ ସଉଦା ପାଇଁ ଗଲେ ଅର୍ଥାତ,ପରିବା ଦୋକାନରେ ପଲିଥିନ, ତେଜରାତି ଦୋକାନରେ ପଲିଥିନ, ମାଛ ମାଂସ ଦୋକାନରେ ପଲିଥିନ, ଜଳଖିଆ ଦୋକାନରେ ପଲିଥିନ, ଫଳ ଦୋକାନରେ ପଲିଥିନ, ହୋଟେଲ ରେ ପଲିଥିନ ବହୁଳ ବ୍ୟବହାର ଦେଖିବାକୁ ମିଳୁଛି। ପ୍ରଶାସନିକ ଧରପଗଡ଼ କରାଯାଇ ପଲିଥିନ ବ୍ୟବହାର ଓ ପଲିଥିନି ତିଆରି କାରଖାନା କୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିଯିବା ସହିତ ପରିବେଶବିତ ମାନେ ଜିଲ୍ଲା ପ୍ରଶାସନ ଙ୍କ ନିକଟରେ ଦାବୀ କରିଛନ୍ତି।

CMYK
22 04.2026 P-5.pmd 1 4/21/2026, 4:32 PM

## ପହଲଗାମ ଆକ୍ରମଣର ବାର୍ଷିକୀ ପୂର୍ବରୁ ଭାରତୀୟ ସେନାର ଚେତାବନୀ

# ସୀମା କେବେବି ଲଙ୍ଘନ କରାଯିବା ଉଚିତ୍ ନୁହେଁ



ଶ୍ରୀନଗର,୨୧।୪: ୨୨ ଏପ୍ରିଲ୍ ୨୦୨୫ରେ ଜାମ୍ମୁ ଏବଂ କାଶ୍ମୀରର ପହଲଗାମରେ ପାକିସ୍ତାନ ସମର୍ଥିତ ଆତଙ୍କବାଦୀମାନେ ପର୍ଯ୍ୟଟକଙ୍କ ଏକ ଦଳ ଉପରେ ଗୁଳି ଚଳାଇଥିଲେ, ଯେଉଁଥିରେ ୨୫ ଜଣ ପର୍ଯ୍ୟଟକ ଏବଂ ଜଣେ ସ୍ଥାନୀୟ ବାସିନ୍ଦାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ଭାରତ ପାକିସ୍ତାନରେ ଥିବା ଲସ୍କର ଏବଂ ଜୈଶ ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଟାର୍ଗେଟ କରି 'ଅପରେସନ୍ ସିନ୍ଦୂର' ଆରମ୍ଭ କରିଥିଲା। ଏବେ ଗୋଟିଏ ବର୍ଷ ପରେ, ଭାରତରେ ଲୋକେ ଏହି ଘଟଣାକୁ ମନେ ପକାଇ ଶୋକ ପାଳନ କରୁଛନ୍ତି। ଏହି ସମୟରେ ଭାରତୀୟ ସେନା ଏକ କଡ଼ା ଚେତାବନୀ ଜାରି କରିଛି। ଭାରତୀୟ ସେନା ପାକିସ୍ତାନକୁ ଏକ କଡ଼ା ବାର୍ତ୍ତା ଦେଇଛି। ସେନା କହିଛି ଯେ, କିଛି ସୀମା ଅଛି ଯାହାକୁ କେବେବି ଲଙ୍ଘନ କରାଯିବା ଉଚିତ୍ ନୁହେଁ ଏବଂ ଯଦି ଏପରି କରାଯାଏ ତେବେ ପରିଣାମ ବିଷୟରେ ସ୍ମରଣ କରିବାକୁ ହେବ। ପହଲଗାମ ଆକ୍ରମଣର ବାର୍ଷିକୀ ପୂର୍ବରୁ, ଭାରତୀୟ ସେନା ସୋସିଆଲ ମିଡିଆ ଏକ୍ସରେ କହିଛି, ଯେତେବେଳେ ମାନବତାର ସୀମା ଲଙ୍ଘନ କରାଯାଏ, ସେତେବେଳେ ପ୍ରତିକ୍ରିୟା ନିର୍ଣ୍ଣାୟକ ହୋଇଥାଏ। ନ୍ୟାୟ ପ୍ରଦାନ କରାଯାଏ। ଭାରତ ଏକଜୁଟ ହୋଇ ଠିଆ ହୁଏ। ପୋଷ୍ଟ ସହିତ ଏକ ଗ୍ରାଫିକ୍ ମଧ୍ୟ ଲେଖାଯାଇଛି, 'କିଛି ସୀମା କେବେବି ଲଙ୍ଘନ କରାଯିବା ଉଚିତ୍ ନୁହେଁ। ଭାରତ ଭୁଲେ ନାହିଁ'। ଅପରପକ୍ଷରେ ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରଥମ ବାର୍ଷିକୀ ପୂର୍ବରୁ ଜୈଶ୍-ଏ-ମହମ୍ମଦ (ଜେଇଏମ୍) କମାଣ୍ଡର ଅବଦୁଲ ରୌଫଙ୍କ ନାମରେ ଏକ ନୂତନ ଅଡିଓ କ୍ଲିପ୍ ସାମ୍ନାକୁ ଆସିଛି। ଏହି ଅଡିଓ ଆତଙ୍କବାଦୀ ସଂଗଠନର ମହିଳା ଶାଖା, ଜମାତ-ଅଲ-ମୋମିନାତ ଉପରେ କେନ୍ଦ୍ରିତ। ଏଥିରେ ପାକିସ୍ତାନରେ ସଂଗଠନର ବୈଚାରିକ ଧାରାର ବିସ୍ତାର କରିବା ପାଇଁ ପ୍ରୟାସ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି। ଅଡିଓରେ ରୌଫ ଦାବି କରିଛନ୍ତି,କରାଚିରୁ ବାହାୱଲପୁର, ବାହାୱଲପୁରରୁ ପେଶାୱର ପର୍ଯ୍ୟନ୍ତ, ଜମାତ-ଅଲ-ମୋମିନାତ ସାରା ଦେଶରେ ସକ୍ରିୟ ଅଛି। ମସୁଦ ଆଝାରଙ୍କ ନିର୍ଦ୍ଦେଶରେ, ମହିଳାମାନଙ୍କୁ ଚାରିଟି ଜିନିଷ ପ୍ରତି ଆମନ୍ତ୍ରଣ କରାଯାଉଛି, ବିଶ୍ୱାସ, ପ୍ରାର୍ଥନା, ଜିହାଦ ଏବଂ ପରଦା। ସେ ଅଭିଯୋଗ କରିଛନ୍ତି, ମହିଳାମାନଙ୍କୁ ନିଯୁକ୍ତି ନାମରେ ଦୁର୍ନୀତିଗ୍ରସ୍ତ କରାଯାଉଛି। ଟେଲିଭିଜନରୁ ଦୂରେଇ ରହିବାକୁ ମଧ୍ୟ ସେ ଅନୁରୋଧ କରିଛନ୍ତି। ଏହି ବାର୍ତ୍ତା ମାଧ୍ୟମରେ ସେ ଯୁବପିଢ଼ିଙ୍କୁ ନିଜ ଜାଲରେ ଫସାଇବାକୁ ଉଦ୍ୟମ କରିଛନ୍ତି। ବିଦେଶରେ ଚାକିରି ଖୋଜିବାକୁ ସେମାନଙ୍କୁ ନିରୁତ୍ସାହିତ କରାଯାଇ ସଂଗଠନରେ ନିଯୁକ୍ତି ଦେବାକୁ କୁହାଯାଇଛି।

# ବିଶ୍ୱର ୨୦ ଉତ୍ତପ୍ତ ସହର ମଧ୍ୟରେ ରହିଛି ଭାରତର ୧୯ ସହର



ନୂଆଦିଲ୍ଲୀ,୨୧।୪: ବିଶ୍ୱ ତାପମାତ୍ର ବୃଦ୍ଧିର କେନ୍ଦ୍ର ସ୍ଥଳରେ ଭାରତ। ଏପ୍ରିଲ ୨୧ ତାରିଖ ଦିନ ୧୨.୨୧ ମିନିଟରେ ଏକ୍ୟୁଆଇ ଡଟ ଇନ ପକ୍ଷରୁ ଜାରି କରାଯାଇଥିବା ରିପୋର୍ଟରେ ଏକ ଚମକାଇ ଦେଲା ଭଳି ତଥ୍ୟ ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ ବିଶ୍ୱର ୨୦ଟି ସବୁଠାରୁ ଉତ୍ତପ୍ତ ସହରର ମଧ୍ୟରେ କେବଳ ଭାରତର ୧୯ଟି ସହରର ନାଁ ରହିଛି। ପାଣିପାଗ କାର୍ଯ୍ୟାଳୟ କହିଛି ଯେ ୨୨ ଏପ୍ରିଲରୁ ୨୪ ଏପ୍ରିଲ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଆହୁରି ଜାରି ରହିପାରେ। ଏହି ସମୟ ମଧ୍ୟରେ ସର୍ବାଧିକ ତାପମାତ୍ରା ଆହୁରି ବୃଦ୍ଧି ପାଇ ୪୩ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ପହଞ୍ଚିଯିବ। ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଅତିକ୍ରମ କଲା ପରେ ପାଣିପାଗ ବିଭାଗ ଏହାକୁ ହିଟୱେଭ୍ ଘୋଷଣା କରେ। ବର୍ତ୍ତମାନ ଭାରତରେ ଏକାଧିକ ସହରର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଅତିକ୍ରମ କରିଛି। ମଙ୍ଗଳବାର ବିଶ୍ୱର ସବୁଠାରୁ ଉତ୍ତପ୍ତ ସହର ତାଲିକାରେ ବିହାର, ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଉତ୍ତର ପ୍ରଦେଶର ସହରଗୁଡ଼ିକ ପ୍ରମୁଖ ସ୍ଥାନ ହାସଲ କରିଛନ୍ତି, ଯେଉଁଠାରେ ତାପମାତ୍ରା ଅତ୍ୟନ୍ତ ବୃଦ୍ଧି ପାଇଛି, ଅନେକ ସ୍ଥାନରେ ତାପମାତ୍ରା ୪୪ ଡିଗ୍ରୀ ସେଲସିୟସ ଛୁଇଁଛି। ବିଶ୍ୱର ଉତ୍ତପ୍ତ ସହରର ତାଲିକାରେ ବିହାରର ଭାଗଲପୁର, ଓଡ଼ିଶାର ତାଲଚେର ଏବଂ ପଶ୍ଚିମବଙ୍ଗର ଆସାନସୋଲ ତାଲିକାର ଶୀର୍ଷରେ ଅଛନ୍ତି। ଏହି ତିନି ସହରର ତାପମାତ୍ରା ୪୪ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଏହା ପଛକୁ ବିହାରର ବେଗୁସରାଇ, ମୋତିହାରୀ, ମୁଙ୍ଗେର, ଭୋଜପୁର ଏବଂ ସିୱାନ ସମେତ ପଶ୍ଚିମବଙ୍ଗ ଏବଂ ପୂର୍ବ ଉତ୍ତର ପ୍ରଦେଶର ଏକାଧିକ ସ୍ଥାନ ରହିଥିଲା। ଏହିସ୍ଥାନଗୁଡ଼ିକର ତାପମାତ୍ରା ୪୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା। ଶୀର୍ଷ ୨୦ରେ ଏକମାତ୍ର ଅଣ-ଭାରତୀୟ ସହର ନେପାଳର ଲୁମ୍ବିନୀ ସ୍ଥାନ ପାଇଥିଲା।

## ମଣିପୁରରେ ୫.୨ ତୀବ୍ରତାର ଭୂକମ୍ପ ଝଟ୍‌କା

ମଣିପୁର, ୨୧।୪: ଭୂକମ୍ପ ଝଟକାରେ ଥରିଛି ଉତ୍ତର-ପୂର୍ବ ଭାରତର ରାଜ୍ୟ ମଣିପୁର। ମଙ୍ଗଳବାର ଭୋର୍ ସମୟରେ ଅନୁଭୂତ ହୋଇଥିବା ଏହି ଶକ୍ତିଶାଳୀ କମ୍ପନ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି । ଝଟକା ଏତେ ଜୋରଦାର ଥିଲା ଯେ, ଶୋଇଥିବା ଅବସ୍ଥାରେ ଲୋକେ ନିଦରୁ ଉଠି ପଡ଼ିଥିଲେ ଏବଂ ଜୀବନ ବିକଳରେ ନିଜ ନିଜ ଘରୁ ବାହାରି ଖୋଲା ପଡ଼ିଆ ତଥା ରାସ୍ତାକୁ ଦୌଡ଼ିବାକୁ ଲାଗିଥିଲେ। ନ୍ୟାସନାଲ ସେଣ୍ଟର ଫର୍ ସିସ୍ମୋଲୋଜିର ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳେ ମଣିପୁରରେ ଆସିଥିବା ଏହି ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫.୨ ମପାଯାଇଛି ।

## ବିବାହ ଭୋଜି ଖାଇ ୪୦୦ରୁ ଅଧିକ ହସ୍ପିଟାଲରେ ଭର୍ତ୍ତି

ନୂଆଦିଲ୍ଲୀ,୨୧/୪; ବିବାହ ଉତ୍ସବରେ ଅଘଟଣ । ଖୁସିର ଆସର ଫିକା ପଡିଗଲା । ଭୋଜିରେ ହୋଇଥିବା ବିଭିନ୍ନ ସୁଆଦିଆ ଆଇଟମ୍ ଖାଇଲେ । ବିବାହ ଉପଭୋଗ କରୁଥିଲେ । ହେଲେ କିଛି ଘଣ୍ଟା ଭିତରେ ଚହଳ ପଡିଗଲା । ଗୁଜରାଟର ଦାହୋଦ ଜିଲ୍ଲା ଆଭଲୋଦ ଗାଁରେ ଏକ ବିବାହ ଉତ୍ସବରେ ବିଷାକ୍ତ ଖାଦ୍ୟ ଖାଇବା ପରେ ୪୦୦ରୁ ଅଧିକ ଲୋକ ଅସୁସ୍ଥ ହୋଇ ପଡିଛନ୍ତି । ଏହା ଘଟଣା ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଛି । ବହୁ ସଂଖ୍ୟକ ଲୋକଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରିପୋର୍ଟ ଅନୁସାରେ, ବିବାହ ଉତ୍ସବରେ ଲୋକେ ଖାଦ୍ୟ ଖାଇବାର କିଛି ଘଣ୍ଟା ମଧ୍ୟରେ ବାନ୍ତି, ଝାଡ଼ା ଏବଂ ପେଟ ଯନ୍ତ୍ରଣା ଅନୁଭବ କରିବା ଆରମ୍ଭ କରିଥିଲେ। ପ୍ରଭାବିତ ଲୋକଙ୍କ ସଂଖ୍ୟା ଧୀରେ ଧୀରେ ବୃଦ୍ଧି ପାଇବାରୁ ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗକୁ ତୁରନ୍ତ ସୂଚନା ଦିଆଯାଇଥିଲା।

## ପଶ୍ଚିମବଙ୍ଗରେ ବାଇକ୍ ରାଲି ଉପରେ ଲାଗିଲା ପ୍ରତିବନ୍ଧକ

କୋଲକାତା,୨୧।୪ : ପଶ୍ଚିମବଙ୍ଗରେ ସ୍ୱାଧୀନତା , ନିରପେକ୍ଷ ଓ ଭୟମୁକ୍ତ ନିର୍ବାଚନ ସୁନିଶ୍ଚିତ କରିବା ପାଇଁ, ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ କାର୍ଯ୍ୟାଳୟ ମୋଟରସାଇକେଲର ବ୍ୟବହାର ଉପରେ କଡ଼ ପ୍ରତିବନ୍ଧନ ଲଗାଇଛନ୍ତି। ଆୟୋଗ ଦ୍ୱାରା ୨୦ ଅପ୍ରେଲରେ ଜାରି ଅଧିସୂଚନା ଅନୁସାରେ , ମତଦାନର ୨୪ ଘଣ୍ଟା ପୂର୍ବରୁ କୌଣସି ପ୍ରକାରର ବାଇକ୍ ରାଲି ଅନୁମତି ହେବ ନାହିଁ। ଆୟୋଗର ସୂତ୍ରାନୁସାରେ , ଏହା ଦେଖାଯାଇଛି ଯେ, ନିର୍ବାଚନ ପ୍ରଚାର ସମାପ୍ତ ହେବା ପରେ ମଧ୍ୟ ରାଜନୀତିକ ଦଳ ବାଇକ୍ ରାଲି କରିଥାନ୍ତି , ଯାହା ଦ୍ୱାରା ଅନେକ ମାମଲାରେ ଭୋଟରଙ୍କୁ ଡ଼ରାଇ ଧମକାଇବାକୁ ଚେଷ୍ଟା କରାଯାଏ।

## ବାହୁବଳୀ ସାଂସଦ ପପୁ ଯାଦବଙ୍କୁ ମହିଳା କମିଶନଙ୍କ ନୋଟିସ୍

ପାଟନା,୨୧।୪: ରାଜନୀତିକୁ ଆସୁଥିବା ମହିଳାଙ୍କୁ କମ୍ପ୍ରୋମାଇଜ୍ କରିବାକୁ ପଡ଼େ । ମହିଳାଙ୍କ ଉପରେ ଏଭଳି ଅପମାନଜନକ ଟିପ୍ପଣୀ କରି ଫସିଛନ୍ତି ବିହାର ପୂର୍ଣ୍ଣିୟାର ବାହୁବଳୀ ସାଂସଦ ପପୁ ଯାଦବ । ବିହାର ମହିଳା କମିଶନ ତାଙ୍କୁ ନୋଟିସ୍ କରିଛନ୍ତି । ମହିଳାଙ୍କ ଉପରେ ଅଶୋଭନୀୟ ଟିପ୍ପଣୀ ସଂପର୍କରେ ପପୁ ଯାଦବଙ୍କୁ ଜବାବ ମାଗିଛନ୍ତି ମହିଳା ଆୟୋଗ । ପପୁ ଯାଦବ ମହିଳାମାନଙ୍କ ରାଜନୀତିରେ ପ୍ରବେଶ କରିବା ସମ୍ପର୍କରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ସେ କହିଥିଲେ ଯେ, ରାଜନୀତିରେ ପ୍ରବେଶ କରୁଥିବା ଅଧିକାଂଶ ମହିଳାଙ୍କୁ ଆପୋଷ ବୁଝାମଣା କରିବାକୁ ପଡ଼ିଥାଏ।

# ମୁଁ ପ୍ରଧାନମନ୍ତ୍ରୀଙ୍କୁ 'ଆତଙ୍କବାଦୀ' କହିନାହିଁ: ଖଡ଼ଗେ



ନୂଆଦିଲ୍ଲୀ,୨୧।୪: କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ମୋଦିଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଥିଲେ । ସେ ଦାବି କରିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦି ସରକାରୀ କଳର ବ୍ୟବହାର କରି ରାଜନୈତିକ ପାର୍ଟି ଏବଂ ଲୋକଙ୍କୁ ଡରାଉଛନ୍ତି । କେବଳ ସେତିକି ନୁହେଁ, ପ୍ରଧାନମନ୍ତ୍ରୀଙ୍କୁ 'ଆତଙ୍କବାଦୀ' ବୋଲି କହିଥିଲେ ମଲ୍ଲିକାର୍ଜୁନ ଖଡ଼ଗେ । ତାପରେ ସେ ସ୍ପଷ୍ଟୀକରଣ ଦେଇଛନ୍ତି ।ଚେନ୍ନାଇରେ କେସି ବେଣୁଗୋପାଳଙ୍କ ସହ ଏକ ସାମ୍ବାଦିକ ସମ୍ମିଳନୀରେ ଖଡ଼ଗେ ପ୍ରଥମେ ବିଜେପି ସହିତ ଏଆଇଏଡିଏମକେର ମେଣ୍ଟକୁ ସମାଲୋଚନା କରିଥିଲେ । ଏହା ସହ ପ୍ରଧାନମନ୍ତ୍ରୀଙ୍କୁ 'ଆତଙ୍କବାଦୀ' ବୋଲି କହିଥିଲେ ଖଡ଼ଗେ । ଏହା ଶୁଣିବା ପରେ ଖଡ଼ଗେ ତାଙ୍କ ମନ୍ତବ୍ୟ ସ୍ପଷ୍ଟ କରିବାକୁ ଉପସ୍ଥିତ ସାମ୍ବାଦିକମାନେ ଚାପ ପକାଇଥିଲେ । ଏହା ପରେ କଂଗ୍ରେସ ଅଧ୍ୟକ୍ଷ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଦେଶର ଗଣତାନ୍ତ୍ରିକ ଗଠନକୁ ବିପଦରେ ପକାଇଛନ୍ତି। ଖଡ଼ଗେ କହିଛନ୍ତି, 'ପିଏମ ମୋଦି ଲୋକଙ୍କୁ ଏବଂ ରାଜନୈତିକ ଦଳଗୁଡ଼ିକୁ ଭୟଭୀତ କରୁଛନ୍ତି। ମୁଁ କେବେ କହିନାହିଁ ଯେ, ସେ ଆତଙ୍କବାଦୀ। ଭୟଭୀତ କରାଇବାର ଅର୍ଥ ହେଉଛି ସେ ତାଙ୍କର କ୍ଷମତା ଏବଂ ସରକାରୀ କଳର ଅପବ୍ୟବହାର କରୁଛନ୍ତି ଏବଂ ବିରୋଧୀ ଦଳଗୁଡ଼ିକୁ ଧମକାଉଛନ୍ତି । ବିରୋଧୀ ଦଳଗୁଡ଼ିକ ବିରୁଦ୍ଧରେ ମିଥ୍ୟା ଅଭିଯୋଗ ଆଣୁଛନ୍ତି।''କେନ୍ଦ୍ରୀୟ ସଂସ୍ଥାଗୁଡ଼ିକର ଅପବ୍ୟବହାର ହେଉଛି'ନିର୍ବାଚନ କମିଶନ ବିଜେପି କାର୍ଯ୍ୟାଳୟର ଅଂଶ ଏବଂ ପ୍ରଧାନମନ୍ତ୍ରୀ ନିର୍ବାଚନ ପ୍ରଚାରର ଶେଷ ପର୍ଯ୍ୟାୟରେ ଆଦର୍ଶ ଆଚରଣ ସଂହିତା ଉଲ୍ଲଂଘନ କରିଥିବା ଅଭିଯୋଗ କରିଥିଲେ ଖଡ଼ଗେ । ସେ ଦାବି କରିଥିଲେ ଯେ, ରାଜନୈତିକ କର୍ମୀମାନଙ୍କୁ ଭୟଭୀତ କରିବା ପାଇଁ ସିବିଆଇ, ଇଡି ଏବଂ ଆୟକର ବିଭାଗ ଭଳି କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ଉପକରଣ ଭାବରେ ବ୍ୟବହାର କରାଯାଉଛି। ମଲ୍ଲିକାର୍ଜୁନ ଖଡ଼ଗେଙ୍କ ବୟାନକୁ ବିରୋଧ କରି ବିଜେପି ସାଂସଦ ସମ୍ବିତ ପାତ୍ର କହିଛନ୍ତି, 'କଂଗ୍ରେସ ଅଧ୍ୟକ୍ଷ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆତଙ୍କବାଦୀ ବୋଲି ବର୍ଣ୍ଣନା କରିବା ପାଇଁ ଯେଉଁ ପ୍ରକାରର ଶବ୍ଦ ବ୍ୟବହାର କରିଛନ୍ତି, ତାହା କେବଳ ନିନ୍ଦନୀୟ ନୁହେଁ ବରଂ କଂଗ୍ରେସ ଦଳର ମାନସିକତାକୁ ମଧ୍ୟ ପ୍ରତିଫଳିତ କରୁଛି।'

## ହଙ୍ଗେରୀ ପ୍ରଧାନମନ୍ତ୍ରୀଙ୍କ ଚେତାବନୀ

# ଆମ ସୀମା ଭିତରକୁ ଆସିଲେ ନେତାନ୍ୟାହୁ ଗିରଫ ହେବେ



ବୁଧାପେଷ୍ଟ,୨୧।୪: ହଙ୍ଗେରୀର ନୂତନ ପ୍ରଧାନମନ୍ତ୍ରୀ ପିଟର ମାଗ୍ୟାର ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଯଦି ହଙ୍ଗେରୀ ସୀମା ଭିତରକୁ ଆସିବେ ତେବେ ତାଙ୍କୁ ଗିରଫ କରାଯାଇପାରେ। କାରଣ ଅନ୍ତର୍ଜାତୀୟ ଅପରାଧ ଅଦାଲତ (ଆଇସିସି) ନେତାନ୍ୟାହୁଙ୍କ ବିରୋଧରେ ଗିରଫ ପରୱାନା ଜାରି କରିସାରିଛି। ସ୍କାଏ ନ୍ୟୁଜ୍ ରିପୋର୍ଟ ଅନୁଯାୟୀ, ମାଗ୍ୟାର ସ୍ପଷ୍ଟ ଭାବରେ କହିଛନ୍ତି, ହଙ୍ଗେରୀ ସୀମା ଅତିକ୍ରମ କରୁଥିବା ଯେକୌଣସି ବ୍ୟକ୍ତିଙ୍କୁ ଆଇସିସି ୱାରେଣ୍ଟର ସମ୍ମୁଖୀନ ହେବାକୁ ପଡିବ, ତାଙ୍କୁ ଅଟକ ରଖାଯିବ। ସେ ଏହା ମଧ୍ୟ କହିଛନ୍ତି ଯେ, ହଙ୍ଗେରୀ ଆଇସିସିର ସଦସ୍ୟ ରହିବ ଏବଂ ଏଥିରୁ ଓହରିଯିବାର ପୂର୍ବ ସରକାରଙ୍କ ନିଷ୍ପତ୍ତିକୁ ରଦ୍ଦ କରାଯିବ। ମାଗ୍ୟାରଙ୍କ ବକ୍ତବ୍ୟ ଗୁରୁତ୍ୱପୂର୍ଣ୍ଣ କାରଣ ସେ ସମ୍ପ୍ରତି ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କୁ ହଙ୍ଗେରୀକୁ ନିମନ୍ତ୍ରଣ କରିଥିଲେ। ଏହାକୁ ସ୍ପଷ୍ଟ କରି ସେ କହିଛନ୍ତି ଯେ, ନିର୍ବାଚନ ଜିତିବା ପରେ, ୧୯୫୬ ବିଦ୍ରୋହର ୭୦ତମ ବାର୍ଷିକୀରେ ଅନେକ ଦେଶର ନେତାଙ୍କୁ ନିମନ୍ତ୍ରଣ କରିଥିଲେ ଏବଂ ସେହି ପଦକ୍ଷେପର ଏକ ଅଂଶ ଭାବରେ ନେତାନ୍ୟାହୁଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସେ ଏହା ମଧ୍ୟ କହିଛନ୍ତି, ନେତାନ୍ୟାହୁଙ୍କୁ ପୂର୍ବରୁ ସୂଚନା ଦିଆଯାଇଥିଲା ଯେ ହଙ୍ଗେରୀ ଆଇସିସି ନିୟମାବଳୀରୁ ପଛକୁ ହଟିବ ନାହିଁ ଏବଂ ଆଇନ ପାଳନ କରିବ। ୨୦୨୪ରେ, ଆଇସିସି ନେତାନ୍ୟାହୁଙ୍କ ବିରୋଧରେ ଏକ ଗିରଫ ପରୱାନା ଜାରି କରିଥିଲା, ତାଙ୍କୁ ଯୁଦ୍ଧ ଅପରାଧ ଏବଂ ମାନବତା ବିରୋଧରେ ଅପରାଧର ଅଭିଯୋଗ କରାଯାଇଥିଲା।

## ଇରାନ ନେତାଙ୍କ ସହ ମିଟିଂ ପାଇଁ ଟ୍ରମ୍ପଙ୍କ ପ୍ରସ୍ତାବ

ନୂଆଦିଲ୍ଲୀ ୨୧।୪: ଆମେରିକା ଓ ଇରାନ ମଧ୍ୟରେ ସ୍ଥିତି ସୁଧାରିବା ପାଇଁ ପାକିସ୍ତାନ ଇସଲାମାବାଦରେ ପ୍ରଥମ ପର୍ଯ୍ୟାୟ ମିଟିଂ ଫେଲ୍ ମାରିଛି । ଏବେ ପୁଣି ଥରେ ଦ୍ୱିତୀୟ ମିଟିଂ ବସିବା ନେଇ ସୂଚନା ଆସୁଛି । ରିପୋର୍ଟ କହୁଛି ପୁଣି ଇସଲାମାବାଦରେ ବସିବ ଶାନ୍ତି ବୈଠକ । ଇରାନର ପ୍ରତିନିଧି ଦଳ ଯିବେ ପାକିସ୍ତାନ । ଏପରି ସ୍ଥିତିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବୟାନକୁ ନେଇ ଯେତିକି ଚର୍ଚ୍ଚା ହେଉଛି ସମାଧାନ ଦିଗରେ ଆଶା ବି ବଢ଼ିଛି । ଟ୍ରମ୍ପ ନ୍ୟୁୟର୍କ ପୋଷ୍ଟକୁ କହିଛନ୍ତି ମୋତେ ଇରାନ ସହ ସାକ୍ଷାତ ଆଲୋଚନା କରିବାରେ କୌଣସି ଅସୁବିଧା ନାହିଁ । ଇରାନ ନେତାଙ୍କ ସହ ମୁହାଁମୁହିଁ ବୈଠକ କରିବାକୁ ଟ୍ରମ୍ପ ପ୍ରସ୍ତାବ ଦେଇଛନ୍ତି । କହିଛନ୍ତି ସିଧାସଳଖ ଆଲୋଚନା ପାଇଁ ମୁଁ ରାଜି । ସୋମବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯଦି ଇରାନ ସହ ଶାନ୍ତି ଆଲୋଚନାରେ ସଫଳତା ମିଳିପାରିବ ତେବେ ମୁଁ ଇରାନ ନେତାଙ୍କ ସହ ସାକ୍ଷାତ ପାଇଁ ଇଚ୍ଛୁକ । ସେ ଜୋର ଦେଇ କହିଛନ୍ତି ଗମ୍ଭୀର ଆଲୋଚନା ପାଇଁ ଟେବୁଲକୁ ଆସିବା ଦରକାର ।ଏସବୁ ଭିତରେ ଆମେରିକା ରାଷ୍ଟ୍ରପତିଙ୍କ ନୂଆ ଧମକ ବି ସାମ୍ନାକୁ ଆସିଛି ।

## ବିଜେପି-ଟିଏମସି ମୁହାଁମୁହିଁ: ୯ ଗିରଫ

କୋଲକାତା,୨୧/୪: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଅଭିଯାନ ସରଗରମ ଥିବା ବେଳେ କୋଲକାତାର ଏକବଲପୁର ଥାନା ବାହାରେ ମଙ୍ଗଳବାର ବିଜେପି ଓ ତୃଣମୂଳ କଂଗ୍ରେସ (ଟିଏମସି) କର୍ମୀଙ୍କ ମଧ୍ୟରେ ଭୟଙ୍କର ସଂଘର୍ଷ ଘଟିଛି। ବିଜେପି ପ୍ରାର୍ଥୀ ରାକେଶ ସିଂଙ୍କ ନେତୃତ୍ୱରେ ଚାଲିଥିବା ଏକ କାର୍ଯ୍ୟକ୍ରମ ସମୟରେ ହୋସେନ୍ ଶାହା ରୋଡରେ ଉଭୟ ପକ୍ଷ ମୁହାଁମୁହିଁ ହୋଇଥିଲେ। ନାରାବାଜିରୁ ଆରମ୍ଭ ହୋଇଥିବା ଏହି ବିବାଦ ହିଂସାର ରୂପ ନେଇଥିଲା, ଯାହାଫଳରେ ପୋଲିସ ୫ ଜଣ ବିଜେପି ଓ ୪ ଜଣ ଟିଏମସି କର୍ମୀଙ୍କ ସମେତ ମୋଟ ୯ ଜଣଙ୍କୁ ଗିରଫ କରିଛି। ଏହି ଘଟଣାରେ କୋଲକାତା ପୋଲିସ ତିନୋଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପଶ୍ଚିମବଙ୍ଗର ୨୯୪ଟି ଆସନ ପାଇଁ ଏପ୍ରିଲ ୨୩ ଏବଂ ଏପ୍ରିଲ ୨୯ରେ ଦୁଇଟି ପର୍ଯ୍ୟାୟରେ ମତଦାନ ହେବାକୁ ଥିବା ବେଳେ ବର୍ତ୍ତମାନ ରାଜନୈତିକ ଉଷ୍ମତା ଚରମ ସୀମାରେ ପହଞ୍ଚିଛି। ଏହି ହିଂସାକାଣ୍ଡ ମଧ୍ୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିଜେପି ବିରୁଦ୍ଧରେ ପ୍ରଚାର କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ଅଭିଯୋଗ ଆଣିଛନ୍ତି।

## ତାମିଲନାଡୁର ବିଶ୍ୱାସଘାତକଙ୍କ ପାଇଁ ମୁଁ 'ବିପଦ' ହୋଇ ରହିବି': ଷ୍ଟାଲିନ



ନୂଆଦିଲ୍ଲୀ,୨୧/୪; ତାମିଲନାଡୁର ୨୩୪ ବିଧାନସଭା ଆସନ ପାଇଁ ଆସନ୍ତା ୨୩ ତାରିଖରେ ମତଦାନ ହେବ। ଆଜି (ମଙ୍ଗଳବାର) ପ୍ରଚାର ଲାଗି ଶେଷ ଦିନ। ସେଥିପାଇଁ ଶାସକ ଦଳ ଡିଏମକେ ପକ୍ଷରୁ ଜୋରଦାର ପ୍ରଚାର କରାଯାଇଛି । ମୁଖ୍ୟମନ୍ତ୍ରୀ ଏମ୍ କେ ଷ୍ଟାଲିନ୍ ନିର୍ବାଚନ ରାଲିରେ ସମ୍ବୋଧନ କରିଛନ୍ତି । ଆଜି ଏକ ନିର୍ବାଚନୀ ରାଲିରେ କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି ଏମ୍ କେ ଷ୍ଟାଲିନ। ସେ କହିଛନ୍ତି, ତାମିଲନାଡୁ ସହ ଯିଏ ବିଶ୍ୱାସଘାତକ କରିବ ସେ ତା ପାଇଁ ସର୍ବଦା ବିପଦ ହୋଇ ରହିବେ। ଏହା ସହିତ କେନ୍ଦ୍ର ସରକାରଙ୍କ ଆକ୍ରମଣାତ୍ମକ ସୀମା ନିର୍ଦ୍ଧାରଣ ଅଭିଯାନ ତାମିଲନାଡୁ ଭଳି ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟକୁ 'ଦଣ୍ଡ' ଦେବା ପାଇଁ ଉଦ୍ଦିଷ୍ଟ ବୋଲି କହିଛନ୍ତି ଡିଏମକେ ମୁଖ୍ୟ ତଥା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍। କଲାଇଗ୍ନାରଙ୍କ ସହ ତୁଳନାକୁ ନେଇ ଷ୍ଟାଲିନ୍ କହିଲେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ଭିଡିଓ ବର୍ତ୍ତାରେ ସେ କହିଛନ୍ତି, ୨୦୨୧ ବିଧାନସଭା ନିର୍ବାଚନ ସମୟରେ ଲୋକମାନେ କହିଥିଲେ, 'ଷ୍ଟାଲିନ୍ କଲାଇଗ୍ନାର୍ ଅପେକ୍ଷା ଅଧିକ ବିପଦଜନକ ।' ମୋତେ ତାଙ୍କ ସହିତ କେବେବି ତୁଳନା କରାଯାଇପାରିବ ନାହିଁ । ମୁଁ ତାଙ୍କୁ ପ୍ରାୟତଃ ପିତା ନୁହେଁ ବରଂ ଜଣେ ନେତା ଭାବରେ ଉଲ୍ଲେଖ କରୁଥିଲି । ଯେତେବେଳେ ସେମାନେ ଏହା କୁହନ୍ତି, ମୋ ମନରେ କେବଳ ଗୋଟିଏ କଥା ଆସେ, ମୁଁ ସର୍ବଦା ସେମାନଙ୍କ ପାଇଁ ବିପଦ ହୋଇ ରହିବି ଯେଉଁମାନେ ତାମିଲନାଡୁ ସହ ବିଶ୍ୱାସଘାତକତା କରିବାକୁ ଏବଂ ଏହାର ବିକାଶରେ ବାଧା ସୃଷ୍ଟି କରିବାକୁ ଚାହାଁନ୍ତି । ସେ ପଚାରିଲେ, "ଯଦି ମୁଁ ଏହି କ୍ଷେତ୍ରରେ କଲାଇଗନାରଙ୍କଠାରୁ ଗୋଟିଏ ପାଦ ଆଗରେ, ତେବେ ଏହା ମୋ ପାଇଁ ଗର୍ବର ବିଷୟ ନୁହେଁ କି ?"ଗତ ପାଞ୍ଚ ବର୍ଷ ମଧ୍ୟରେ, ଲୋକମାନେ ମୁଖ୍ୟମନ୍ତ୍ରୀ ଭାବରେ ମୋ ଉପରେ ସେମାନଙ୍କର ବିଶ୍ୱାସ ପ୍ରକାଶ କରିଛନ୍ତି

## ପ୍ରଧାନମନ୍ତ୍ରୀଙ୍କ ଜାତି ଉଦ୍ଦେଶ୍ୟରେ ଅଭିଭାଷଣ ଏମସିସିର ଉଲ୍ଲଂଘନ

# ୭୦୦ରୁ ଅଧିକ ବୁଦ୍ଧିଜୀବୀ ସିଇସିଙ୍କୁ ଚିଠି ଲେଖି କଲେ ଅଭିଯୋଗ



ନୂଆଦିଲ୍ଲୀ,୨୧/୪: ପୂର୍ବତନ ବ୍ୟୁରୋକ୍ରାଟ, ଶିକ୍ଷାବିତ୍, କର୍ମୀ ଏବଂ ସାମ୍ବାଦିକଙ୍କ ସମେତ ୭୦୦ ରୁ ଅଧିକ ଲୋକ ଭାରତର ନିର୍ବାଚନ କମିସନଙ୍କୁ ଚିଠି ଲେଖି ଅଭିଯୋଗ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏପ୍ରିଲ ୧୮ରେ ଦେଶକୁ ଦେଇଥିବା ସମ୍ବୋଧନ ଆଦର୍ଶ ଆଚରଣ ସଂହିତା(ଏମସିସି)ର ଉଲ୍ଲଂଘନ କରିଛି। ସେମାନେ କମିସନଙ୍କୁ ଏହି ଘଟଣାର ତଦନ୍ତ କରିବାକୁ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତଥା ସୁଧାରମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ମୁଖ୍ୟ ନିର୍ବାଚନ କମିସନର(ସିଇସି)ଙ୍କ ନିକଟକୁ ପଠାଯାଇଥିବା ଅଭିଯୋଗରେ କୁହାଯାଇଛି ଯେ, ଆଦର୍ଶ ଆଚରଣ ସଂହିତା ଲାଗୁ ହେବା ସମୟରେ ଦୂରଦର୍ଶନ, ସଂସଦ ଟିଭି ଏବଂ ଅଲ୍ ଇଣ୍ଡିଆ ରେଡିଓ ଭଳି ସରକାରୀ ପ୍ଲାଟଫର୍ମରେ ପ୍ରସାରିତ ଏହି ସମ୍ବୋଧନ 'ନିର୍ବାଚନ ପ୍ରଚାର' ଭଳି ଥିଲା। ବର୍ତ୍ତମାନ, ଆସାମ, କେରଳ, ପୁଡୁଚେରୀ, ତାମିଲନାଡୁ ଏବଂ ପଶ୍ଚିମବଙ୍ଗ ଆଦି ୫ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଆଦର୍ଶ ଆଚରଣ ସଂହିତା କାର୍ଯ୍ୟକାରୀ ହେଉଛି । ଆସାମ, କେରଳ ଏବଂ ପୁଡୁଚେରୀରେ ଏପ୍ରିଲ ୯ ତାରିଖରେ ମତଦାନ ହୋଇସାରିଛି, ଯେତେବେଳେ ତାମିଲନାଡୁରେ ଏପ୍ରିଲ ୨୩ ଏବଂ ପଶ୍ଚିମବଙ୍ଗରେ ଏପ୍ରିଲ ୨୩ ଏବଂ ୨୯ ତାରିଖରେ ମତଦାନ ହେବ। ଭୋଟ ଗଣତି ମେ ୪ ତାରିଖରେ ହେବ। ଅଭିଯୋଗରେ କୁହାଯାଇଛି ଯେ, ସରକାରୀ ପାଣ୍ଠି ପ୍ରାପ୍ତ ଗଣମାଧ୍ୟମର ଏପରି ବ୍ୟବହାର ଶାସକ ଦଳକୁ 'ଅନୁଚିତ ସୁବିଧା' ପ୍ରଦାନ କରି ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନକୁ ପ୍ରଭାବିତ କରିଛି। ନିର୍ବାଚନ କମିସନଙ୍କ ନିୟମାବଳୀକୁ ଉଦ୍ଧୃତ କରି ଅଭିଯୋଗକାରୀମାନେ କହିଛନ୍ତି, ମନ୍ତ୍ରୀମାନେ ନିର୍ବାଚନ ପ୍ରଚାର ସହିତ ସରକାରୀ କାର୍ଯ୍ୟକୁ ମିଶ୍ରଣ କରିପାରିବେ ନାହିଁ କିମ୍ବା ଦଳୀୟ ଉପାୟରେ ସରକାରୀ ଯନ୍ତ୍ରପାତି ବ୍ୟବହାର କରିପାରିବେ ନାହିଁ। ସେମାନେ କମିସନଙ୍କୁ ଏହି ଘଟଣାର ତଦନ୍ତ କରିବାକୁ, ସମ୍ବୋଧନର ବିଷୟବସ୍ତୁ ଏବଂ ପ୍ରସାରଣ ପ୍ରକ୍ରିୟା ଯାଞ୍ଚ କରିବାକୁ ଏବଂ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ଅନୁରୋଧ କରିଛନ୍ତି। ଏହା ବ୍ୟତୀତ, ଯଦି ଏହି ପ୍ରସାରଣ ପାଇଁ ପୂର୍ବ ଅନୁମତି ପ୍ରଦାନ କରାଯାଇଥିଲା, ତେବେ ଅନ୍ୟ ରାଜନୈତିକ ଦଳଗୁଡ଼ିକୁ ମଧ୍ୟ ସମାନ ସମୟ ପ୍ରଦାନ କରାଯିବା ଉଚିତ ଥିଲା।

## ଆମେରିକାକୁ ଇରାନର ଚେତାବନୀ

# ଯୁଦ୍ଧବିରତି ଉଲ୍ଲଂଘନ କଲେ ଉପଯୁକ୍ତ ଜବାବ ଦେବୁ

ତେହରାନ,୨୧।୪: ପାକିସ୍ତାନର ରାଜଧାନୀ ଇସଲାମାବାଦରେ ଇରାନ ଏବଂ ଆମେରିକା ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ପୁଣିଥରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଉଭୟ ପକ୍ଷ ଦ୍ୱାରା ଗ୍ରହଣ କରାଯାଇଥିବା କଠୋର ମନୋଭାବ ସୂଚାଇ ଦେଉଛି ଯେ ଏହି ଅସ୍ତ୍ରବିରତି ଅଧିକ ଦିନ ପର୍ଯ୍ୟନ୍ତ ରହିବାର ସମ୍ଭାବନା କମ୍ । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଇରାନ ସହିତ ସିଧାସଳଖ ଆଲୋଚନା କରିବାକୁ ତାଙ୍କର ଅଭିପ୍ରାୟ ପ୍ରକାଶ କରିଛନ୍ତି । ଏହି ସମୟରେ, ଇରାନ ସେନା ସ୍ପଷ୍ଟ କରିଛି ଯେ ଏହା ଯେକୌଣସି ଆକ୍ରମଣର ଜବାବ ଦେବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଇରାନ ଦୃଢ଼ ଭାବରେ କହିଛି ଯେ ଶତ୍ରୁପକ୍ଷର କୌଣସି ଧମକ ଏହାର ଉପରେ



କୌଣସି ପ୍ରଭାବ ପକାଇବ ନାହିଁ ଏବଂ ଏହା ପୂର୍ଣ୍ଣ ବଳରେ ଜବାବ ଦେବ। ଇରାନର ଖାତମ ଅଲ-ଆନବିୟା କେନ୍ଦ୍ରୀୟ ମୁଖ୍ୟାଳୟର କମାଣ୍ଡର ମେଜର ଜେନେରାଲ ଅଲି ଅବଦୋଲ୍ଲାହି ଇସଲାମିକ୍ ରିଭୋଲ୍ୟୁସନରୀ ଗାର୍ଡ କର୍ପସ (ଆଇଆରଜିସି) ପ୍ରତିଷ୍ଠା ବାର୍ଷିକୀ ଅବସରରେ ଏକ ବିବୃତ୍ତି ଜାରି କରିଛନ୍ତି। ସେ କହିଛନ୍ତି ଯେ ଆଜି, ଇରାନର ସାହସୀ ଲୋକମାନେ ଆଇଆରଜିସି ଏବଂ ଜାତିକୁ ରକ୍ଷା କରୁଥିବା ଅନ୍ୟାନ୍ୟ ବାହିନୀର ଶକ୍ତି, ପ୍ରସ୍ତୁତି ଏବଂ ବ୍ୟାପକ ରଣନୈତିକ କ୍ଷମତା ଉପରେ ଗର୍ବ କରନ୍ତି। ଏହି ବାହିନୀ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ ମାଧ୍ୟମରେ ଇସ୍ରାଏଲ ଏବଂ ଆମେରିକାକୁ ଚାପ ତଳେ ରଖିଛନ୍ତି, ଯାହା ସେମାନଙ୍କୁ – କ୍ଳାନ୍ତତା ଏବଂ ଆବଶ୍ୟକତା ଯୋଗୁଁ – ଯୁଦ୍ଧବିରତି ଦାବି କରିବାକୁ ବାଧ୍ୟ କରିଛି। କମାଣ୍ଡର ମେଜର ଜେନେରାଲ ଅଲି ଅବଦୋଲ୍ଲାହି କହିଛନ୍ତି, "ବିପୁଳ ସଂଖ୍ୟାରେ ଏବଂ ରାସ୍ତାରେ ପ୍ରବଳ ଉତ୍ସାହର ସହିତ ବାହାରି ଇରାନୀ ଜନତା ପ୍ରଦର୍ଶନ କରିଛନ୍ତି ଯେ ସେମାନେ ସଶସ୍ତ୍ର ବାହିନୀ ପ୍ରତି ସେମାନଙ୍କର ଅଟଳ ସମର୍ଥନ ବଜାୟ ରଖିଛନ୍ତି।" ସେ ଆହୁରି ମଧ୍ୟ କହିଛନ୍ତି, "ଇରାନର ସାହସୀ ସଶସ୍ତ୍ର ବାହିନୀ – ସରକାର ଏବଂ ଦେଶର ସମ୍ମାନଜନକ ଏବଂ ସାହସୀ ଲୋକଙ୍କ ସହିତ ଏକତାରେ ଠିଆ ହୋଇ ଏବଂ ସର୍ବୋଚ୍ଚ କମାଣ୍ଡରଙ୍କ ନିର୍ଦ୍ଦେଶାବଳୀର ପୂର୍ଣ୍ଣ ପାଳନ କରିବ । ଶତ୍ରୁ ଦ୍ୱାରା ଯେକୌଣସି ବିପଦ କିମ୍ବା କାର୍ଯ୍ୟର ଏକ ନିର୍ଣ୍ଣାୟକ, ପ୍ରଭାବଶାଳୀ ଏବଂ ତୁରନ୍ତ ଜବାବ ଦେବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ।"ସେ ଦୃଢ଼ ଭାବରେ କହିଥିଲେ ଯେ ସଶସ୍ତ୍ର ବାହିନୀ ଏକ ଦୃଢ଼ ସ୍ଥିତିରେ ଅଛି। ଆମେରିକାର ରାଷ୍ଟ୍ରପତି ମିଥ୍ୟା ଏବଂ ଦ୍ୱନ୍ଦ୍ୱପୂର୍ଣ୍ଣ ଦାବି କରୁଥିବା ଉଲ୍ଲେଖ କରି ସେ ଘୋଷଣା କରିଥିଲେ, "ଆମେ ତାଙ୍କୁ ଭୂମିରେ ପରିସ୍ଥିତିର ଏକ ମିଥ୍ୟା ଏବଂ ଭ୍ରାମକ ଚିତ୍ର ଉପସ୍ଥାପନ କରିବା ପାଇଁ ଶାନ୍ତିକାଳୀନ ପରିସ୍ଥିତିର ଫାଇଦା ଉଠାଇବାକୁ ଅନୁମତି ଦେବୁ ନାହିଁ ।

# ପୂର୍ବ ବିବାଦକୁ ନେଇ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ପୂର୍ବ ବିବାଦକୁ ନେଇ ଆକ୍ରମଣ କରିବା ଅଭିଯୋଗରେ ଖଣ୍ଡଗିରି ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ସୁରେଶ କୁମାର ମଙ୍ଗରାଜ ଓରଫ ବାପି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚ଼ନାଯୋଗ୍ୟ ଯେ, ଅଭିଯୋଗକାରିଣୀ ତଭି ମଙ୍ଗରାଜ ପରିବାର ସହ ତପୋବନ ବସ୍ତିରେ ରୁହନ୍ତି। ଅଭିଯୁକ୍ତ ସୁରେଶ କୁମାର ମଙ୍ଗରାଜ ହେଉଛନ୍ତି ତାଙ୍କ ପୁଅ। ପୂର୍ବରୁ ଉଭୟଙ୍କ ମଧ୍ୟରେ ବିବାଦ ରହିଆସିଛି। ଯାହାକୁ ନେଇ ଅଭିଯୋଗକାରିଣୀ ପୂର୍ବରୁ ଅଭିଯୁକ୍ତଙ୍କ ବିରୋଧରେ ଇନଫୋସିଟି ଥାନାରେ ଅଭିଯୋଗ କରିଥିଲେ । ଏହି ଅଭିଯୋଗକୁ ଥାନାରୁ ପ୍ରତ୍ୟାହାର କରିନେବା ଲାଗି ଅଭିଯୁକ୍ତ ଜଣକ ଅଭିଯୋଗକାରିଣୀଙ୍କ ଉପରେ ଚ଼ାପ ପକାଇ ଆସୁଥିଲେ । ଗତ ତା ୨୦.୦୪.୨୦୨୬ ରେ ଅଭିଯୁକ୍ତ ଏବଂ ତାଙ୍କ ପତ୍ନୀ କାର ଯୋଗେ ଆସି ବରମୁଣ୍ଡା, ଏପିକଲ ରାସ୍ତାରେ ଅଭିଯୋଗକାରିଣୀଙ୍କୁ ଜୋରଜବରଦସ୍ତ ଅଟକାଇବା ସହ ଆକ୍ରମଣ କରିଥିଲେ ଏବଂ ଭୟଙ୍କର ପରିଣାମ ପାଇଁ ଧମକ ଦେଇଥିଲେ । ସୂଚ଼ନା ପାଇ ପିସିଆର ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଅଭିଯୋଗକାରିଣୀଙ୍କୁ ଅଭିଯୁକ୍ତଙ୍କ କବଳରୁ ଉଦ୍ଧାର କରିଥିଲେ। ଅଭିଯୋଗକାରିଣୀଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତ ପୁଅ ସୁରେଶ କୁମାର ମଙ୍ଗରାଜ ଓରଫ ବାପିଙ୍କୁ ଗିରଫ କରିଥିବା ବେଳେ, ସେ ତାଙ୍କର ଦୋଷ ସ୍ୱୀକାର କରିଥିଲେ । ଅଭିଯୁକ୍ତ ସୁରେଶ କୁମାର ମଙ୍ଗରାଜ ଓରଫ ବାପି ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ, ତାଙ୍କ ନାମରେ ପୂର୍ବରୁ ମଧ୍ୟ ଖଣ୍ଡଗିରି ଥାନାରେ ୧୦ ଗୋଟି ଅପରାଧିକ ମାମଲା ରହିଛି।

# ଉଠାଦୋକାନ ବିବାଦକୁ ନେଇ ଆକ୍ରମଣ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ଉଠା ଦୋକାନ ବିବାଦକୁ ନେଇ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଶହୀଦନଗର ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଓମ ଗୌଡ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ, ପୀଡିତ ତାରାକାନ୍ତ ବାରିକ ହେଉଛନ୍ତି ଅଭିଯୋଗକାରିଣୀ ସୀମାରାଣି ବାରିକଙ୍କ ସ୍ୱାମୀ ଏବଂ ସେ ଏନଏଚ୍-ସର୍ଭିସ ରୋଡ ପାର୍ଶ୍ୱରେ ଥିବା ସ୍ୱର୍ଶ ହସ୍ପିଟାଲ ଗଳି ନିକଟରେ ଗତ ୧୦ ବର୍ଷ ଧରି ଏକ ହେଲମେଟ ଦୋକାନ କରି ଆସୁଥିଲେ ଏବଂ ଏଥି ମାଧ୍ୟମରେ ତାଙ୍କ ପରିବାର ପ୍ରତିପାଳନ କରୁଥିଲେ । ସେହି ଅଞ୍ଚଳର ରାସ୍ତା କଡରେ ଥିବା ବିକ୍ରେତା ମାନେ ସ୍ଥାନୀୟ ଜଣେ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଅଧୀନରେ ଏକ ସଂଘ ଗଠନ କରିଥିଲେ ଏବଂ ଏହାର ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟ କରୁଥିଲେ । ସମ୍ପ୍ରତି, ପୀଡିତଙ୍କ ଦୋକାନ ନିକଟରେ ଏକ ନୂତନ ଦୋକାନ (ମୋବାଇଲ୍ କଭର ଏବଂ ଟେଡି ବିୟର ଦୋକାନ) ଖୋଲିବା ଫଳରେ ସଂକୀର୍ଣ୍ଣ ରାସ୍ତା ଯୋଗୁଁ ଟ୍ରାଫିକ୍ ଜାମ୍ ହୋଇଥିଲା । ଗତ ୧୫.୦୪.୨୦୨୬ ରେ, ବିଏମସି ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିଥିଲେ ଏବଂ ରାସ୍ତା କଡରେ ଥିବା ଦୋକାନଗୁଡ଼ିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପୀଡିତ ଅଭିଯୋଗ ଦାଖଲ କରିବା ପାଇଁ ସଂଘ ସଭାପତିଙ୍କ ପାଖକୁ ଯାଇ ଅନୁରୋଧ କରିଥିଲେ । ଏହି ସମୟରେ, ପୀଡିତଙ୍କ ସହିତ ପୂର୍ବ ଶତ୍ରୁତା ଥିବା ରାଜା ମଲ୍ଲିକ ଏବଂ ବାପି ବିଶ୍ୱାଳ ଅଭିଯୋଗ ଶୁଣିଥିଲେ ଏବଂ ନୂତନ ଭାବରେ ଖୋଲାଯାଇଥିବା ମୋବାଇଲ୍ ପାର୍ଟସ୍ ଦୋକାନର ମାଲିକ ଓମ୍ ଗୌଡ଼ାଙ୍କୁ ଜଣାଇଥିଲେ। ଗତ ୧୬,୦୪.୨୦୨୬ ସକାଳ ପ୍ରାୟ ୧୦:୦୦ ଟାରେ, ଅଭିଯୁକ୍ତ ଓମ୍ ଗୌଡ଼, ତାଙ୍କ ସହଯୋଗୀ ବବଲୁ ନାଏକ, ସୋନୁ ଓରଫ୍ ସୁନିଲ କୁମାର ନାଏକ, ରାଓ ଓରଫ୍ ସୁବ୍ରତ ନାଏକ ଏବଂ ଆକାଶ ପୀଡିତଙ୍କ ସହ ମୁହାଁମୁହିଁ ହୋଇଥିଲେ, ତାଙ୍କୁ ଗାଳି ଦେଇଥିଲେ ଏବଂ ଅଭିଯୋଗ ପ୍ରତ୍ୟାହାର ନ କଲେ ତାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ। ପ୍ରାୟ ଏକ ଘଣ୍ଟା ପରେ, ଓମ୍ ଗୌଡ଼ ଏବଂ ବବଲୁ ନାଏକ, ଖଣ୍ଡା ଧରି ଅନ୍ୟ ସହଯୋଗୀମାନଙ୍କ ସହିତ ପୀଡିତଙ୍କ ଉପରେ ଆକ୍ରମଣ କରିଥିଲେ। ପୀଡିତଙ୍କ ଡାହାଣ ହାତରେ ଗୁରୁତର ଆଘାତ ଲାଗିଥିଲା କିନ୍ତୁ ସେ ଖସିଯିବାରେ ସଫଳ ହୋଇଥିଲେ ଏବଂ ନିକଟସ୍ଥ ଫ୍ରୋଜେନ୍ ମାର୍ଟରେ ଆଶ୍ରୟ ନେଇଥିଲେ, ଯାହା ପରେ ଅଭିଯୁକ୍ତ ମାନେ ସେଠାରୁ ପଳାଇ ଯାଇଥିଲେ । ପୀଡିତଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ପରେ ପ୍ଲାଷ୍ଟିକ୍ ସର୍ଜରୀ ପାଇଁ କଟକର ଏସସିବି ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ପଠାଯାଇଥିଲା । ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ସ୍ଥିର ଅଛି, କିନ୍ତୁ ତାଙ୍କ ଡାହାଣ ହାତର ବୁଢ଼ା ଆଙ୍ଗୁଠି କ୍ଷତିଗ୍ରସ୍ତ ହୋଇଛି । ଅଧିକ ତଦନ୍ତ ସମୟରେ, ଏହା ନିଶ୍ଚିତ ହୋଇଥିଲା ଯେ ଅପରାଧ କରିବା ପରେ, ଅଭିଯୁକ୍ତମାନେ ଅନ୍ୟ ଗ୍ୟାଙ୍ଗ ସଦସ୍ୟଙ୍କ ସହାୟତାରେ ସ୍ଥାନୀୟ ଅଞ୍ଚଳରୁ ପଳାଇ ଯାଇଥିଲେ, ଯେଉଁମାନେ କି ସେମାନଙ୍କୁ ପୋଲିସ ଗିରଫଦାରୀରୁ ବଞ୍ଚାଇବାରେ ସାହାଯ୍ୟ କରିଥିଲେ । ତଦନ୍ତ ବେଳେ ଏହା ମଧ୍ୟ ଜଣାପଡ଼ିଥିଲା ଯେ, ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ପୂର୍ବ ଯୋଜନାବଦ୍ଧ ଭାବରେ ଅପରାଧ କରାଯାଇଥିଲା ଏବଂ ଅଭିଯୁକ୍ତ ଓମ୍ ଗୌଡ଼ ଏହି ଆକ୍ରମଣରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ । ଅଭିଯୁକ୍ତ ଓମ୍ ଗୌଡାଙ୍କୁ ଗିରଫ କରିବା ସମୟରେ ତାଙ୍କ ନିକଟରୁ ଅପରାଧ ସମୟରେ ବ୍ୟବହୃତ ହୋଇଥିବା ଏକ ବଜାଜ୍ ପଲସର ମୋଟର ସାଇକେଲ ଏବଂ ଦୁଇଟି ଖଣ୍ଡା ଜବତ କରାଯାଇଛି । ପଚ଼ରାଉଚ଼ରା ବେଳେ, ସେ ନିଜର ଅପରାଧ ସ୍ୱୀକାର କରିଥିଲେ ।

# ବିଜେପି ନେତ୍ରୀଙ୍କ ପୁଅକୁ ମରଣାନ୍ତକ ଆକ୍ରମଣ

ଭଦ୍ରକ(ନିପ୍ର): ବିଜେପି ମହିଳା ମୋର୍ଚ୍ଚା ନେତ୍ରୀଙ୍କ ପୁଅକୁ ଛୁରାରେ ଆକ୍ରମଣ ହୋଇଛି । ସୂଚନା ଅନୁଯାୟୀ ଭଦ୍ରକ ବିଜେପି ମହିଳା ମୋର୍ଚ୍ଚା ନେତ୍ରୀ ସୁମିତ୍ରା ପାଣିଙ୍କ ପୁଅ ରାଜୀବ ଲୋଚନ ପାଣିଙ୍କୁ ଗତ ରାତିରେ କେହି ଦୁର୍ବୃତ୍ତ ଛୁରାରେ ଆକ୍ରମଣ କରିଛି । ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ନଳାଙ୍ଗ ୭ ନମ୍ବର କେନାଲ ପାଣିଛତ୍ର ନିକଟରେ ମୁମୂର୍ଷୁ ଅବସ୍ଥାରେ ନାବାଳକ ରାଜୀବଙ୍କୁ ଉଦ୍ଧାର କରାଯାଇଛି । ରାଜୀବ +୨ରେ ପାଠ ପଢୁଥିବା ବେଳେ କିଏ କାହିଁକି ଏଭଳି ଆକ୍ରମଣ କଲା ଏହାର ତଦନ୍ତ ଆରମ୍ଭ କରିଛି ପୋଲିସ । ରାଜୀବଙ୍କ ଦେହ ମୁଣ୍ଡ ବେକ ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିବା ଦେଖିବାକୁ ମିଳିଛି । ଗତ ରାତିରେ ରାଜୀବ ଘରକୁ ଆସିନଥିବା ବେଳେ ସାଙ୍ଗ ଘରେ ରହିବେ କହିବାର କିଛି ସମୟ ପରେ ତାଙ୍କର ମୋବାଇଲ ସୁଇଚ ଅଫ ହେଇଥିଲା । ମଙ୍ଗଳବାର ସକାଳୁ ସ୍ଥାନୀୟ ଲୋକେ ନାବାଳକକୁ ଦେଖି ଆମ୍ବୁଲାନ୍ସ ଓ ପରିବାର ଲୋକଙ୍କୁ ଖବର ଦେଇଥିବା ବେଳେ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ମେଡିକାଲକୁ ଅଣାଯାଇ ଚିକିତ୍ସା ଆରମ୍ଭ କରାଯାଇଛି ।

## ବିରମାଲ ହତ୍ୟା ଘଟଣାର ପର୍ଦ୍ଦାଫାସ

# ପରକିଆ ପ୍ରୀତି ନେଲା ଜୀବନ

ଧର୍ମଗଡ଼(ନିପ୍ର): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ଅନ୍ତର୍ଗତ ବିରାମାଲ ଗ୍ରାମରେ ପରକିଆ ପ୍ରୀତିକୁ ନେଇ ୧୭ ତାରିଖ ବିଳମ୍ବିତ ରାତିରେ ଘଟିଥିବା ହତ୍ୟା ଘଟଣାରେ ଧର୍ମଗଡ଼ ପୁଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବିରାମାଲ ଗ୍ରାମର ଉପେନ୍ଦ୍ର ନାଏକ, ତାଙ୍କ ସ୍ତ୍ରୀ ପ୍ରତିମା ନାଏକ, ପୁଅ କିଶନ ନାଏକ ଓ ଭାଇ ଯତୀନ୍ଦ୍ର ନାଏକ। ପୁଲିସ ସୂଚନା ଅନୁଯାୟୀ, ପ୍ରତିମା ଓ ମୃତକଙ୍କ ମଧ୍ୟରେ ଦୀର୍ଘ ଦିନରୁ ପ୍ରେମ ସମ୍ପର୍କ ଥିଲା। ଘଟଣା ରାତିରେ ମୃତକ ବେଣୁଧର ଉପେନ୍ଦ୍ରଙ୍କ ସ୍ତ୍ରୀ ପ୍ରତିମା ସହ ଭେଟିବା ପାଇଁ ଆସିଥିଲା। ପ୍ରତିମା ହଠାତ୍ ବେଣୁଧରଙ୍କୁ ଦେଖି ଚିତ୍କାର କରିବାରୁ ଉପେନ୍ଦ୍ର ସହ ପରିବାର ଲୋକେ ମୃତକୁ ଆକ୍ରମଣ କରିଥିଲେ । ମୃତକ ମଧ୍ୟ ସାଙ୍ଗରେ ନେଇଥିବା ଏକ ଛୁରୀରେ ପରିବାର ଲୋକଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ହେଲେ ଏତେ ଲୋକଙ୍କ ଆକ୍ରମଣର ସାମ୍ନା କରି ନ ପାରି ସେ ସେଠାରେ ଟଳି ପଡ଼ିଥିଲେ। ଅନ୍ୟପକ୍ଷରେ ଏ ନେଇ ମୃତକଙ୍କ ସ୍ତ୍ରୀ ମଧ୍ୟ ଧର୍ମଗଡ଼ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଶଶୁର ଘରକୁ ଯାଇ ରାତିରେ ନ ଫେରିବାରୁ ଫୋନ୍ କଲା ପରେ ମଧ୍ୟ ତାଙ୍କ ସହ କିଛି ଯୋଗାଯୋଗ ହୋଇପାରି ନଥିଲା। ସକାଳୁ ଉପେନ୍ଦ୍ରଙ୍କ ଘରୁ ବେଣୁଧରଙ୍କ ମୃତଦେହ ଉଦ୍ଧାର ହୋଇଥିବା ଖବରପାଇ ଉପେନ୍ଦ୍ର, ପ୍ରତିମା, ଯତୀନ୍ଦ୍ର, ଅଜିତ ପ୍ରମୁଖ ଘରକୁ ଡ଼ାକିନେଇ ମୋ ସ୍ୱାମୀଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ତଦନ୍ତ କରି ଏହି ଘଟଣାର ପର୍ଦ୍ଦାଫାସ କରିଛି ଧର୍ମଗଡ଼ ଥାନା ପୁଲିସ।

# ବାଇକ ଚୋର ଧରାପଡିଲା

ଭୁବନେଶ୍ୱର(ନିପ୍ର): ବାଇକ ଚୋରି ଅଭିଯୋଗରେ ଖଣ୍ଡଗିରି ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଏସକେ ଓରଞ୍ଜେବ। ପୁଲିସ ଏନେଇ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯୋଗ୍ୟ ଯେ, ଖଣ୍ଡଗିରୀ ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ଥାନାର ଏକ ପେଟ୍ରୋଲିଂ ଟିମ୍ ଗତକାଲି ସନ୍ଧ୍ୟାରେ ନିଜ ଅଞ୍ଚଳରେ ପେଟ୍ରୋଲିଂ କରୁଥିବା ବେଳେ, ଅଭିଯୁକ୍ତ ଜଣକ ରଘୁନାଥ ନଗର ଅଟୋ ଷ୍ଟାଣ୍ଡ ନିକଟରେ ଏକ ଚୋରା ମୋଟରସାଇକେଲ କମ ଦାମରେ ବିକ୍ରି କରିବା ଲାଗି ଗ୍ରାହକ ମାନଙ୍କ ସହ ଯୋଗାଯୋଗ କରୁଥିବା ନେଇ, ଏକ ବିଶ୍ୱସ୍ତ ସୂତ୍ରରୁ ସୂଚ଼ନା ପାଇଥିଲେ । ମିଳିଥିବା ସୂଚ଼ନା ଆଧାରରେ ପେଟ୍ରୋଲିଂ ଟିମ୍ ଘଟଣା ସ୍ଥଳରେ ଅତର୍କିତ ଚ଼ଢ଼ଉ କରି ଅଭିଯୁକ୍ତ ଏସକେ ଓରଞ୍ଜେବକୁ କାବୁ କରିବାରେ ସକ୍ଷମ ହୋଇଥିବା ବେଳେ, ତାଙ୍କ ହେପାଜତରୁ ଏକ ଚୋରା ମୋଟରସାଇକେଲ୍ ଜବତ କରିଥିଲେ ।

# ଚୋରା ମଦ ବେପାରିଙ୍କୁ ୩ବର୍ଷ ଜେଲ୍ ଦଣ୍ଡାଦେଶ ସହ ଜୋରିମାନା

ଟାଙ୍ଗୀ(ନିପ୍ର): ଚୋରା ମଦ ବିକ୍ରୀ କରୁଥିବା ଅଭିଯୋଗରେ ଜଣଙ୍କୁ ୩ବର୍ଷ ଜେଲ ଦଣ୍ଡ ସହ ୧୦,୦୦୦/- ଟଙ୍କା ଜୋରିମାନା ଶୁଣାଇଛନ୍ତି ଚିଲିକା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ । ସୂଚନାଯୋଗ୍ୟ ଯେ, ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଅବକାରୀ ଥାନା ପୋଲିସ୍ ଗତ ତା-୦୨/୧୦/୨୦୨୫ରିଖ ଦିବା ୧୧ଘଣ୍ଟିକା ସମୟରେ ଟାଙ୍ଗୀ ଥାନା ଅନ୍ତର୍ଗତ ଚଣ୍ଡେଶ୍ୱର ମାଛ ମାର୍କେଟ ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ନୀଳମଣି ବେହେରା ଏକ ଜରି ବ୍ୟାଗ୍ ରେ ଆସ୍କା-୪୦ ମଦ ଚୋରାରେ ବିକ୍ରୀ କରୁଥିବା ଖବର ପାଇ ଚଢ଼ାଉ କରିଥିଲା । ଚଢ଼ାଉ ସମୟରେ ନୀଳମଣି ବେହେରାଙ୍କଠାରୁ ୪୦ଟି ଆସ୍କା ଫର୍ଟି ମଦ ବୋତଲ ଜବତ କରିଥିଲା। ତେବେ ଏ ନେଇ ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ ରେ ୨(ଏ)ସି.ସି. ମାମଲା ନଂ-୧୨୮/୨୦୨୫ ରେ ମାମଲା ରୁଜୁ ହୋଇଥିଲା । ଏହି ମାମଲାର ସାକ୍ଷ୍ୟ ପ୍ରମାଣକୁ ବିଚାର କରି ଚିଲିକା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ଅଭିଯୁକ୍ତ ନୀଳମଣି ବେହେରାଙ୍କୁ ଓଡ଼ିଶା ଅବକାରୀ ଆଇନର ୫୨(ଏ) (ଆଇ) ଦଫା ମତେ ୩ବର୍ଷ ଜେଲ୍ ଦଣ୍ଡାଦେଶ ୧୦,୦୦୦/-ହଜାର ଟଙ୍କା ଜୋରିମାନା, ଜୋରିମାନା ଅନାଦେୟ ବାବଦକୁ ଅଧିକ ୬ମାସ ଜେଲ୍ ଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି। ମାନ୍ୟବର କୋର୍ଟଙ୍କ ଏହି ରାୟ ଆସିବା ପରେ ମଦ ବେପାରୀ ମାନଙ୍କ ମନରେ ଛନକା ପଶିଥିବା ଚର୍ଚ୍ଚା ହେଉଛି।

# ମହୁଲ ଫୁଲ ଦରକୁ ନେଇ ମଦଭାଟି ଘେରିଲେ ମହିଳା

ରେଢ଼ାଖୋଲ(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଚାରମାଳ ଅଞ୍ଚଳରେ ମହୁଲ ଫୁଲ ଦରକୁ ନେଇ ମହିଳା ଗୋଷ୍ଠୀଙ୍କ ଚାରମାଳ ମଦ ଭାଟି ଘେରାଉ କରିଛନ୍ତି। ମହୁଲ ଫୁଲ ଏକ କେଜିରେ ଏକ ଲିଟର ମଦ ପ୍ରସ୍ତୁତ ହେଉଥିବା ବେଳେ ଯାହା ମଦର ଦାମ ପ୍ରତି ଏକ ଲିଟର ପିଛା ୧୮୦ ଟଙ୍କା ମୂଲ୍ୟରେ ବିକ୍ରି ହେଉଥିବା ବେଳେ ଏହାର



କଞ୍ଚାମାଲ ମହୁଲର ଚାହିଦା ୨୦ରୁ ୩୦ଟଙ୍କା ଏତେ କମ୍ କାହିଁକି ବୋଲି କହିଛନ୍ତି ମହିଳା । ମହୁଲ ସଂଗ୍ରହ କେତେ କଷ୍ଟ ତାହା ପୁଣି ଖରା ସମୟରେ ତାହାକୁ ସରକାରଙ୍କ ଦୃଷ୍ଟି ନାହି କେମିତି ବୋଲି କହିଛନ୍ତି ଚାରମାଳ ଅଞ୍ଚଳର ମହିଳା ଗୋଷ୍ଠୀ । ଚାରମାଳ ଅଂଚଳରୁ କୁଚିଆ ବ୍ୟବସାୟୀମାନେ ମହୁଲ ଫୁଲ ଦାମ ୨୦ରୁ ୩୦ ଟଙ୍କା କିଲୋ ପିଛାରେ କିଣିବାକୁ ଚାହୁଁଥିବା ବେଳେ ଅନ୍ୟ କିଛି କୁଚିଆ ଏହାକୁ କମ୍ ଦାମରେ କିଣି ଅନ୍ୟକୁ ୪୦ରୁ ୫୦ଟଙ୍କାରେ ବିକ୍ରି କରି ଲାଭବାନ ହେଉଥିବା ବେଳେ ଆମେ ଜଙ୍ଗଲରୁ କଷ୍ଟରେ ମହୁଲ ସଂଗ୍ରହ କରି ଉଚିତ୍ ମୂଲ୍ୟରେ ବିକ୍ରୀ ତଥା ମୂଲ୍ୟ କିଲୋପିଛା ୪୦ଟଙ୍କା କରାଯାଉ ବୋଲି କହିଛନ୍ତି । ଏନେଇ ସୋମବାର ଚାରମାଳ ମଦଭାଟି ଘେରାଉ କରିଛନ୍ତି ମହିଳା। ଏନେଇ ମଦ ଭାଟିର ମ୍ୟାନେଜର ମହୁଲ କିଲୋପିଛା ୪୦ ଟଙ୍କାରେ କିଣିବାକୁ ପ୍ରତିଶ୍ରୁତି ଦେଲା ପରେ ଧାରଣାରୁ ହଟିଥିଲେ ମହିଳା । ଏନେଇ ୨ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ମଦଭାଟିର କେହି ମଧ୍ୟ ତାହା କିଣିବାକୁ ଆସିନଥିବାରୁ ଆଗକୁ ରେଢ଼ାଖୋଲ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ସହ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବୁ ବୋଲି କହିଛନ୍ତି ମହିଳାମାନେ ।

# ବାଇକ୍ ଧକ୍କାରେ ଜଣେ ମୃତ

ହିଞ୍ଜିଳିକାଟୁ(ନିପ୍ର): ୫୯ନଂ ଜାତୀୟ ରାଜପଥ ତଥା ହିଞ୍ଜିଳି ଥାନା ସାରୁ ଛକ ନିକଟରେ ମଙ୍ଗଳବାର ରାତିରେ ବାଇକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ମଙ୍ଗଳବାର ରାତି ପ୍ରାୟ ୮ ଘଣ୍ଟା ସମୟରେ ସମରଝୋଳ ଛକଠାରୁ ହିଞ୍ଜିଳିକାଟୁ ଅଭିମୁଖେ ଭାଇ ଓ ଭଉଣୀ ମିଶି ବାଇକ ଯୋଗେ ହିଞ୍ଜିଳିକାଟୁ ଅଭିମୁଖେ ଏକ ଭୋଜିରେ ଯୋଗ ଦେବାକୁ ଆସୁଥିବା ବେଳେ ସାରୁ ଛକ ନିକଟରେ ରାସ୍ତାରେ ଚାଲି ଚାଲି ଯାଉଥିବା ଜଣେ ଯୁବକଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଚାଲି ଚାଲି ଯାଉଥିବା ଯୁବକଙ୍କ ସହ ବାଇକରେ ବସିଥିବା ଭଉଣୀ ଜଣଙ୍କ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ଘଟାଇଥିବା ଯୁବକ ଜଣଙ୍କ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଘୋଷଣା ପରେ ଦୁର୍ଘଟଣା ଘଟାଇ ଥିବା ଯୁବକ ଜଣଙ୍କ ମେଡିକାଲରୁ କେଉଁଆଡେ ଫେରାର ହୋଇଯାଇଥିଲେ। ଆହତଙ୍କୁ ମେଡିକାଲ ଆଣିଥିବା ଯୁବକଙ୍କ ପରିଚୟ ହିଞ୍ଜିଳି ଥାନା ସମରଝୋଳ ଗ୍ରାମର ଆଲୋକ ଗୌଡ଼ ଏବଂ ଚିକିତ୍ସାଧିନ ଥିବା ମହିଳା ଜଣଙ୍କ ହିଞ୍ଜିଳି ଥାନା ସମରଝୋଳ ଗ୍ରାମର ସାୟାନି ଗୌଡ ବୋଲି ଡ଼ାକ୍ତରଖାନା ସୂତ୍ରରୁ ପ୍ରକାଶ। ଅନ୍ୟ ପକ୍ଷରେ ଦୁର୍ଘଟଣା ଘଟାଇ ଯୁବକ ଜଣଙ୍କ ଆହତଙ୍କୁ ମେଡିକାଲରେ ଭର୍ତ୍ତି କରିବା ପରେ କେଉଁଆଡେ ଫେରାର ହୋଇଯାଇଥିଲେ। ପୁଲିସ ଘଟଣାର ତଦନ୍ତ ଚଳାଇଛି।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି

ପୁରୀ(ନିପ୍ର): ପୁରୀ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ନିମାପଡା ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ ୩୪ ଗୋଟି ଅଭିଯୋଗ ମିଳିଥିଲା। ସେଥିରୁ ୩୧ ଗୋଟି ବ୍ୟକ୍ତିଗତ,୩ ଗୋଟି ଗ୍ରାମ ସମ୍ବନ୍ଧୀୟ ରହିଥିଲା।



ତତକ୍ଷଣାତ ୨ ଗୋଟି ଅଭିଯୋଗର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗ ଗୁଡିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣିରେ ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ, ଏସଡିପିଓ ଜନାର୍ଦ୍ଦନ ପାଢ଼ୀ, ନିମାପଡା ବିଡ଼ିଓ ଡ ଅଭିଜିତ ଷଡ଼ଙ୍ଗୀ,ସତହସିଲଦାର ଡ ମନୋଜ କୁମାର ପ୍ରଧାନ, ଅଭିଯୋଗ ଶୁଣାଣୀ ଅଧିକାରୀ ବିବେକାନନ୍ଦ ସାହୁ ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।ଆସନ୍ତା ୨୭ ତାରିଖ ପୂର୍ବାହ୍ନ ୭ ଘଟିକାରୁ ୧୦ ଘଟିକା ପର୍ଯ୍ୟନ୍ତ କଣାସ ବ୍ଲକ ସମ୍ମିଳନୀ କକ୍ଷରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜଣାଯାଇଛି।

# କେନ୍ଦୁପତ୍ର ତୋଳାକୁ ନେଇ ମହାଭାରତ

## ଉଭୟ ଗାଁ ମହିଳାଙ୍କୁ ଡାକି ପୋଲିସର ତଦନ୍ତ

ରେଢ଼ାଖୋଲ(ନିପ୍ର) : କେନ୍ଦୁପତ୍ର ତୋଳାକୁ ନେଇ ମହାଭାରତ ଘଟିଛି । ୨ଟି ଗାଁ ର ମହିଳାଙ୍କ ମଧ୍ୟରେ ମାରପିଟ୍ ହୋଇଛି। ଜଣେ ଅଚେତ୍ ଭଳି ଘଟଣା ଘଟିଛି । ରେଢ଼ାଖୋଲ ଥାନା କୁକୁଡ଼ାବାହାଲୀ ପଞ୍ଚାୟତର ଝିଙ୍କିଦାଦର ଓ ପଟାଖମଣ ଗ୍ରାମବାସୀ ମହିଳାଙ୍କ ମଧ୍ୟରେ କେନ୍ଦୁପତ୍ର ସଂଗ୍ରହକୁ ନେଇ ଲାଗି ରହିଥିବା ବିବାଦ ଶେଷରେ ଉଗ୍ରରୂପ ନେଇଛି । ଗୋଷ୍ଠୀ ଗତ ସଂଘର୍ଷରୁ ଜଣେ ମହିଳା ଆହତ ହୋଇ ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ସୂଚନାଯୋଗ୍ୟ ଯେ ପଟାଖମଣ ଗାଁମୁଣ୍ଡରୁ ଲାଗି ରହିଥିବା ଜଙ୍ଗଲଟି ଦୀର୍ଘବର୍ଷ ହେଲା ଝିଙ୍କିଦାଦର ଗ୍ରାମବାସୀଙ୍କ ଅକ୍ତିଆରରେ ରହିଛି । ପ୍ରତିବର୍ଷ ଝିଙ୍କିଦାଦର ଗ୍ରାମବାସୀ ଏହି ଜଙ୍ଗଲରୁ କେନ୍ଦୁପତ୍ର ସଂଗ୍ରହ କରୁଛନ୍ତି। କିନ୍ତୁ ଜଙ୍ଗଲଟି ପୂର୍ବରୁ ସରକାରୀସ୍ତରରେ



ପଟାଖମଣ ଜଙ୍ଗଲ ନାଁରେ ରହିଥିବା ନେଇ ପଟାଖମଣ ଗ୍ରାମବାସୀ ଜାଣିପାରିବାରୁ ଏହାକୁ ନେଇ ଗାଁରେ ଏକ ସଭା ବସି ଝିଙ୍କିଦାଦର ଗ୍ରାମବାସୀଙ୍କୁ ଏଥିରୁ ବାରଣ କରି ନିଜେ ସବୁ କେନ୍ଦୁପତ୍ର ସଂଗ୍ରହ କରିବାକୁ ଗ୍ରାମବାସୀ ଉକ୍ତ ସଭାରେ ସ୍ଥିର କରିଥିଲେ । ସେପଟେ ଝିଙ୍କିଦାଦର ଗ୍ରାମବାସୀ ମଧ୍ୟ ଗାଁରେ ବୈଠକ କରି ପଟାଖମଣ ଗ୍ରାମବାସୀଙ୍କୁ କେନ୍ଦୁପତ୍ର ସଂଗ୍ରହ କରିବାକୁ ଛାଡିବୁ ନାହିଁ ବୋଲି ସଭା ବସି ସେମାନେ ମଧ୍ୟ ନିଷ୍ପତ୍ତି ନେଇଥିଲେ। ଏହି ପରିପ୍ରେକ୍ଷୀରେ ସୋମବାର ସକାଳୁ ପଟାଖମଣ ଗାଁର କିଛି ମହିଳା ସେହି ଜଙ୍ଗଲକୁ କେନ୍ଦୁପତ୍ର ସଂଗ୍ରହ କରିବାକୁ ଯାଇଥିବା ବେଳେ ଝିଙ୍କିଦାଦର ଗାଁର କେତେକ ମହିଳା ମଧ୍ୟ ଜଙ୍ଗଲକୁ କେନ୍ଦୁପତ୍ର ସଂଗ୍ରହ ପାଇଁ ଯାଇଥିଲେ । ସେଠାରେ ଉଭୟ ପକ୍ଷଙ୍କ ମଧ୍ୟରେ ପାଟିତୁଣ୍ଡ ଓ ଝଗଡା ହୋଇଥିଲା। ଏଥିରେ ପଟାଖମଣ ଗାଁର ଅଲେଖ ପ୍ରଧାନଙ୍କ ସ୍ତ୍ରୀ ଅନୁ ପ୍ରଧାନ (୫୦) ଆହତ ହୋଇ ଅଚେତ ହୋଇଯାଇଥିଲେ । ସାଙ୍ଗରେ ଥିବା ସାଥି ଅନ୍ୟ ମହିଳାମାନେ ତାଙ୍କୁ ଉଦ୍ଧାରକରି ଆମ୍ବୁଲାନ୍ସ ଯୋଗେ ରେଢ଼ାଖୋଲ ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟବସ୍ଥା ଠିକ ହେବାରୁ ଅନୁ ରେଢ଼ାଖୋଲ ଥାନାକୁ ଯାଇ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି । ଏନେଇ ରେଢ଼ାଖୋଲ ପୋଲିସ ମଙ୍ଗଳବାର ଉଭୟ ଗାଁର ମହିଳାଙ୍କୁ ଡକାଇ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ସାମୂହିକ ବିବାହ

# ବିବାହ ବନ୍ଧନରେ ବାନ୍ଧିହେଲେ ୬୦ ଯୋଡ଼ି ବର-କନ୍ୟା

ଯାଜପୁର(ନିପ୍ର): ଗୋଟିଏ ଜାଗାରେ ୬୦ ଯୋଡ଼ା ବର କନ୍ୟାଙ୍କ ଏକା ସାଙ୍ଗରେ ବାହାଘର ହୋଇଛି। ବର ବଧୂ ବେଶରେ ସୁସଜ୍ଜିତ ହୋଇଥିଲେ ନବ ଦମ୍ପତି। ତାହା ପୁଣି ବାଜା ରୋଷଣୀ ସହ ନୃତ୍ୟ ସଙ୍ଗୀତର ଆସରରେ ଖୁବ୍ ଧୁମଧାମରେ ପାରମ୍ପରିକ ରୀତିନୀତିରେ ହୋଇଥିଲା ବିବାହ କାର୍ଯ୍ୟକ୍ରମ। କେବଳ ସମ୍ପର୍କୀୟ ନୁହେଁ, ବରଂ ବରଯାତ୍ରୀରେ ସାମିଲ ହୋଇଥିଲେ ଜିଲ୍ଲା ପ୍ରଶାସନର ଅଧିକାରୀ ଏବଂ କର୍ମଚାରୀଗଣ। ସରକାରଙ୍କ ପକ୍ଷରୁ ଯାଜପୁର ଜିଲ୍ଲାରେ ଏଭଳି ଏକ ନିଆରା ସାମୂହିକ ବିବାହ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅଧୀନରେ ମଙ୍ଗଳବାର ଯାଜପୁର ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଯାଜପୁର ଜିଲ୍ଲାର ଷଠିପୁର ସ୍ଥିତ ଲିଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ୬୦ ଯୋଡ଼ା ଦମ୍ପତିଙ୍କ ବିବାହ କାର୍ଯ୍ୟ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଅମ୍ବର କୁମାର କର ଯୋଗ ଦେଇ କହିଥିଲେ ଯେ, ଲିଙ୍ଗେଶ୍ୱର ମହାଦେବ ଏବଂ ମାଆ ବିରଜାଙ୍କ ଆଶୀର୍ବାଦ ନେଇ ଆଜି ସାମୂହିକ ବିବାହ କର୍ମ ସମ୍ପନ୍ନ



ହୋଇଛି। ଏହା ମୁଖ୍ୟମନ୍ତ୍ରୀଙ୍କ ଏକ ସାମାଜିକ କଲ୍ୟାଣକାରୀ ଯୋଜନା। ଆଜି ଯେଉଁମାନେ ବିବାହ କରିଛନ୍ତି, ସେମାନେ ସମସ୍ତେ ଏକ ବିଶେଷ ମୁହୂର୍ତ୍ତର ସାକ୍ଷୀ ହୋଇପାରିଛନ୍ତି। ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି ନବ ଦମ୍ପତି ଏକା ସାଙ୍ଗେ ହାତଧରି ଆଗକୁ ବଢିବା ସହ ଚଲାପଥ କୁସୁମିତ ହେଉ ବୋଲି ଜିଲ୍ଲାପାଳ ପ୍ରାର୍ଥନା କରିଥିଲେ। ପୂର୍ବରୁ ଅନୁସୂଚିତ ଜାତି, ଜନଜାତି, ରାସନ କାର୍ଡଧାରୀ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗୋଷ୍ଠୀ, ନିର୍ଦ୍ଦିଷ୍ଟ ଦୁର୍ବଳ ଜନଜାତି ଗୋଷ୍ଠୀ, ବିଧବା, ଦିବ୍ୟାଙ୍ଗଙ୍କ ମଧ୍ୟରୁ ବିବାହ ପାଇଁ ୬୦ ଯୋଡ଼ି ବରକନ୍ୟାଙ୍କୁ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଥିଲା। ସକାଳ ୮ ଟାରେ ବର କନ୍ୟାଙ୍କ ପଞ୍ଜୀକରଣ ହେବା ପରେ ବିବାହ କର୍ମ ଆରମ୍ଭ ହୋଇଥିଲା। ୯.୩୦ ରେ ବାଜା ରୋଷଣୀ ସହ ସମସ୍ତ ବରଙ୍କୁ ନେଇ ସମ୍ପର୍କୀୟ ଏବଂ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଏକ ବରଯାତ୍ରୀ ଶୋଭାଯାତ୍ରା କରିଥିଲେ। ନୃତ୍ୟ ବାଦ୍ୟର ତାଳେ ତାଳେ ସମସ୍ତେ ଖୁସିରେ ଏହି ବିଶେଷ ମୁହୂର୍ତ୍ତକୁ ସ୍ମରଣୀୟ କରିଥିଲେ। ପଣ୍ଡିତମାନଙ୍କ ମନ୍ତ୍ର ଧ୍ୱନିରେ ଏବଂ ମାଆମାନଙ୍କ ହୁଳୁହୁଳିରେ ସୃଷ୍ଟି ହୋଇଥିଲା ଏକ ଅପୂର୍ବ ପରିବେଶ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ,ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପାର୍ବତୀ ସାହୁ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶରତ ପାତ୍ର, କୋରେଇ ବିଡ଼ିଓ ଅବନିକାନ୍ତ ସାହୁ ଏବଂ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଯୋଗ ଦେଇ ନବଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ। ଏହି କନ୍ୟା ବିବାହ ଯୋଜନାରେ ବିବାହ କରିଥିବା ସମସ୍ତ କନ୍ୟାମାନଙ୍କୁ ୬୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ମନ୍ଦିର ପରିସରରେ ପୋଲିସ ଫୋର୍ସ, ଅଗ୍ନିଶମ କର୍ମଚାରୀ ଓ ଆମ୍ବୁଲାନ୍ସ ମୁତୟନ କରାଯାଇଥିଲା।

# ପୁରୋହିତଙ୍କ ୩ ମୋବାଇଲ ଚୋରି

ଭାପୁର(ନିପ୍ର): ଭାପୁର ବ୍ଲକ ଗୋଳାପୋଖରୀ ପଂଚାୟତ ଅନ୍ତର୍ଗତ ନୀଳକଣ୍ଠପ୍ରସାଦ ଗ୍ରାମରେ ଚାଲିଥିବା ବାବା ନୀଳକଣ୍ଠେଶ୍ୱରଙ୍କ ଦ୍ୱିତୀୟ ବାର୍ଷିକ ଉତ୍ସବର ଉଦଯାପନୀ ଦିବସରେ କେଉଁ ଦୁର୍ବୃତ୍ତ ଘରେ ପଶି ୩ଟି ମୋବାଇଲ ଚୋରି କରିଥିବା ନେଇ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଦ୍ୱିତୀୟ ବାର୍ଷିକ ହୋମଯଜ୍ଞ କରିବା ପାଇଁ ବାହାରୁ ଆସିଥିବା ୪ଜଣ ପୁରୋହିତ ଦିନବେଳେ ପୂଜା କାର୍ଯ୍ୟ ସାରି ରାତ୍ରିରେ ଗ୍ରାମ ତରଫରୁ ତାଙ୍କୁ ସ୍ୱତନ୍ତ୍ର ଘର ବିଶ୍ରାମ ପାଇଁ ଦିଆଯାଇଥିଲା। ଉଦଯାପନୀ ଦିବସ ସୋମବାର ପୂଜାକାର୍ଯ୍ୟ ସାରି ରାତ୍ର ୧୧ ଘଟିକା ସମୟରେ କବାଟ ଖୋଲା ରଖି ବିଶ୍ରାମ ନେଇଥିଲେ ଏବଂ ଯଜ୍ଞ ସ୍ଥଳୀରେ ଡ୍ରାମା ମଧ୍ୟ ଚାଲିଥିଲା । ଏହି ସୁଯୋଗରେ କେଉଁ ଦୁର୍ବୃତ୍ତ ଘରେ ପଶି ପୁରୋହିତଙ୍କ ୩ ମୋବାଇଲ ନେଇ ପଳାୟନ କରିଥିଲା । ପୁରୋହିତମାନେ ରାତ୍ରି ୩ଘଟିକାରେ ଉଠି ଦେଖିଲେ ସେମାନଙ୍କର ମୋବାଇଲ ନାହିଁ, ଚୋରି ହୋଇଯାଇଛି । ଏହି ଖବର ଗ୍ରାମବାସୀଙ୍କୁ ଜଣାଇବା ପରେ ଗ୍ରାମର ସରପଞ୍ଚ ଅନିଲ କୁମାର ବୈରୀଗଞ୍ଜନ ଗ୍ରାମ ସମୂହର ସାହାଯ୍ୟ ନେଇ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।




ରାଉରକେଲା ଜନଜାତି ସଂଗ୍ରହାଳୟ ବୁଲି ଦେଖିଲେ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନେ (ଫଟୋ-ଦିନଲିପି)

# 'ସମ୍ବିଧାନର ୧୦ମ ଅନୁଚ୍ଛେଦକୁ ଆହୁରି ପ୍ରଭାବଶାଳୀ କରିବାକୁ ପଡ଼ିବ'

ଭୁବନେଶ୍ୱର, ୨୧।୪(ନିପ୍ର): ଭାରତୀୟ ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ବିଧାନସଭା ଅଧ୍ୟକ୍ଷଙ୍କ କ୍ଷମତା ଓ ଦାୟିତ୍ୱର ସମୀକ୍ଷା ପାଇଁ ପୁରୀଠାରେ ବାଚସ୍ପତି କମିଟି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ରାହୁଲ ସୁରେଶ ନରୱେକର ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଓଡ଼ିଶାର ବାଚସ୍ପତି ସୁରମା ପାଢ଼ୀ କହିଥିଲେ ଯେ ସମ୍ବିଧାନ ବିଶେଷଜ୍ଞ ତଥା ଆଇନର ବିଶାରଦମାନଙ୍କୁ ନେଇ କମିଟି




ଗଠନ କରାଯାଇ ଏସବୁ ଆହ୍ୱାନର ମୁକାବିଲା ଦିଗରେ କାର୍ଯ୍ୟ କରିବା ଉଚିତ । ଆଗାମୀ ଦିନରେ ଏହାକୁ କିପରି ଗଣତାନ୍ତ୍ରିକ ପରମ୍ପରାରେ ସୁରକ୍ଷିତ ରଖାଯାଇ ପାରିବ ଏ ଦିଗରେ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ବିଧାନ ବିଶେଷଜ୍ଞ ତଥା ମହାରାଷ୍ଟ୍ରର ପୂର୍ବତନ ମହାଧିବକ୍ତା ହରି ଜୀ ଆନେ ଏବଂ ଓଡ଼ିଶାର ମହାଧିବକ୍ତା ପୀତାମ୍ବର ଆଚାର୍ଯ୍ୟ ସମ୍ବିଧାନର ୧୦ମ ଅନୁସୂଚୀ ଅନୁଯାୟୀ ଦଳବଦଳ ନିୟମକୁ କିପରି କଠୋର ଭାବରେ ଲାଗୁ କରାଯାଇ ପାରିବ ଏବଂ ଏହାର ଭବିଷ୍ୟତର ରୂପରେଖ କିଭଳି ଭାବରେ ଜନସାଧାରଣଙ୍କର ଆସ୍ଥା ଓ ଜନପ୍ରତିନିଧିମାନଙ୍କର ଭୂମିକାକୁ ନିଶ୍ଚିତ କରିବ ସେ ସମ୍ପର୍କରେ ଆଇନଗତ ତର୍ଜମା କରିଥିଲେ । ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ସ୍ୱାଗତ ସୂଚନା ପ୍ରଦାନ କରିଥିଲେ । ଲୋକସଭା ସଚିବାଳୟର ନିର୍ଦ୍ଦେଶକ ଅଜୟ ସୁଦ୍, ନିର୍ଦ୍ଦେଶକ (କନଫରେନ୍ସ ଓ ପ୍ରୋଟୋକଲ ଶାଖା) ୟୁମନାମ୍ ଅରୁଣ କୁମାର ଯୋଗ ଦେଇଥିଲେ। କମିଟିର ଅଧ୍ୟକ୍ଷ ତଥା ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ରାହୁଲ ସୁରେଶ ନରୱେକର, ଓଡ଼ିଶାର ବାଚସ୍ପତି ସୁରମା ପାଢ଼ୀ, କର୍ଣ୍ଣାଟକର ବାଚସ୍ପତି ୟୁ.ଟି. ଖାଦିର ଫରିଦ୍, ନାଗାଲାଣ୍ଡର ବାଚସ୍ପତି ସାରିଙ୍ଗେନ୍ ଲଙ୍ଗକୁମେର୍ କହିଥିଲେ ଯେ, ସମ୍ବିଧାନର ୧୦ମ ଅନୁଚ୍ଛେଦକୁ ଆହୁରି ପ୍ରଭାବଶାଳୀ କରିବାକୁ ପଡ଼ିବ ।

## ପରିବାର ସଦସ୍ୟଙ୍କୁ ବାନ୍ଧି ଘରେ ନିଆଁ ଲଗେଇଲେ ଦୁର୍ବୃତ୍ତ

ନିମାପଡ଼ା, ୨୧।୪(ନିପ୍ର): ସଲଙ୍ଗ ଗ୍ରାମ ପଂଚାୟତର ଛବାଟିଆ ଗ୍ରାମର ଗୁଣନିଧି ସ୍ୱାଇଁଙ୍କ ଘରେ ୬ ଜଣ ଦୁର୍ବୃତ୍ତ ସୋମବାର ବିଳମ୍ବିତ ରାତିରେ ଜବରଦସ୍ତ ପଶି ପରିବାରବର୍ଗଙ୍କୁ ବାନ୍ଧି ଦେଇ ଘରେ ନିଆଁ ଲଗାଇ ଦେଇଥିବା ଗୁଣନିଧିଙ୍କ ପୁଅ ଆଲୋକ ସ୍ୱାଇଁ ଲିଖିତ ଅଭିଯୋଗ କରିଛନ୍ତି । ନିଆଁ ଲାଗିବା ସମୟରେ ପଡ଼ୋଶୀମାନେ ଉଠି ଥାନା ଓ ଅଗ୍ନିଶମ ସେବାକେନ୍ଦ୍ରକୁ ଖବର ଦେବାରୁ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ସେତେବେଳକୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ । ମଙ୍ଗଳବାର ପୋଲିସ ଘଟଣା ସଂପର୍କରେ ମୋକଦ୍ଦମା ରୁଜୁକରି ତଦନ୍ତ ପ୍ରକିୟାକୁ ଜୋରଦାର କରିଥିବା ଜଣାପଡ଼ିଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହା ଘଟିଥିବା ସୂଚନା ମିଳିଛି ।

## ୪୭ ବ୍ୟକ୍ତିଙ୍କ ଫୋନ ଫେରାଇଲେ ଏସ୍‌ପି

କେନ୍ଦ୍ରାପଡ଼ା, ୨୧/୪(ନିପ୍ର): ସାମ୍ବାଦିକ ସମ୍ମିଳନୀ କରି ୪୭ ଜଣଙ୍କ ମୋବାଇଲ ଫୋନ ଫେରାଇଲେ କେନ୍ଦ୍ରାପଡ଼ା ଏସପି ସିଦ୍ଧାର୍ଥ କଟାରୀୟା । କେନ୍ଦ୍ରାପଡ଼ା ଜିଲ୍ଲାରେ ବିଭିନ୍ନ ଲୋକଙ୍କର ଦୀର୍ଘ ୨ ବର୍ଷରୁ ଅଧିକ ଦିନ ହୋଇଯିବ ହଜିଯାଇଥିବା ମୋବାଇଲ ଫୋନକୁ କେନ୍ଦ୍ରାପଡ଼ା ପୋଲିସ ଟ୍ରାକକରି ଆଜି ସେହି ଲୋକମାନଙ୍କୁ ଫେରାଇଛନ୍ତି । ରାଜ୍ୟ ସରକାରଙ୍କ ସଂଚାର ସାଥି ଆପ ମାଧମରେରେ ଲୋକଙ୍କ ହଜିଯାଇଥିବା ମୋବାଇଲ ଫୋନକୁ ଲୋକେସନ ଟ୍ରାକ କରି ବିଭିନ୍ନ ସ୍ଥାନରୁ ଫୋନ ଗୁଡିକୁ ସଂଗ୍ରହ କରିଥିଲା ପୋଲିସ । ଏହାପରେ ଫୋନର ପ୍ରକୃତ ମାଲିକମାନଙ୍କୁ ଖୋଜି ସେମାନଙ୍କ ମୋବାଇଲ ଫୋନ ସେମାନଙ୍କୁ ହସ୍ତାନ୍ତର କରିଛନ୍ତି ।

# ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ: ଆଗରପଡ଼ା କେସିଭିଏମ୍ ସ୍କୁଲ ଚାମ୍ପିଅନ

ଧାମନଗର, ୨୧।୪(ନିପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଦୋବଲ କାଳୀ ପଡ଼ିଆଠାରେ ଅନୁଷ୍ଠିତ ହେଉଥିବା ଦ୍ୱିତୀୟ ସଂସ୍କରଣ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଶୁକ୍ରବାର ଅନୁଷ୍ଠିତ ଏହି ଫାଇନାଲ ମ୍ୟାଚରେ ଆଗରପଡ଼ାର କେସିଭିଏମ୍ ସ୍କୁଲ ବିଜୟୀ ହୋଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ଟୁର୍ଣ୍ଣାମେଣ୍ଟର ଶେଷ ତଥା ନିର୍ଣ୍ଣାୟକ ମ୍ୟାଚ ଆଗରପଡ଼ା କେସିଭିଏମ୍ ସ୍କୁଲ ଏବଂ ଚାନ୍ଦବାଲି ଏନ୍‌ଏସି ମଧ୍ୟରେ ଖେଳାଯାଇଥିଲା । ଖେଳର ପ୍ରଥମାର୍ଦ୍ଧରୁ ହିଁ ଉଭୟ ଦଳ ପରସ୍ପରକୁ କଡ଼ା ଟକ୍କର ଦେଇଥିଲେ । ତେବେ କେସିଭିଏମ୍ ସ୍କୁଲର ଖେଳାଳିମାନେ ଉନ୍ନତ ପ୍ରଦର୍ଶନ କରି ପ୍ରତିପକ୍ଷ ଚାନ୍ଦବାଲି ଦଳକୁ ୧-୦ ଗୋଲରେ



ପରାସ୍ତ କରିଥିଲେ । ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ଚାନ୍ଦବାଲି ଏନ୍‌ଏସି ଗୋଲ ପରିଶୋଧ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ । ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାୟ, ଜିଲ୍ଲା କ୍ରୀଡା ଅଧିକାରୀ ଦେବବ୍ରତ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଧାମନଗର ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ଧାମନଗର ବିଡିଓ ବନବିହାରୀ ଦିଣ୍ଡା, ଏନଏସି ଅଧିକାରି ସନ୍ତୋଷ ନାୟକ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଟ୍ରଫିର ଉଦ୍ଦେଶ୍ୟ ସମ୍ପର୍କରେ ଖେଳାଳିଙ୍କୁ କହିଥିଲେ । ପରେ ବିଜୟୀ କେସିଭିଏମ ସ୍କୁଲକୁ ଚାମ୍ପିଅନ ଟ୍ରଫି ଏବଂ ରନର୍ସ ଅପ୍ ଚାନ୍ଦବାଲି ଏନ୍‌ଏସି ଦଳକୁ ରନର୍ସ ଅପ୍ କପ୍ ପ୍ରଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ ରେ ଭଦ୍ରକ ଜିଲ୍ଲା ସୁଚନା ଅଧିକାରୀ ଦିନ ୨ ବେଳେ ସାମ୍ବାଦିକଙ୍କୁ ସୁଚନା ଦେଇ ଥିଲେ ।

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ୨୨ କନ୍ୟାଙ୍କର ବିବାହ ସମ୍ପନ୍ନ



ନୟାଗଡ଼, ୨୧/୪(ନିପ୍ର): ନୟାଗଡ଼ରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ୨୨ ଜଣ କନ୍ୟାଙ୍କର ବିବାହ ସମ୍ପନ୍ନ ହୋଇଯାଇଛି । ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ଥାନୀୟ ପଠାଣି ସାମନ୍ତ ସଂସ୍କୃତି ଭବନ ପରିସରରେ ଆଡମ୍ବର ପୂର୍ଣ୍ଣ ପରିବେଶରେ ଜିଲ୍ଲାର ଆଠ ବ୍ଲକରୁ ଆସିଥିବା ୨୨ଜଣ ଆର୍ଥିକ ଅନଗ୍ରସରବର୍ଗର କନ୍ୟାମାନଙ୍କୁ ସରକାରୀ ସ୍ତରରେ ବିବାହ କରାଯାଇଛି । ଏହି ବିବାହ କାର୍ଯ୍ୟ ସମ୍ପାଦନ ପାଇଁ ଜିଲ୍ଲାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବାକୁ ଦାୟୀତ୍ୱ ପ୍ରଦାନ କରାଯାଇଛି । ସେବାଦ୍ୱାରା ପଠାଣି ସାମନ୍ତ ସଂସ୍କୃତି ଭବନକୁ ଆକର୍ଷଣୀୟ ଭାବେ ସାଜସଜା କରାଯାଇଥିଲା । କନ୍ୟାବିବାହ ପାଇଁ ୨୨ଟି ବେଦୀ ପ୍ରସ୍ତୁତ କରାଯାଇ ସେହି ପରିମାଣର ହୋମକୁଣ୍ଡ ପ୍ରସ୍ତୁତ କରାଯାଇଥିଲା । ୨୨ଜଣ ପୁରୋହିତଙ୍କ ବୈଦିକ ମନ୍ତ୍ର ଉଚ୍ଚାରଣ ଓ ମଙ୍ଗଳ ବାଦ୍ୟରେ ବିବାହ ଅନୁଷ୍ଠିତ ହୋଇଥିଲା । ସକାଳ ୮ଟାରୁ ଆରମ୍ଭ ହୋଇଥିବା ଏହି ସାମୂହିକ ବିବାହ କାର୍ଯ୍ୟ ୧୨ଟା ପର୍ଯ୍ୟନ୍ତ ଚାଲିଥିଲା । ଜିଲ୍ଲାପାଳ ମଧୁମିତା ରଥଙ୍କ ମାର୍ଗଦର୍ଶନରେ ବିବାହ କାର୍ଯ୍ୟ ହୋଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ରୂପେ ଖଣ୍ଡପଡ଼ାର ବିଧାୟକ ତଥା ନୟାଗଡ଼ ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇଥିଲେ ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ଦାବିପତ୍ର ପ୍ରଦାନ



ନିମାପଡ଼ା, ୨୧।୪ (ନିପ୍ର): ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଅନେକ କଲ୍ୟାଣ ମୂଳକ ଯୋଜନା ପ୍ରଣୟନ କରିଥିବା ବେଳେ କେତେକ ପଦସ୍ଥ ଅଧିକାରୀ ତାହା କାର୍ଯ୍ୟକାରୀ କରିବାରେ ଅଯଥା ବିଳମ୍ବ ସୃଷ୍ଟି କରୁଛନ୍ତି । ଏହାର ସ୍ଥାୟୀ ସମାଧାନ ନିମନ୍ତେ ନିମାପଡ଼ା ବ୍ଲକ୍ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ଦେଶ୍ୟରେ ୧୦ ଦଫା ଦାବିପତ୍ର ସ୍ଥାନୀୟ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ପ୍ରଦାନ କରିଥିଲେ । ତତ୍ ସହିତ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଦାବି ପତ୍ରର ଏକ ନକଲ ବିଡ଼ିଓଙ୍କ ମାଧ୍ୟମରେ ପଠାଇ ଥିଲା । ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ଆହ୍ୱାନକ୍ରମେ ନିମାପଡ଼ା ବ୍ଲକ୍ ଶାଖା ପକ୍ଷରୁ ଦାବି ଗୁଡ଼ିକ ସଂପର୍କରେ ଆଲୋଚନା କରାଯାଇ ରାଜ୍ୟ/କେନ୍ଦ୍ର ସରକାରଙ୍କୁ ବିଚାର ନିମନ୍ତେ ପଠା ଯାଇଥିଲା । କେନ୍ଦ୍ର ଅନୁରୂପ ଚିକିତ୍ସା ଭତା, ସ୍ୱାସ୍ଥ୍ୟ ସେବା ସୁବିଧା ଦେବା, ରେଳ ଯାତ୍ରାରେ ରିହାତି ସହ ମୋ ବସ୍‌ରେ ରହିତା ପ୍ରଦାନ, ନୂଆ ପେନସନ ଯୋଜନା ବଦଳରେ ପୁରୁଣା ପେନସନ ଲାଗୁ, ପେନସନ ନିର୍ଦ୍ଧାରଣରେ ଥିବା ତ୍ରୁଟିକୁ ପେମାଟ୍ରିକ୍ସ ଆଧାରରେ ସଂଶୋଧନ କରିବା, ଅତିରିକ୍ତ ପେନସନ ପ୍ରତି ୫୮ ବର୍ଷରେ ୫ ପ୍ରତିଶତ ହାରରେ ୬୫ ବର୍ଷ ବୟସରୁ ଲାଗୁ ଆଦି ଦାବି ଗୁଡ଼ିକ ମଧ୍ୟରୁ ଅନ୍ୟତମ । ବ୍ଲକ୍ ସଭାପତି ରାଜେନ୍ଦ୍ର କୁମାର ମହାନ୍ତି, ସଂପାଦକ ମଧୁସୂଦନ ବେହେରା, ଉପଦେଷ୍ଟା କାହ୍ନୁ ଚରଣ ସାହୁ, ଉପ-ସଭାପତି ଶ୍ୟାମ ସୁନ୍ଦର ଦେଓ, ଯୁଗ୍ମ ସଂପାଦକ ପଦ୍ମ ଚରଣ ଜେନା, କୋଷାଧ୍ୟକ୍ଷ ବିଶ୍ୱନାଥ ମଲ୍ଲିକ, ସୁଦର୍ଶନ ଓଝା ପ୍ରମୁଖ ପ୍ରମୁଖ ପ୍ରତିନିଧି ମଣ୍ଡଳୀରେ ପାଇ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।



ରାଉରକେଲା: ରାଷ୍ଟ୍ରପତିଙ୍କୁ ବିମାନବନ୍ଦରରୁ ପାଛୋଟି ନେଲେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ (ଫଟୋ-ଦିନଲିପି)

# ବଢୁଛି ବନ୍ୟଜନ୍ତୁଙ୍କ ଆତଙ୍କ

## କେବେ ଚେତିବ ବନ ବିଭାଗ

ନିରାକାରପୁର, ୨୧/୪(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବନାଞ୍ଚଳ ଅଧୀନରେ ଥିବା ନିରାକାରପୁର ଅଞ୍ଚଳ ଏବେ ମାଙ୍କଡମାନଙ୍କ ଅବାଧ ରାଜ୍ । ଦିନକୁ ଦିନ ମାଙ୍କଡ ଆକ୍ରମଣ ବଢୁଥିବା ବେଳେ ପ୍ରଶାସନର ନିଷ୍କ୍ରିୟତାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସଦ୍ୟ ପ୍ରାପ୍ତ ସୂଚନା ଅନୁଯାୟୀ, ମାଙ୍କଡ କାମୁଡାରେ ପୁଣି ଜଣେ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି । ନିରାକାରପୁର ମଞ୍ଜାରିଆପାଟଣା ଗ୍ରାମର ଧ୍ୱଜ ବାରିକ (୬୫) ଆଜି ନିଜ ଘରୁ ବାହାରକୁ ଆସୁଥିବା ସମୟରେ ଅତର୍କିତ ଭାବେ ଏକ ମାଙ୍କଡ ତାଙ୍କୁ ଆକ୍ରମଣ କରିଥିଲା । ଏହି କାମୁଡାରେ ସେ ରକ୍ତାକ୍ତ ହୋଇଥିବା ବେଳେ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସୂଚନାଯୋଗ୍ୟ ଯେ, ଏହା କୌଣସି ନୂଆ ଘଟଣା ନୁହେଁ । ପୂର୍ବରୁ ଏହି ଅଞ୍ଚଳରେ ମାଙ୍କଡ ଆକ୍ରମଣରେ ୪୦ରୁ ଅଧିକ ଲୋକ ଶିକାର ହୋଇ ଗୁରୁତର ଆହତ ହୋଇସାରିଲେଣି । କିନ୍ତୁ ବିସ୍ମୟର ବିଷୟ ହେଉଛି, ବାରମ୍ୱାର ଅଭିଯୋଗ ସତ୍ତ୍ୱେ ବନ ବିଭାଗ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁନାହିଁ । ଲୋକେ ଏବେ ନିଜ ଘରୁ ବାହାରକୁ ବାହାରିବାକୁ ଭୟ କରୁଛନ୍ତି । ମାଙ୍କଡମାନେ ଛାତ ଉପରେ, ବାଡି-ବଗିଚାରେ ଏବଂ ଏପରିକି ଘର ଭିତରେ ପଶି ଆତଙ୍କ ସୃଷ୍ଟି କରୁଛନ୍ତି । ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧାଙ୍କ ପର୍ଯ୍ୟନ୍ତ କେହି ବି ସୁରକ୍ଷିତ ନୁହଁନ୍ତି । ବନ ବିଭାଗର ଏଭଳି ଉଦାସୀନ ମନୋଭାବକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ବନବିଭାଗ କେବେ ଚେତିବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ଯଦି ତୁରନ୍ତ ଏହି ମାଙ୍କଡମାନଙ୍କୁ ଧରା ନଯାଏ କିମ୍ବା ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ନକରାଯାଏ, ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇ ବୃହତ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ଜୁନ୍ ୨୯ରେ ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା



ପୁରୀ, ୨୧/୪(ନିପ୍ର): ଆସନ୍ତା ଜୁନ ୨୯ ସୋମବାର ଦେବସ୍ନାନ ପୂର୍ଣ୍ଣିମା । ସ୍ନାନବେଦୀରେ ଶ୍ରୀଅଙ୍ଗେ ୧୦୮ ଗରା ଜଳ ଲାଗି ପରେ ହାତୀ (ଗଜାନନ) ବେଶରେ ଉଭା ହେବେ ଦାରୁବ୍ରହ୍ମ । ଏଣୁ ଅକ୍ଷୟ ତୃତୀୟାରେ ଅନୁକୂଳ କରାଯାଇ ହାତୀ ବେଶ ପ୍ରସ୍ତୁତି ଆରମ୍ଭ ହୋଇଛି । ରାଘବ ଦାସ ଓ ଗୋପାଳ ତୀର୍ଥ ମଠରେ ପାରମ୍ପରିକ ଭାବେ ସମସ୍ତ ବେଶ ସାମଗ୍ରୀ ରଖି ପୂଜାର୍ଚ୍ଚନା କରାଯାଇଛି । ଦୟଣାମାଳି ସେବକ ବସନ୍ତ କୁମାର ରଣାଙ୍କ ତତ୍ତ୍ୱାବଧାନରେ ଶୁଦ୍ଧପୂତ ଭାବେ ରହି କାରିଗରମାନେ ବେଶ ତିଆରି ଆରମ୍ଭ କରିଛନ୍ତି । ଶ୍ରୀ ରଣା କୁହନ୍ତି, ପରମ୍ପରା ଅନୁସାରେ ବାଲିସାହିସ୍ଥିତ ଗୋପାଳତୀର୍ଥ ମଠ ବଡ଼ଠାକୁର ଶ୍ରୀବଳଭଦ୍ର, ଶ୍ରୀସୁଦର୍ଶନଙ୍କ ବେଶ ଓ ରାଘବ ଦାସ ମଠ ପକ୍ଷରୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଦେବୀ ମା'ସୁଭଦ୍ରାଙ୍କର ବେଶ ଯୋଗାନ୍ତି । ଆଜି ଉଭୟ ମଠର ଆରାଧ୍ୟ ଦେବଦେବୀଙ୍କ ସମ୍ମୁଖରେ ସମସ୍ତ ବେଶ ସାମଗ୍ରୀ ରଖି ପୂଜା କରାଯାଇଥିଲା । କାରିଗରମାନେ ସଂକଳ୍ପ କରିଥିଲେ । ସୋଲ, ପଟ, ଛୁରି, କଇଁଚି, ଲାଲ୍ କନା, ଛୁଞ୍ଚି ଆଦି ବେଶ ସାମଗ୍ରୀ ପୂଜାରେ ବସିଥିଲା । ବ୍ରାହ୍ମଣ ପୂଜା କରିବା ପରେ କାରିଗରମାନେ ପୁଷ୍ପାଞ୍ଜଳି ଦେଇ ଠାକୁରଙ୍କ ବେଶ କାମର ଶୁଭାରମ୍ଭ ହୋଇଥିଲା । ବେଶ କାରିଗର ସତ୍ୟ ନାରାୟଣ ବେହେରା, ସନ୍ତୋଷ କୁମାର ମିଶ୍ରଙ୍କ ସମେତ ଦର୍ଜୀ ସେବକ ଲୋକନାଥ ମହାପାତ୍ର ଓ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ଚୌଦ୍ୱାର ଜେଲ୍‌ରୁ ଫେରାର ଘଟଣା

## ମଧୁକାନ୍ତ ବିରୋଧରେ ଚାର୍ଜସିଟ୍ ଦାଖଲ



କଟକ, ୨୧/୦୪: ଚୌଦ୍ୱାର ସର୍କଲ ଜେଲ୍‌ରୁ ଫେରାର୍ ପରେ ପୁଣି ଗିରଫ ହୋଇଥିବା ବିହାରର ଦୁର୍ଦ୍ଦାନ୍ତ ଅପରାଧୀ ମଧୁକାନ୍ତ ରାଣା ବିରୋଧରେ ପ୍ରାଥମିକ ଚାର୍ଜସିଟ୍ ଦାଖଲ ହୋଇଛି । ଚୌଦ୍ୱାର ଥାନା ପୁଲିସ ଗତ ସପ୍ତାହରେ ଏହି ଚାର୍ଜସିଟ୍ ଦାଖଲ କରିଛି । ଅନ୍ୟପକ୍ଷରେ ଏହି ଘଟଣାର ଅନ୍ୟତମ ଅଭିଯୁକ୍ତ ତଥା ଗତ ୧ ତାରିଖରେ ଗିରଫ ହୋଇଥିବା ରାଜା ସାହାଣୀ ନେଇ ତଦନ୍ତ ଜାରି ରହିଛି । ଏହି ତଦନ୍ତ ଶେଷ ହେବା ପରେ ପୂର୍ଣ୍ଣାଙ୍ଗ ଚାର୍ଜସିଟ୍ ଦାଖଲ ହେବ । ସେଥିପାଇଁ ରାଜାକୁ ରିମାଣ୍ଡରେ ଆଣି ବାକି ତଦନ୍ତ ଶେଷ କରିବାକୁ ଚୌଦ୍ୱାର ଥାନା ପୁଲିସ ପ୍ରକ୍ରିୟା ଆରମ୍ଭ କରିଛି । ସମ୍ଭବତଃ ଏଇ ସପ୍ତାହରେ ହିଁ ରାଜାକୁ ରିମାଣ୍ଡରେ ଆଣିବା ପାଇଁ କୋର୍ଟରେ ଆବେଦନ କରାଯିବ ବୋଲି ସୂଚନା ମିଳିଛି ।

## ଘରୁ କଳାକାନା ବୁଲାଇଲେ ଦୁର୍ବୃତ୍ତ

ନିରାକାରପୁର, ୨୧/୪(ନିପ୍ର): ନିରାକାରପୁର ଥାନା ଅନ୍ତର୍ଗତ ଡିଆ ଗ୍ରାମରେ ଏକ ବଡ଼ଧରଣର ଚୋରି ହୋଇଥିବା ଅଭିଯୋଗ ହୋଇଛି । ଦୁର୍ବୃତ୍ତମାନେ ଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ନଗଦ ଟଙ୍କା ଲୁଟି ନେଇଥିବା ନେଇ ଗ୍ରାମର ଜ୍ୟୋତି ରଞ୍ଜନ ମହାପାତ୍ର ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି । ଅଭିଯୋଗ ଅନୁଯାୟୀ, ଗତ ଏପ୍ରିଲ ୨୦ ତାରିଖ ରାତିରେ ଜ୍ୟୋତି ରଞ୍ଜନ ଓ ତାଙ୍କ ପରିବାର ସଦସ୍ୟ ଖାଇସାରି ଶୋଇବାକୁ ଯାଇଥିଲେ । ରାତି ପ୍ରାୟ ୧ଟାରୁ ୩ଟା ମଧ୍ୟରେ କେହି ଦୁର୍ବୃତ୍ତ ଘର ଭିତରକୁ ପଶି ଗୋଟିଏ ରୁମକୁ ବାହାର ପଟୁ ବନ୍ଦ କରିଦେଇଥିଲେ । ପରେ ଅନ୍ୟ ଏକ ରୁମରେ ଥିବା ଆଲମିରା ଓ ସିନ୍ଦୁକର ଲକ୍ ଭାଙ୍ଗି ସମସ୍ତ ସୁନା ଅଳଙ୍କାର ଓ ଟଙ୍କା ଲୁଟି ନେଇଥିଲେ । ଲୁଟ୍ ହୋଇଥିବା ସାମଗ୍ରୀ ମଧ୍ୟରେ ପ୍ରାୟ ୭୦ ଗ୍ରାମ ଓଜନର ସୁନା ଗହଣା (ହାର, କାନଫୁଲ, ମୁଦି ଓ ଚେନ୍), ନଗଦ ୫୦,୦୦୦ ଟଙ୍କା ଓ ଅନ୍ୟାନ୍ୟ କାଗଜପତ୍ର ଓ ରୁପା ଅଳଙ୍କାର ରହିଛି ।

## ମା' କଳାପାଟ କ୍ରିକେଟ ବଜରଙ୍ଗୀ ଟିମ୍ ଚାମ୍ପିଅନ



କୃଷ୍ଣପ୍ରସାଦ, ୨୧/୪(ନିପ୍ର): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସିଆଳ ପଞ୍ଚାୟତର କହ୍ନେଇପୁର ମା' କଳାପାଟ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ଅଷ୍ଟମ ବାର୍ଷିକ ବ୍ଲକସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବଜରଙ୍ଗୀ କ୍ରିକେଟ ଟିମ ଚାମ୍ପିଅନ ହୋଇଛି । ଏହି ଦିବସର ଖେଳ ଜଗତେଶ୍ୱର କ୍ରିକେଟ ଟିମ୍ ସିଆଣ୍ଡି ବନାମ ଅଞ୍ଚଳର ବିଭିନ୍ନ ସ୍ଥାନରୁ ଖେଳାଳି ମାନଙ୍କୁ ଗଠିତ ବଜରଙ୍ଗୀ କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବଜରଙ୍ଗୀ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର ଖେଳି ୫୨ ରନ ସଂଗ୍ରହ କରିଥିବା ବେଳେ ଜବାବରେ ସିଆଣ୍ଡି ଦଳ ଆବଶ୍ୟକ ରନ ସଂଗ୍ରହ ନ କରିପାରି ପରାଜୟ ହୋଇଥିଲା । ଅମୁଲ୍ୟ କୁମାର ଦଳେଇ, ସଂଗ୍ରାମ କୁମାର ନାୟକ ଖେଳ ପରିଚାଳନା କରୁଥିବା ବେଳେ ରଞ୍ଜନ କୁମାର ଦଳେଇ ଧାରା ବିବରଣୀ ଏବଂ କଳିଙ୍ଗ ଦାସ ସ୍କୋର ବୋର୍ଡ଼ରେ ସହଯୋଗ କରିଥିଲେ ।

## ବିବାହ କଲେ ୬୭ ବର କନ୍ୟା

ପୁରୀ, ୨୧/୪(ନିପ୍ର): ପୁରୀ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ସମାରୋହ ବଗଲା ଧର୍ମଶାଳା ପରିସରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୬୭ ବର କନ୍ୟା ବିବାହ ସୂତ୍ରରେ ଆବଦ୍ଧ ହୋଇଥିଲେ । ଏହି ଉପଲକ୍ଷେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଭିଡିଓ ବାର୍ତ୍ତା ମାଧ୍ୟମରେ ଯୋଗ ଦେଇ ପୁରୀ ଲୋକସଭା ସାଂସଦ ଡ. ସମ୍ବିତ ପାତ୍ର ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଏକ ଐତିହାସିକ ଯୋଜନା ବୋଲି କହିଥିଲେ । ଅନେକ ଗରିବ ଓ ଅସହାୟ ପରିବାରରେ କନ୍ୟା ବିବାହ ଏକ କଷ୍ଟ ଦାୟକ ବ୍ୟାପାର ହୋଇଥାଏ । ଆର୍ଥିକ ଦୃଷ୍ଟି କୋଣରୁ ଅନେକ କନ୍ୟା ବିବାହରୁ ବଞ୍ଚିତ ହୋଇଥାନ୍ତି । କିନ୍ତୁ ସରକାରଙ୍କର ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ସେମାନଙ୍କ ପାଇଁ ବରଦାନ ସଦୃଶ୍ୟ ହୋଇଛି ବୋଲି ସେ କହିବା ସହ ସମସ୍ତ ନବ ଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ଏହି ଯୋଜନା ମାଧ୍ୟମରେ ଆର୍ଥିକ ଦୁର୍ବଳ, ଗରିବ ଓ ଅସହାୟ ପରିବାର କେବଳ ଉପକୃତ ହେବେ ନାହିଁ ବରଂ ଏକ ନୂଆ ପରିବାର ଘର ଓ ପରିବାର ବସାଇବାର ସ୍ୱପ୍ନକୁ ସାକାର କରି ପାରିବେ ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ